

କିଆରାଙ୍କ ପାଇଁ ଯଶଙ୍କ ନିଷ୍ପତ୍ତି

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-355 ◆BHUBANESWAR ◆MONDAY ◆23 JUNE 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୫୫ ◆ଭୁବନେଶ୍ୱର ◆ସୋମବାର ◆୨୩ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଯୁଦ୍ଧକୁ ଡେଇଁଲା ଆମେରିକା



## ଇରାନର ତିନିଟି ପରମାଣୁ କେନ୍ଦ୍ର ଉପରେ ବୋମାମାଡ଼

### ରୁଷ, ଚୀନର ନିନ୍ଦା; ମଧ୍ୟପ୍ରାଚ୍ୟ ଅଶାନ୍ତ

### ପ୍ରତିଶୋଧ ପାଇଁ ଇରାନର ଧମକ

### ଉଦ୍‌ବେଗ ଜଣାଇଲା ଭାରତ

■ **ତେହରାନ/ୱାଶିଂଟନ, ୨୨।୬ (ଏଜେନ୍ସି):** ଗତ ଏକ ସପ୍ତାହ ଧରି ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧରେ ସାମିଲ ହୋଇଛି ଆମେରିକା। ଆମେରିକାର ଯୁଦ୍ଧ ବିମାନ ଆଜି ଇରାନର ତିନିଟି ପରମାଣୁ କେନ୍ଦ୍ର ଉପରେ ପ୍ରଚଣ୍ଡ ବୋମାମାଡ଼ କରି ଏଗୁଡ଼ିକୁ ଧ୍ୱଂସ କରିଦେଇଛନ୍ତି। ଆମରିକାର ଏଭଳି ଆକ୍ରମଣକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜାତିସଂଘ ସମେତ ରୁଷ, ଚୀନ ଓ ଅନ୍ୟ କେତେକ ଦେଶ ଏହାର ନିନ୍ଦା କରିବା ସହିତ ସତର୍କ କରାଇ ଦେଇଛନ୍ତି ଯେ ଏହାଦ୍ୱାରା ମଧ୍ୟପ୍ରାଚ୍ୟରେ ପରିସ୍ଥିତି ଆହୁରି ବିଗିଡ଼ିଯିବାର ସମ୍ଭାବନା ରହିଛି। ଇରାନ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ପ୍ରତିଶୋଧ ନେବାକୁ ଧମକ ଦେଇଛି। ଇରାନର ଧମକ ପରେ ଆମେରିକାର ଅନେକ ସହରରେ ହାଇଆଲର୍ଟ ଜାରି କରାଯାଇଛି।

ଇରାନ ଉପରେ ଆକ୍ରମଣ ପାଇଁ ଦୁଇ ସପ୍ତାହ ସମୟ ନେଇଥିବା ଆମରେିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ସକାଳେ ହିଁ ଇରାନ ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆମେରିକାର ବୋମାବର୍ଷୀ ବିମାନ ବି-୨ ଇରାନର ତିନିଟି ପରମାଣୁ କେନ୍ଦ୍ର ଉପରେ ଶକ୍ତିଶାଳୀ ଜିବିୟୁ-୫୭ ଏମ୍‌ଓପି ନାମକ ବୋମା ମାଡ଼ କରିଥିଲା। ଫରଦୋ, ନତାଞ୍ଜ ଏବଂ ଏସ୍‌ଫାହନ୍ ପରମାଣୁ ପ୍ରତିଷ୍ଠାନ ଉପରେ ଦୁଇଟି ଲେଖାଏଁ ୬ଟି ବୋମା ପକାଇଥିଲା। ଗୋଟିଏ ବୋମାର ଓଜନ ୧୫ ଟନ୍ ଥିବା ବେଳେ ୨୦୦ ଫୁଟ୍ ଗଭୀର ଭୂତଳ ଟାର୍ଗେଟକୁ ଏହା ଭେଦ କରିପାରିବ। ଏହି ବୋମାମାଡ଼ରେ ତିନିଟି ▶ପୃଷ୍ଠା-୭

**ହର୍ମୁଜ ଷ୍ଟ୍ରେଟ ବନ୍ଦ କରିବ ଇରାନ**

## ବଢ଼ିବ ତୈଳ ଦର !

■ **ତେହରାନ, ୨୨।୬ (ଏଜେନ୍ସି):** ଆମେରିକାର ଆକ୍ରମଣ ପରେ ପ୍ରତିକ୍ରିୟାଶୀଳ ହୋଇପଡ଼ିଥିବା ଇରାନ ହରମୁଜ ପ୍ରଣାଳୀକୁ ବନ୍ଦ କରିବା ଲାଗି ଧମକ ଦେଇଛି। ଆରବ ସାଗର ଓ ଭାରତ ମହାସାଗର ସହିତ ପାରସ୍ୟ ଉପସାଗରକୁ ଯୋଡୁଥିବା ଏହି ସଂକୀର୍ଣ୍ଣ ସମୁଦ୍ରଖଣ୍ଡ ଦେଇ ଅଶୋଧିତ ତେଲ ଯୋଗାଣ ହୋଇଥାଏ। ଏହି ରାସ୍ତା ଦେଇ ବିଶ୍ୱର ୨୦ ଭାଗ ତେଲ ଓ ଗ୍ୟାସ ଯୋଗାଣ ହୁଏ। ବିଶେଷ କରି ସାଉଦୀ ଆରବ, ଇରାକ, ୟୁଏଇ, କତର, ଇରାନ ଏବଂ କୁଏତରୁ ଏସୀୟ ଦେଶକୁ ତେଲ ଓ ଗ୍ୟାସ ଚାଲାଣ କରାଯାଏ। ୩୩ କିଲୋମିଟର ଚୌଡ଼ା ଏହି ସମୁଦ୍ରଖଣ୍ଡ ତେଲ ଯୋଗାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହା ବନ୍ଦ ହେଲେ ସଂପୃକ୍ତ ଦେଶ ଭୀଷଣ କ୍ଷତିଗ୍ରସ୍ତ ହେବେ। ଏଥିରେ ଭାରତ ଓ ଚୀନ ମଧ୍ୟ ରହିଛନ୍ତି। ଏହି ସମୁଦ୍ରଖଣ୍ଡ ଦେଇ ଭାରତ ଦୈନିକ ୨୦ ଲକ୍ଷ ବ୍ୟାରେଲ ଅଶୋଧିତ ତେଲ ଆମଦାନୀ କରୁଛି। ଏହା ବନ୍ଦ ହେଲେ ଭାରତରେ ତେଲ ଦର ବଢ଼ିବାର ସମ୍ଭାବନା ରହିଛି।

# ଅସ୍ତ୍ରୋପଚାର ସଫଳ; ନବୀନ ସୁସ୍ଥ

■**ମୁମ୍ବାଇ, ୨୨।୬ (ସମିସ):** ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସର୍ଭିକାଲ ଆଥ୍ରାଇଟିସ୍ ଅପରେସନ ସଫଳତାର ସହ ଶେଷ ହୋଇଛି। ତାଙ୍କର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ପ୍ରଖ୍ୟାତ ଚିକିତ୍ସକ ଡା. ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମୁମ୍ବାଇର କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲର ସ୍ନାୟୁ ବିଶେଷଜ୍ଞ ଡାକ୍ତର ରାଜଶେଖର ଅସ୍ତ୍ରୋପଚାର କରିଛନ୍ତି। ଏହି ସମୟରେ ଏସିଆନ ହାର୍ଟ ଇନଷ୍ଟିଚ୍ୟୁଟର ବିଶେଷଜ୍ଞମାନେ ମଧ୍ୟ ଉପସ୍ଥିତ ଥିଲେ। ଅପରେସନ ପରେ ନବୀନ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଓ ଡାକ୍ତରଖାନାରେ ତାଙ୍କୁ ୪୮ ଘଣ୍ଟା ପର୍ଯ୍ୟବେକ୍ଷଣରେ ରଖାଯିବ। ଏହାପରେ ତାଙ୍କୁ କ୍ୟାବିନ୍‌କୁ ସ୍ଥାନାନ୍ତର କରାଯିବ। ୫ରୁ ୭ ଦିନ ମଧ୍ୟରେ ଷ୍ଟିଚ୍ ଖୋଲାଯିବ ଓ ଏହାପରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଡାକ୍ତର ପଣ୍ଡା ସୂଚନା ଦେଇଛନ୍ତି। ରବିବାର ସକାଳ ପ୍ରାୟ ୬ଟାରେ ନବୀନଙ୍କୁ ଅସ୍ତ୍ରୋପଚାର ପାଇଁ ଓଟିକୁ ନିଆଯାଇଥିଲା। ସକାଳ ୮ଟାରେ ତାଙ୍କର ଅସ୍ତ୍ରୋପଚାର ଆରମ୍ଭ ହୋଇଥିଲା। ୨ ଘଣ୍ଟା ମଧ୍ୟରେ ଅସ୍ତ୍ରୋପଚାର ଶେଷ ହୋଇଛି। ଡାକ୍ତର ରମାକାନ୍ତ ପଣ୍ଡା କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନବୀନ ପଟ୍ଟନାୟକଙ୍କ ସଫଳତା ସହ ଅପରେସନ ହୋଇଛି। ବୟସ ବଢିଲେ ସର୍ଭିକାଲ୍ ଆର୍ଥ୍ରାଇଟିସ୍ ହୁଏ। ଏଥିପାଇଁ ସେ (ନବୀନ) ଟିକିଏ କଷ୍ଟ ଅନୁଭବ କରୁଥିଲେ। ଏବେ ଚିକିତ୍ସା ପରେ ଆଉ ତାଙ୍କୁ କଷ୍ଟ ହେବନାହିଁ। ଦୁଇ ଘଣ୍ଟା ଅପରେସନ ହୋଇଛି ଓ ଗୋଟେ ଛୋଟ ଷ୍ଟିଚ ପଡିଛି। ୫ ରୁ ୭ ଦିନ ପରେ ଷ୍ଟିଚ ଖୋଲାଯିବ ବୋଲି ସେ କହିଛନ୍ତି।

ଅପରେସନ ସମୟରେ ନବୀନଙ୍କ ଭାଇ ପ୍ରେମ୍ ପଟ୍ଟନାୟକ ଓ ଭାଉଜ, ନବୀନଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର ମଧ୍ୟ ଉପସ୍ଥିତ ରହିଥିଲେ। ଶ୍ରୀ ମିଶ୍ର କହିଛନ୍ତି ଯେ ନବୀନ ବାବୁ ▶ପୃଷ୍ଠା-୭



- ୪୮ ଘଣ୍ଟା ପର୍ଯ୍ୟବେକ୍ଷଣରେ ରହିବେ
- ୫-୭ ଦିନ ମଧ୍ୟରେ ଖୋଲାଯିବ ଷ୍ଟିଚ୍
- ଡା. ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚିକିତ୍ସା
- ଡାକ୍ତରଖାନାରେ ଭାଇ ପ୍ରେମ୍ ଓ ଭାଉଜ ଉପସ୍ଥିତ

**ଗୋ-ଚାଲାଣ ସନ୍ଦେହରେ କଙ୍ଗାରୁକୋର୍ଟ**

# ୨ ଦଳିତଙ୍କୁ ନର୍ଦ୍ଦମା ପାଣି ପିଆଇଲେ

■ **ଧରାକୋଟ, ୨୨।୬ (ସମିସ):** ଟଙ୍କା ନ ଦେବାରୁ ୨ ନିରୀହ ଦଳିତଙ୍କୁ ମିଛରେ ଗୋ-ଚାଲାଣକାରୀ ସଜାଇ ଅଧାଲଣ୍ଡା କରି ଆଣ୍ଠେଇବା, ଘାସ ଖୁଆଇବା ଓ ନର୍ଦ୍ଦମା ପାଣି ପିଆଇବା ଭଳି ଅମାନବୀୟ ଘଟଣା ଗଞ୍ଜାମ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗାଁରେ ସ୍ପଷ୍ଟ ଦିବାଲୋକରେ ଘଟିଥିବା ▶ପୃଷ୍ଠା-୭



- ଅଧାଲଣ୍ଡା କରି ଘାସ ଖୁଆଇଲେ
- ଗାଁ ଦାଣ୍ଡରେ ଆଣ୍ଠେଇ ଆଣ୍ଠେଇ ଚଲାଇଲେ
- ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସୀମା ଲଂଘିଲା ନିର୍ଯାତନା


OIFESM
FIRE & SAFETY INSTITUTE
AWARD WINNING INSTITUTE

ଟ୍ରେନିଂ ସହ ନିଯୁକ୍ତି

JOIN IN FIRE & SAFETY COURSE

ନିଶ୍ଚିତ ଭବିଷ୍ୟତ ତଥା ୨୧ ବର୍ଷର ଭରଷାଯୋଗ୍ୟ ଅନୁଷ୍ଠାନ

ADMISSION OPEN

PG, Post & Advance Diploma in Industrial Safety, Construction Safety, Fire Safety Management

For more information
ADMIN OFFICE: 99383 98277, 93486 57629
CAMPUS: 63721 46851, 93485 30626
www.oifesm.edu.in oifesm.odisha

ORISSA INSTITUTE OF FIRE ENGINEERING & SAFETY MANAGEMENT
Campus: 135/136, Baramunda , Near Baramunda Bus Stand, Bhubaneswar
Admin Office: Cosmopolis Square, Aiginia (near by Khandagiri), Facing NH-16, Bhubaneswar, Odisha 751019




# ପହଲ୍‌ଗାମ୍ ଆତଙ୍କୀଙ୍କୁ ଶରଣ ଦେଇ ୨ ଗିରଫ

ନୂଆଦିଲ୍ଲୀ,୨୨ ।୬ (ଏଜେନ୍ସି): କଶ୍ମୀର ପହଲଗାମରେ ହୋଇଥିବା ଆତଙ୍କାବାଦୀ ଆକ୍ରମଣର ଦୁଇମାସ ପରେ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଏହି ମାମଲାରେ ଦୁଇଜଣଙ୍କୁ ଗରିଫ କରିଛି । ଆତଙ୍କବାଦୀମାନଙ୍କୁ ଏହି ଦୁଇଜଣ ଶରଣ ଦେଇଥିଲେ ବୋଲି ଏଜେନ୍ସି ତରଫରୁ କୁହାଯାଇଛି । ଗିରଫ୍ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ବାରକୋଟର ପରଭେଜ ଅହମ୍ମଦ ଜୋଠାର ଓ ହିଲ୍ ପାର୍କର ବସୀର ଅହମ୍ମଦ ଜୋଠାର । ଏହି ୩ ଆତଙ୍କବାଦୀ ପାକିସ୍ତାନୀ ଥିଲେ ଓ ସେମାନେ କିଭଳି ଥିଲେ ସେ ନେଇ ଏହି ଦୁଇଜଣ ଏନ୍‌ଆଇଏକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ । ଆତଙ୍କବାଦୀମାନେ ଲସ୍କର ଇ ତୋଏବା (ଏଲ୍‌ଇଟି) ଆତଙ୍କୀ ସଂଘଠନର ସଦସ୍ୟ ଥିଲେ ବୋଲି ଦୁହେଁ କହିଛନ୍ତି । ଏହି ୩ଜଣ ଆତଙ୍କବାଦୀଙ୍କୁ ପରଭେଜ ଓ ବସିର ଆକ୍ରମଣ ପୂର୍ବରୁ ହିଲ ପାର୍କ ସ୍ଥିତ ଏକ ଅସ୍ଥାୟୀ ବସ୍ତିରେ ଜାଣିଶୁଣି ରହିବା ପାଇଁ ସୁଯୋଗ ଦେଇଥିଲେ । ଆତଙ୍କବାଦୀଙ୍କୁ ସେଠାରେ ରଖିବା ସହ ସେମାନଙ୍କୁ ଅନ୍ୟାନ୍ୟ ସୁବିଧାସୁଯୋଗ ପ୍ରଦାନ କରିଥିଲେ । ତେବେ ଅଭିଯୁକ୍ତମାନେ ଏହି ୩ ଆତଙ୍କବାଦୀଙ୍କ ନାମ ବିଷୟରେ ସୂଚନା ଦେଇଛନ୍ତି କି ନା ସେ ନେଇ ଏନ୍‌ଆଇଏ କିଛି ସ୍ପଷ୍ଟ କରିନାହିଁ ।

# ସମ୍ପୂର୍ଣ୍ଣ ୟୁକ୍ରେନ ଆମର: ପୁଟିନ୍

ସେଣ୍ଟ ପିଟର୍ସବର୍ଗ,୨୨ ।୬ (ଏଜେନ୍ସି): ରୁଷି ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନ ପୁଣି ଏକ ଅଜବ ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଛନ୍ତି । ସମ୍ପୂର୍ଣ୍ଣ ୟୁକେନ୍ ହେଉଛି ଆମର । ୟୁକ୍ରେନ ଓ ରୁଷିଆର ଲୋକ ସମାନ ବୋଲି ସେ କହିଛନ୍ତି । ସେଣ୍ଟ ପିଟର୍ସବର୍ଗରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଇକୋନୋମିକ ଫୋରମ୍‌ରେ ପୁଟିନ ଏହି କଥା କହିଛନ୍ତି । ୟୁକ୍ରେନ୍‌କୁ ଧ୍ୱଂସ କରିବା ରୁଷିଆ ଆଦୌ ଲକ୍ଷ୍ୟ ରଖିନାହିଁ । କିନ୍ତୁ ୟୁକ୍ରେନ୍ ରୁଷିଆର ଭୌଗଳିକ ସ୍ଥିତି ଓ ପ୍ରାଦେଶିକ ତଥା ଆଞ୍ଚଳିକ ପ୍ରାଧାନ୍ୟକୁ ସ୍ୱୀକାର କରିବା ଉଚିତ ବୋଲି ସେ ସ୍ପଷ୍ଟ କରିଛନ୍ତି । ରୁଷିଆ ଓ ୟୁକ୍ରେନ୍‌ର ନାଗରିକ ସବୁ ଦୃଷ୍ଟିକୋଣରୁ ସମାନ ବୋଲି ପୂର୍ବରୁ ଏକାଧିକବାର କହି ସାରିଛି । ତେଣୁ ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସମ୍ପୂର୍ଣ୍ଣ ୟୁକ୍ରେନ ଆମର । କିନ୍ତୁ ଆମେ କେବେ ୟୁକ୍ରେନର ସାର୍ବଭୌମତ୍ୱକୁ ନେଇ ପ୍ରଶ୍ନ ଉଠାଇନାହୁଁ ବୋଲି ସେ କହିଛନ୍ତି । ୧୯ ୯୧ରେ ଯେତେବେଳେ ୟୁକ୍ରେନ ସ୍ୱାଧୀନତା ଲାଭ କରିଥିଲା, ସେତେବେଳେ ଏହି ଦେଶ କୌଣସି ଗୋଷ୍ଠୀରେ ସାମିଲ ନହେବାକୁ, ଆଣବିକ ଅସ୍ତ୍ର ପାଖରେ ନ ରଖିବାକୁ ଓ ଏକ ନିରପେକ୍ଷ ଦେଶ ହୋଇ ରହିବାକୁ ସର୍ତ୍ତ ରହିଥିଲା । ତେଣୁ ୟୁକ୍ରେନ ଏହି ସର୍ତ୍ତଗୁଡିକୁ ମାନିବା ଉଚିତ ।

# ଗମ୍ଭୀର ରୋଗ ସହ ସଂଘର୍ଷ କରୁଛନ୍ତି ସଲମାନ

ନୂଆଦିଲ୍ଲୀ, ୨୨ ।୬ (ଏଜେନ୍ସି): ବଲିଉଡ୍ ସୁପରଷ୍ଟାର ସଲମାନ ଖାନ୍ ଏକାଧିକ ଗମ୍ଭୀର ରୋଗ ସହ ସଂଘର୍ଷ କରୁଛନ୍ତି । ୫୯ ବର୍ଷୀୟ ସଲମାନଙ୍କ ମସ୍ତିଷ୍କରେ ସମସ୍ୟା ରହିଛି । ସେ ବ୍ରେନ୍ ଆନେଉରିଜମ୍ ନାମକ ଏକ ରୋଗରେ ପୀଡିତ ଅଛନ୍ତି । କିଛିଦିନ ତଳେ 'ଦି ଗ୍ରେଟ୍ ଇଣ୍ଡିଆନ କପିଲ ଶର୍ମା' ଶୋ'ରେ ଯୋଗ ଦେଇ ସେ ଏ ନେଇ ଖୁଲାସା କରିଛନ୍ତି । କେବଳ ସେତିକି ନୁହଁ ସେ ଟ୍ରାଇଜେମିନାଲ ନେଉରାଲଜିଆ ଓ ଆର୍ଟେରିଓଭେନସ ମାଲଫର୍ମେସନ ରୋଗରେ ମଧ୍ୟ ପୀଡିତ ଅଛନ୍ତି । ଏହି କାରଣରୁ ତାଙ୍କ ଚେହେରା ଓ ମୁଣ୍ଡରେ ସେ ଯନ୍ତ୍ରଣା ଅନୁଭବ କରୁଛନ୍ତି । ବ୍ରେନ୍ ଆନେଉରିଜମ୍ ପାଇଁ ତାଙ୍କ ଚିକିତ୍ସା ହେଉଛି । ଏହା କାରଣରୁ ଜୀବନ ମଧ୍ୟ ଯାଇପାରେ । ଏତେ ସବୁ ରୋଗରେ ପୀଡିତ ଥିଲେ ମଧ୍ୟ ଯନ୍ତ୍ରଣା ସହ କାମ କରିବାକୁ ପଡୁଛି ବୋଲି ସେ କହିଛନ୍ତି ।

# ଡିଜିସିଏର ନୂଆ ମାର୍ଗଦର୍ଶିକା

ନୂଆଦିଲ୍ଲୀ, ୨୨।୬ (ଏଜେନ୍ସି):ବିମାନ ନିୟାମକ ଡିଜିସିଏ ଖରାପ ପାଣିପାଗରେ ଉଡ଼ାଣକୁ ନେଇ ନୂଆ ନିୟମ ଜାରି କରିଛି । ବିମାନ ଉଡ଼ାଣ କାର୍ଯ୍ୟସୂଚୀଠାରୁ ଯାତ୍ରୀ ଏବଂ କ୍ରୁ୍ୟଙ୍କ ସୁରକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି । ପାଣିପାଗ ଖରାପ ଥିଲେ କିମ୍ବା ବିପଦ ଥିଲେ ବିମାନର ଗତିପଥ ବଦଳାଇବାକୁ ତୁରନ୍ତ ନିଷ୍ପତ୍ତି ନେବା ପାଇଁ ପାଇଲଟଙ୍କୁ ପରାମର୍ଶ ଦିଆଯାଇଛି । କେଦାରନାଥରେ ହେଲିକପ୍ଟର ଏବଂ ଅହମଦାବାଦ ଦୁର୍ଘଟଣା ପରେ ଡିଜିସିଏ ଏହି ନିଷ୍ପତ୍ତି ନେଇଛି । ଏ ନେଇ ସମସ୍ତ ବିମାନ କମ୍ପାନୀମାନଙ୍କୁ ନୂଆ ସର୍କୁଲାର ଜାରି କରାଯାଇଛି ।

# ୩ କୋଟିର ସମ୍ପତ୍ତି ପାଇଁ ପ୍ରେମିକ ସହ ମିଶି ସ୍ୱାମୀକୁ ହତ୍ୟା

ଲକ୍ଷ୍ନୌ, ୨୨।୬ (ଏଜେନ୍ସି): ମଧ୍ୟପ୍ରଦେଶ ପରେ ଉତ୍ତର ପ୍ରଦେଶ ମୋରାଦାବାଦରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି । ୩ କୋଟିର ସମ୍ପତ୍ତି ପାଇଁ ପ୍ରେମିକ ସହ ମିଶି ସ୍ତ୍ରୀ ସ୍ୱାମୀକୁ ହତ୍ୟା କରିଛି । ଏହି ଜଘନ୍ୟ କାଣ୍ଡ ଘଟାଇବା ପରେ ମୃତଦେହକୁ ନେଇ ଉତ୍ତରାଖଣ୍ଡର କୋଟଦ୍ୱାର ଜଙ୍ଗଲରେ ପକାଇଛି । ସୂଚନା ଅନୁଯାୟୀ ପୀଡ଼ିତ ରବୀନ୍ଦ୍ର କୁମାର ନିଜର ୩ କୋଟିର ଘର ବିକ୍ରି କରି ଋଣ ପରିଶୋଧ କରିବାକୁ ଚାହୁଁଥିଲେ । ମାତ୍ର ପତ୍ନୀ ରୀନା ସିନ୍ଧୁ ଏହାକୁ ବିରୋଧ କରିଥିଲେ । ଏଥିପାଇଁ ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା । ପରେ ସେ ପ୍ରେମିକ ପରିତୋଷ କୁମାର ସହ ମିଶି ସ୍ୱାମୀକୁ ମାରି ଦେଇଥିଲେ ।

# ଟ୍ରାକ୍ଟର-ଡମ୍ପର ଧକ୍କା; ୫ ମୃତ

କୋଲକାତା, ୨୨।୬ (ଏଜେନ୍ସି): ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲ୍ଲାର କାନ୍ଦି ଥାନା ଅଞ୍ଚଳର ଗୋରକାନ୍ ପାୱାର ହାଉସ୍ ଛକରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଛି । ଏମାନଙ୍କ ମଧ୍ୟରେ ୩ ମହିଳା ଓ ଡ୍ରାଇଭର ସାମିଲ ଅଛନ୍ତି । ୧୦ ଜଣ ଆହତ ହୋଇଛନ୍ତି । ମୁର୍ଶିଦାବାଦ ମେଡିକାଲ୍ କଲେଜ୍ ହସ୍ପିଟାଲରେ ଏମାନଙ୍କର ଚିକିତ୍ସା ଚାଲିଛି । କିଛି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି । ସୂଚନା ଅନୁଯାୟୀ ୨୦ ଜଣିଆ ତୀର୍ଥଯାତ୍ରୀଙ୍କ ଏକ ଦଳ ବୀରଭୂମର ବାଲୁକା ଅଞ୍ଚଳରୁ ଗାଧୋଇ ଟ୍ରାକ୍ଟରରେ ଫେରୁଥିଲେ । ଏହି ସମୟରେ ଟ୍ରାକ୍ଟରଟି ଏକ ଡମ୍ପର ସହିତ ଧକ୍କା ହୋଇ ଓଲଟି ପଡ଼ିଥିଲା ।



# ୩୭ ଘଣ୍ଟା ଉଡ଼ାଣ ପରେ ଇରାନରେ ଆକ୍ରମଣ କରିଥିଲା ବି-୨ ବମ୍ବର୍ସ

## ୧୨ ବଙ୍କର ବଷ୍ଟର, ୩୦ ଟମ୍ ହକ୍ କ୍ଷେପଣାସ୍ତ୍ର ଆକ୍ରମଣ

ୱାଶିଂଟନ, ୨୨।୬ (ଏଜେନ୍ସି):

ଇସ୍ରାଏଲ ଏବଂ ଇରାନ ସଂଘର୍ଷକୁ ଆମେରିକା ଡେଇଁଛି । ଏହି ଦେଶ 'ଅପରେସନ ମିଡ୍‌ନାଇଟ ହାମର' ଆରମ୍ଭ କରି ରବିବାର ସକାଳେ ଇରାନର ତିନୋଟି ପରମାଣୁ ଠିକଣାରେ ବୋମା ବର୍ଷା କରିଛି । ଏହି ଆକ୍ରମଣରେ ନତାଞ୍ଜ, ଫର୍ଦୋ ଏବଂ ଇସାଫାହନ ପରମାଣୁ କେନ୍ଦ୍ର ଧ୍ୱଂସ ହୋଇଯାଇଛି । ଦୁଇ ଦେଶ ମଧ୍ୟରେ ଚାଲିଥିବା ଦେଇଛନ୍ତି । ଆମେରିକାର ମିସୋରିରୁ ବି-୨ ବିମାନ ଉଡ଼ାଣ ଆରମ୍ଭ କରିଥିଲା । ଏହା ଲକ୍ଷ୍ୟଭେଦ କରିବା ପୂର୍ବରୁ ୩୭ ଘଣ୍ଟାର ଯାତ୍ରା କରିଥିଲା । ଆକାଶ ମାର୍ଗରେ ଇନ୍ଧନ ଭର୍ତ୍ତି କରି ଏହି ଅଭିଯାନକୁ ସଫଳତାର ସହ ଶେଷ କରିଥିଲା । ପ୍ରାୟ ୨ ବିଲିୟନ ଡଲାର (୧, ୭୩, ୧୬, ୬୦, ୨୦, ୪୦୦ ଟଙ୍କା) ମୂଲ୍ୟର ଏହି ଉନ୍ନତ ଲଢୁଆ ବିମାନ ମିସୋରିରୁ ଇରାନ ଏବଂ ପୁଣି ଆମେରିକା ଫେରିବା ପର୍ଯ୍ୟନ୍ତ ୧୧, ୪୦୦ କିମି ପଥ ଅତିକ୍ରମ କରିଥିଲା । ଆକ୍ରମଣ ଦ୍ୱାରା ଫରଦୋରେ ୬ଟି

■ 'ଅପରେସନ ମିଡ୍‌ନାଇଟ ହାମର'ରେ ସାମିଲ ଥିଲା ୧୨୫ ଯୁଦ୍ଧ ବିମାନ
■ ଆକ୍ରମଣ ପୂର୍ବରୁ ଇରାନକୁ ଜଣାଇଥିଲା ଆମେରିକା

ଏହି ଯୁଦ୍ଧରେ ଆମେରିକା ସାମିଲ ହୋଇ ସ୍ଥିତିକୁ ଅଧିକ ଗମ୍ଭୀର କରିଦେଇଛି । ଇରାନ ଜବାବୀ କାର୍ଯ୍ୟାନୁଷ୍ଠାନର ଧମକ ଦେଇଛି । ତେବେ ଇରାନ କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ଆମେରିକା ଜୋରଦାର ଆକ୍ରମଣ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ଇରାନ ଉପରେ ଆଜି ହୋଇଥିବା ଆକ୍ରମଣରେ ଆମେରିକାର ବି-୨ ଷ୍ଟିଲଥ୍ ବମ୍ବର୍ସ ସହିତ ୧୨୫ ଲଢୁଆ ବିମାନ ସାମିଲ ହୋଇଥିଲା । ପାହାଡ଼ କାଟି ଇରାନ ପରମାଣୁ କେନ୍ଦ୍ର ବନାଇ ଥିଲା । ତେଣୁ ଏହାକୁ ଧ୍ୱଂସ କରିବା ପାଇଁ ବି-୨ ବମ୍ବରର ଆବଶ୍ୟକତା ପଡ଼ିଥିଲା । ୨୫୦ ଫୁଟ୍ ତଳେ ଥିବା ପରମାଣୁ କେନ୍ଦ୍ରକୁ ଧ୍ୱଂସ କରିବା ପାଇଁ ବଙ୍କର ବଷ୍ଟର ବ୍ୟବହାର କରାଯାଇଥିଲା । ପ୍ରଥମ ଥର ପାଇଁ ଆମେରିକା ଏହି ବୋମାକୁ ବ୍ୟବହାର କରିଛି । ତେବେ ଆକ୍ରମଣ ପରେ ପରମାଣୁ କେନ୍ଦ୍ରରୁ କୌଣସି ବିକିରଣ ହୋଇନାହିଁ ବୋଲି ଇରାନ ପକ୍ଷରୁ କୁହାଯାଇଛି । ଏହି ଅଭିଯାନ ପାଇଁ ବି-୨ ବମ୍ବର୍ସ ଅନବରତ ୩୭ ଘଣ୍ଟା ପର୍ଯ୍ୟନ୍ତ ଉଡ଼ାଣ କରିଥିଲା । ସିଧାସଳଖ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଇରାନର ପରମାଣୁ କେନ୍ଦ୍ର ଉପରେ ବଙ୍କର ବଷ୍ଟର ମାଡ଼ କରିଥିଲା । ଆମେରିକା ରାଷ୍ଟ୍ରପତି ଏହି ସୂଚନା


ବଡ଼ ଖାଲ ହୋଇଯାଇଛି । ମାକ୍ସାର ଟେକ୍ନୋଲୋଜି ପାଖରୁ ଏହାର ଫଟୋ ଜାରି କରାଯାଇଛି । ଏହାର ଆଖପାଖରେ ମାଟି ଧସି ଯାଇଥିବା ମଧ୍ୟ ଦେଖିବାକୁ ମିଳୁଛି ।

ଫରଦୋ ଠିକଣାରେ ୬ଟି ବଙ୍କର ବଷ୍ଟର ତଥା ଜିବିୟୁ-୫୭ ମାସିଭ ଅର୍ଡନାନ୍ସ ପେନେଟ୍ରେଟର (ଏମଓପି) ବୋମା ମାଡ଼ କରାଯାଇଥିଲା । ସେହିପରି ୩୦ ଟମ୍‌ହକ୍ କ୍ଷେପଣାସ୍ତ୍ର ମଧ୍ୟ ଆକ୍ରମଣ କରାଯାଇଥିଲା । ଅନ୍ୟ ଏକ ରିପୋର୍ଟରେ ଆମେରିକା ୧୨ଟି ବଙ୍କର ବଷ୍ଟର ବୋମା ମାଡ଼ କରିଥିବା କୁହାଯାଇଛି । ଆମେରିକାର ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ ଜେନେରାଲ ଡାନ କେନ କହିଛନ୍ତି ଯେ ଆକ୍ରମଣରେ ୭ଟି ବି-୨ ବିମାନ ସାମିଲ ଥିଲା । ଏହି ବିମାନ ଫର୍ଦୋ ଏବଂ ନତାଞ୍ଜରେ ପ୍ରାୟ ୧୪ ହଜାର କେଜିର ବୋମା ପକାଇ ଥିଲା । କିନ୍ତୁ ଇସ୍‌ଫାହନରେ ଟମ୍‌ହକ୍ ମିସାଇଲ ମାଡ଼ କରାଯାଇଥିଲା । ଏହି ଅଭିଯାନ ପାଇଁ ଧୋକାର ରଣନୀତି ଆପଣା ଯାଇଥିଲା । କିଛି ବୋମାବର୍ଷୀ ବିମାନକୁ ପ୍ରଶାନ୍ତ ମହାସାଗର ଅଭିମୁଖେ ପଠା ଯାଇଥିଲା । ଏହା ମାଧ୍ୟମରେ ଇରାନକୁ ଭୁଆଁ ବୁଲା ଯାଇଥିଲା । ସେହିଦିଗରୁ ଆକ୍ରମଣ ହେବ ବୋଲି ଇରାନ ଭାବିଥିଲା । କିନ୍ତୁ ଅନ୍ୟ ଦିଗରୁ



ଆମେରିକା ଆକ୍ରମଣ କରିଥିଲା । ୨୦୦୧ ସେପ୍ଟେମ୍ବର ୧୧ ପରଠାରୁ ଏହା ସବୁଠୁ ବଡ଼ ବି-୨ ମିସନ ଥିଲା । ଏହି ଅଭିଯାନକୁ ଅତ୍ୟନ୍ତ ଗୁପ୍ତ ରଖାଯାଇଥିଲା । କିଛି ନିର୍ଦ୍ଦିଷ୍ଟ ସେନା ଅଧିକାରୀଙ୍କୁ ଏହି ସୂଚନା ଦିଆଯାଇଥିଲା । ଅନ୍ୟପଟେ ଆମେରିକା ଦିନକ ପୂର୍ବରୁ ଆକ୍ରମଣ ବିଷୟରେ ଇରାନକୁ ସୂଚନା ଦେଇଥିଲା ବୋଲି କୁହାଯାଉଛି । ଅମବାଜ ମିଡିଆ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଜଣେ ବରିଷ୍ଠ ଅଧକାରୀ କହିଛନ୍ତି ଯେ ଆକ୍ରମଣ ପୂର୍ବରୁ ଆମେରିକା ଆଡଭାନ୍ସ ନୋଟିସ ପଠାଇ ଥିଲା । ନାମ ପ୍ରକାଶ ନ କରିବା ସର୍ତ୍ତରେ ଜଣେ ଅଧିକାରୀ କହିଛନ୍ତି ଯେ ଗତ ୨୧ ତାରିଖରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଆକ୍ରମଣ ପାଇଁ ସୂଚନା ଦିଆଯାଇଥିଲା । ଇରାନ ସହ ଯୁଦ୍ଧ କରିବା ଆମେରିକାର ଉଦ୍ଦେଶ୍ୟ ନୁହେଁ ବୋଲି କୁହାଯାଇଥିଲା । କେବଳ ତିନୋଟି ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରାଯିବ ବୋଲି ସୂଚନା ଦିଆଯାଇଥିଲା ।

ଆମେରିକା ଆକ୍ରମଣ କରିବ ବୋଲି ପୂର୍ବରୁ ଇରାନ ଜାଣିପାରି ଥିଲା । ଏଥିପାଇଁ ସତର୍କ ହୋଇ ଯାଇଥିଲା । ଆକ୍ରମଣ ପୂର୍ବରୁ ଇରାନ ଫର୍ଦୋ ପରମାଣୁ କେନ୍ଦ୍ରରେ ଥିବା ଅଧିକାଂଶ ୟୁରାନିୟମକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରି ଦେଇଥିଲା । ଇରାନର ମେହର ନ୍ୟୁଜ୍ ଏଜେନ୍ସି ସୂତ୍ରକୁ ଏହି ସୂଚନା ମିଳିଛି । ଇସ୍ରାଏଲ ସହିତ ବଢୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଇରାନ ସରକାର ଏହି ପଦକ୍ଷେପ ନେଇଥିଲେ । ତେବେ ଏହି ୟୁରାନିୟମ କେଉଁଠାକୁ ନିଆଯାଇଛି ତାହାର କୌଣସି ସୂଚନା ଦିଆଯାଇ ନାହିଁ ।



## ବଙ୍କର ବଷ୍ଟର କ'ଣ

ଜିବିୟୁ ତଥା ବଙ୍କର ବଷ୍ଟର ତଥା ଏମଓପି ଭାବେ ପରିଚିତ ଏହି କ୍ଷେପଣାସ୍ତ୍ରର ଲମ୍ବ ୨୦.୭ ଫୁଟ । ଏଥିରେ ୪ଟି ଷ୍ଟାବିଲାଇଜର ଫିନ୍ସ, ୪ଟି ୱିଙ୍ଗ, ଲେଜର ସେନ୍‌ସର ଏବଂ ୱାର ହେଡ୍ ରହିଛି । ଏହାର ଓଜନ ପ୍ରାୟ ୧୪ ଟନ୍ । ଏହା ୫,୩୪୨ ପାଉଣ୍ଡର ବିସ୍ଫୋରକ ନେଇପାରିବ । ଭୂତଳ ଭଣ୍ଡାର ଏବଂ କଠିନ ଲକ୍ଷ୍ୟକୁ ଭେଦ କରିବା ପାଇଁ ଏହି ବଙ୍କର ବଷ୍ଟରକୁ ଡିଜାଇନ କରାଯାଇଛି । ଏହା ୨୦୦ ଫୁଟ ତଳେ ଥିବା ଠିକଣାକୁ ମଧ୍ୟ ଧ୍ୱଂସ କରିଦେବ । ଏହି ବଙ୍କର ବଷ୍ଟରର ମୂଲ୍ୟ ୩.୫ ନିୟୁତ ଡଲାର ଅର୍ଥାତ୍ ୨୯ କୋଟି ଟଙ୍କା । ଏହା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଅଣ ପରମାଣୁ ଅସ୍ତ୍ର । ଏହାକୁ ବୋଇଂ ଡିଜାଇନ କରିଥିଲା । ଉଚ୍ଚ କ୍ଷମତା ସମ୍ପନ୍ନ ଷ୍ଟିଲ ଏଲୟରେ ଏହାକୁ ପ୍ରସ୍ତୁତ କରାଯାଇଛି ।

## ■ ବି-୨ ଷ୍ଟିଲ୍‌ଥ ବମ୍ବରର କ୍ଷମତା

ଏହି ବିମାନକୁ ଆମେରିକା ବାୟୁସେନାର ମେରୁଦଣ୍ଡ ଧରାଯାଏ । ବିଶ୍ୱର ପ୍ରମୁଖ ଶକ୍ତିଶାଳୀ ବିମାନ ମଧ୍ୟରୁ ଏହା ଅନ୍ୟତମ । ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଏହାକୁ ଡିଜାଇନ କରାଯାଇଛି । ଏହାର ପର୍ଯ୍ୟବେକ୍ଷଣ କ୍ଷମତା ଅତ୍ୟନ୍ତ ତୀକ୍ଷଣ । ଯେକୌଣସି ଉଚ୍ଚତାରେ ଏହା ଉଡ଼ାଣ କରିବାକୁ ସକ୍ଷମ । ଏହା ସବୁଠାରୁ ଅତ୍ୟାଧୁନିକ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ମଧ୍ୟ ଭେଦ କରିଦେବ । ଏହା ଥରକେ ୧୧ ହଜାର କିମି ପର୍ଯ୍ୟନ୍ତ ଉଡ଼ାଣ କରିପାରିବ । ପୁଣି ଇନ୍ଧନ ଭର୍ତ୍ତି କରିବା ପରେ ୧୯ ହଜାର କିମି ପର୍ଯ୍ୟନ୍ତ ଉଡ଼ିପାରିବ । ଏହି ବିମାନ ଏକାଥରକେ ୨ଟି ବଙ୍କର ବଷ୍ଟର ବୋମା ନେଇ ଯାତ୍ରା କରିପାରିବ । କାରଣ ଏହି ବୋମାର ଓଜନ ପ୍ରାୟ ୩୦ ହଜାର ପାଉଣ୍ଡ ତଥା ୧୪ ଟନ୍ ହୋଇଥାଏ । ଅଧିକ ଓଜନର ହୋଇଥିବାରୁ ବି-୨ କେବଳ ୨ଟି ଏମଓପି ସହିତ ଅନ୍ୟ ଅସ୍ତ୍ରଶସ୍ତ୍ର ନେଇପାରିବ । ଏହି ବିମାନର ମୂଲ୍ୟ ୨ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୧୭ ହଜାର କୋଟି ଟଙ୍କା । ଏହାର ଓଜନ ୭୧ ହଜାର କେଜି । ଏହା ୧.୭୧ ଲକ୍ଷ କେଜି ସହ ଉଡ଼ାଣ କରିବାରେ ସକ୍ଷମ । ଏହି ବିମାନରେ ଏ୧୧୮-ଜିଇ-୧୦୦ ଇଞ୍ଜିନ ଲାଗିଛି । ଏହା ୪୦ ହଜାର ପାଉଣ୍ଡର ପେଲୋଡ ନେଇ ଯେକୌଣସି ଲକ୍ଷ୍ୟକୁ ୨୪ ଘଣ୍ଟା ମଧ୍ୟରେ ନଷ୍ଟ କରିପାରିବ ।

# ମୋଦୀଙ୍କ ସହ କଥା ହେଲେ ଇରାନ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୨ ।୬ (ଏଜେନ୍ସି): ଇରାନ ଆଣବିକ କେନ୍ଦ୍ର ଉପରେ ଆମେରିକା ଆକ୍ରମଣ କରିବା ପରେ ସାରା ବିଶ୍ୱରେ ଏ ନେଇ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏ ନେଇ ଇରାନ ରାଷ୍ଟ୍ରପତି ମାସୁଦ୍ ପେଜେସକିଆନ୍‌ଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି । ଇସ୍ରାଏ୍ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ କରାଣରୁ ସମ୍ପୂର୍ଣ୍ଣ ମଧ୍ୟପ୍ରାଚ୍ୟରେ ଅଶାନ୍ତି ଓ ଭୟର ବାତାବରଣ ସୃଷ୍ଟି ହୋଇଛି । ଏହି ଅଞ୍ଚଳରେ ଯଥାଶୀଘ୍ର ସଂଘର୍ଷ କମ୍ କରିବା ସହ କଥାବାର୍ତ୍ତା ଓ କୂଟନୈତିକ ପ୍ରୟାସ ଜରିଆରେ ଶାନ୍ତି ପ୍ରତିଷ୍ଠା କରିବାକୁ ମୋଦୀ ମାସୁଦ୍‌ଙ୍କୁ କହିଥିଲେ । ସମ୍ପ୍ରତିକ ସ୍ଥିତି ନେଇ ଦୁଇ ଦେଶର ରାଷ୍ଟ୍ରମୁଖ୍ୟ ବିସ୍ତୃତ ଭାବେ ୪୫ ମିନିଟ୍ ଧରି କଥା ହୋଇଥିଲେ । ଏଥିପାଇଁ ମାସୁଦ୍ ମୋଦୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି । ଭାରତ ହେଉଛି ଇରାନ୍‌ର ମିତ୍ର ଏବଂ ଏହି ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ନିରାପତ୍ତା ଫେରାଇ ଆଣିବା ପାଇଁ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଇରାନ୍ ରାଷ୍ଟ୍ରପତି କହିଥିଲେ ।

# ଇରାନକୁ ପରମାଣୁ ଅସ୍ତ୍ର ଯୋଗାଇବ ରୁଷ!

ତେହରାନ , ୨୨ ।୬ (ଏଜେନ୍ସି):

ଇରାନ ପରମାଣୁ କେନ୍ଦ୍ର ଉପରେ ଆମେରିକାର ଆକ୍ରମଣକୁ ରୁଷ ଓ ଚୀନ ବିରୋଧ କରିବା ସହିତ ଏହାର ଦୃଢ଼ ନିନ୍ଦା କରିଛନ୍ତି । ଆମେରିକାର ଏଭଳି ଆକ୍ରମଣ ମଧ୍ୟପ୍ରାଚ୍ୟରେ ପରିସ୍ଥିତିକୁ ବିଗାଡ଼ିଦେବ ବୋଲି ସେମାନେ ସତର୍କ କରାଇଛନ୍ତି । ରୁଷ ଏହି ଘଟଣାରେ ଉଦବେଗ ପ୍ରକାଶ କରିବା ସହିତ କହିଛି ଯେ ଅନେକ ଦେଶ ଇରାନକୁ ପରମାଣୁ ଅସ୍ତ୍ର ଯୋଗାଇବାକୁ ପ୍ରସ୍ତୁତ ଅଛନ୍ତି । ରୁଷ ମଧ୍ୟ ଇରାନକୁ ପରମାଣୁ ଶକ୍ତି ଓ ଜ୍ଞାନକୌଶଳ ଯୋଗାଇବ ବୋଲି ରୁଷର ପୂର୍ବତନ ରାଷ୍ଟ୍ରପତି କହିଛନ୍ତି । ଇରାନକୁ ରୁଷ ପରମାଣୁ ଅସ୍ତ୍ର ଯୋଗାଇପାରେ ବୋଲି ସୂଚନା ମିଳିଛି ।

## ଆକ୍ରମଣକୁ ଚୀନ୍, ଜାତିସଂଘର ନିନ୍ଦା

ଚୀନ୍ ମଧ୍ୟ ଇରାନ ଉପ ।।ରେ ଆକ୍ରମଣକୁ କଡ଼ା ନିନ୍ଦା କରିଛି । ଆମେରିକା ଅନ୍ତର୍ଜାତୀୟ ନିୟମ ଓ ଜାତିସଂଘ ନିୟମାବଳୀର ଉଲ୍ଲଂଘନ କରିଛି ବୋଲି ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି । ଏଥିସହ ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରାଇ ଆଣିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଯେତେଶୀଘ୍ର ସମ୍ଭବ ଇସ୍ରାଏଲ୍ ଅସ୍ତ୍ରବିରତି ଘୋଷଣା କରୁ ଓ ସାଧାରଣ ନାଗରିକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ସହ କଥାବାର୍ତ୍ତା ଉପରେ ଗୁରୁତ୍ୱ ଦେଉ ବୋଲି ସେ କହିଛନ୍ତି । ଇରାନ ଉପରେ ଆମେରିକାର ଆକ୍ରମଣକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁତରେସ୍ ନିନ୍ଦା କରିଛନ୍ତି । ଏହା ମଧ୍ୟପ୍ରାଚ୍ୟ ସମେତ ସାରା ବିଶ୍ୱରେ ଅନ୍ତର୍ଜାତୀୟ ଶାନ୍ତି ପ୍ରତିଷ୍ଠା ଓ ନିରାପତ୍ତା ବ୍ୟବସ୍ଥା ପାଇଁ ବିପଦ ସୃଷ୍ଟି କରିଛି ବୋଲି ସେ କହିଛନ୍ତି । ବାହୁବଳ ତଥା ସାମରିକ ଶକ୍ତି ଦ୍ୱାରା କୌଣସି ସମସ୍ୟାର ସମାଧାନ ହୋଇନାହିଁ । ସମସ୍ୟା ଓ ମତପାର୍ଥକ୍ୟ ଦୂର କରିବ ପାଇଁ କୁଟନୈତିକ ପ୍ରୟାସ ଜାରି ରଖିବା ଉଚିତ । ସାରା ବିଶ୍ୱରେ ଶାନ୍ତି ହିଁ ଏକମାତ୍ର ଆଶା ହେବା ଉଚିତ । ସବୁ ଦେଶ ଅନ୍ତର୍ଜାତୀୟ ନିୟମକୁ ଅନୁସରଣ କରିବା ଉଚିତ । ଯୁଦ୍ଧ କେବେ କୌଣସି ସମସ୍ୟାର ସମାଧାନ ନୁହେଁ ବୋଲି ସେ କହିଛନ୍ତି ।

ଇରାନର ପରମାଣୁ କେନ୍ଦ୍ର ଉପରେ ଆମେରିକା କରିଥିବା ଆକ୍ରମଣକୁ ପାକିସ୍ତାନ ନିନ୍ଦା କରିଛି । ଏହି ଆକ୍ରମଣ ଅନ୍ତର୍ଜାତୀୟ ଆଇନ ବିରୋଧୀ ବୋଲି କୁହାଯାଇଛି । ଇରାନର ଆତ୍ମରକ୍ଷା କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି । ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଜାତିସଂଘ ଚାର୍ଟର ଅନୁଯାୟୀ ସାର୍ବଭୌମତ୍ୱ ଏବଂ ଲୋକଙ୍କ ସୁରକ୍ଷା ପାଇଁ ଜବାବ ଦେବାର ଅଧିକାର ଇରାନର ରହିଛି । ପାକିସ୍ତାନ ଚେତାବନୀ ଦେଇଛି ଯେ ଯଦି ଉତ୍ତେଜନା ଆହୁରି ବୃଦ୍ଧି ପାଏ ତେବେ ଏହା କେବଳ ଏହି କ୍ଷେତ୍ର ନୁହେଁ, ବରଂ ସମଗ୍ର ବିଶ୍ୱକୁ ପ୍ରଭାବିତ କରିବ । ସାଉଦୀ ଆରବ ସମେତ ଅନେକ ଆରବ ରାଷ୍ଟ୍ର ସାଂପ୍ରତିକ ପରିସ୍ଥିତି ନେଇ ଚିନ୍ତା ପ୍ରକଟ କରିଛନ୍ତି । ସେମାନେ ପରିସ୍ଥିତି ଉପରେ ନଜର ରଖିଥିବା କହିଛନ୍ତି ।

ଇରାନ ପରମାଣୁ ଠିକଣା ଉପରେ ଆକ୍ରମଣକୁ ନେଇ ଅନ୍ତର୍ଜାତୀୟ ଅଟୋମିକ ଏନର୍ଜି ଏଜେନ୍ସି (ଆଇଏଇଏ) ସୋମବାର ଜରୁରୀ ବୈଠକ ଡାକିଛି । ଆଇଏଇଏର ମୁଖ୍ୟ ରାଫେଲ ଗ୍ରୋସି ଏହି ସୂଚନା ଦେଇ କହିଛନ୍ତି ଯେ ଇରାନରେ ଜରୁରୀ ସ୍ଥିତି ଦେଖା ଦେଇଛି । ତେବେ ଇରାନର ଫରଦୋ, ନତାଞ୍ଜ ଏବଂ ଇସଫାହନ କେନ୍ଦ୍ରରୁ କୌଣସି ବିକିରଣ ହେଉ ନ ଥିବା କୁହାଯାଇଛି । ସ୍ଥିତି ଉପରେ ନଜର ରଖାଯାଇଛି ।

# ଘରେ ପଶି ସ୍ୱାମୀଙ୍କୁ ଗୁଳି, ସ୍ତ୍ରୀ ଓ ପିଲାଙ୍କୁ ଅପହରଣ

ଭୋପାଳ, ୨୨।୬: ମଧ୍ୟପ୍ରଦେଶରେ ଛତରପୁର ଜିଲ୍ଲାରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି । ସ୍ପଷ୍ଟ ଦିବାଲୋକରେ କେତେକ ଲୋକ ଘରେ ପଶି ଜଣେ ପୁରୁଷଙ୍କୁ ଗୁଳିମାରିବା ସହ ବନ୍ଧୁକ ଦେଖାଇ ତାଙ୍କ ପତ୍ନୀ ଓ ଦୁଇ ଝିଅ (୫ ଓ ୭ ବର୍ଷର)ଙ୍କୁ ଅପହରଣ କରି ନେଇଛନ୍ତି । ଏହି ଘଟଣାର ଭିଡିଓ ଇଣ୍ଟରନେଟ୍ ବେଶ୍ ଭାଇରାଲ ହୋଇଛି । ବିଜେପି ଶାସିତ ମଧ୍ୟପ୍ରଦେଶରେ ଏହି ଘଟଣା ଘଟିଥିବାରୁ ବିରୋଧୀ ଦଳଗୁଡିକ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ନେଇ ପ୍ରଶ୍ନ ଉଠାଇଛନ୍ତି ।

ପାଖାପାଖି ୧୨ ଜଣ ଲୋକ ହାତରେ ପିସ୍ତଲ, ବାଡି, ରଡ୍ ଧରି ହରିରାମ ପାଲଙ୍କ ଘରେ ପଶିଥିଲେ । ଏକ ଏସ୍‌ୟୁଭି କାର ଓ ଏକାଧିକ ମଟର ସାଇକଲ ଚଢ଼ି ଅଭିଯୁକ୍ତମାନେ ହରିରାମଙ୍କ ଘରେ ପଶି ତାଙ୍କୁ ଗୁଳି ମାରିଥିଲେ ଓ ପରିବାର ସଦସ୍ୟଙ୍କୁ ଧକ୍କା ମାରିଥିଲେ । ହରିରାମ ଗୁରୁତର ଭାବେ ଆହତ ହୋଇଥିଲେ । ତାଙ୍କୁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ତାଙ୍କ ସ୍ଥିତି ସଙ୍କଟାପର୍ଣ୍ଣ ବୋଲି କୁହାଯାଇଛି । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ସିଂ ରାଜପୁତ ସେହି ଗ୍ରାମର ବୋଲି ପୁଲିସ କହିଛି । ସଞ୍ଜୟର ନେତୃତ୍ୱର ୧୦ରୁ ୧୫ ଜଣ ଲୋକ ଏହି କାଣ୍ଡ ଘଟାଇଛନ୍ତି । ବ୍ୟକ୍ତିଗତ ଶତ୍ରୁତା କାରଣରୁ ସଞ୍ଜୟ ଏହି କାଣ୍ଡ ଭିଆଇଛି ବୋଲି କୁହାଯାଉଛି ।

ଏନେଇ ଅଧିକ ତଦନ୍ତ ହେଲେ ଆହୁରି ତଥ୍ୟ ସାମ୍ନାକୁ ଆସିବ । ଏପର୍ଯ୍ୟନ୍ତ ୫ ଜଣଙ୍କୁ ଗିରଫ କରାଯାଇଛି ବୋଲି ପୁଲିସ କହିଛି । ଏହି ମାମଲାରେ ୯ ଜଣ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଧାରା ୧୧ ଅନୁସାରେ ମାମାଲା ରୁଜୁ କରାଯାଇଛି । ଅପହରଣ ଓ ହତ୍ୟା ଉଦ୍ୟମ ଧାରା ସାମିଲ ରହିଛି । ୮ ଜଣ ଅଭିଯୁକ୍ତଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡିନାହିଁ ।

# ଆଜିଠୁ ବର୍ଷା, ୨୪ରୁ ବଢ଼ିବ

ଭୁବନେଶ୍ୱର,୨୨।୬(ସମିସ): ସୋମବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହେବ। ବର୍ତ୍ତମାନ ଜାରି ରହିଥିବା ଗୁଳୁଗୁଳି ସ୍ଥିତି ଯୋଗୁଁ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ପାଇଁ ପାଗ ଅନୁକୂଳ ରହୁଛି। ତେଣୁ ସୋମବାର ରାଜ୍ୟର ଅନେକ ସ୍ଥାନରେ ବିଜୁଳି ଘଡ଼ିଘଡ଼ି ଜନିତ ବର୍ଷା ଆଶଙ୍କା ରହିଛି। ଏହାବ୍ୟତୀତ ୨୪ ତାରିଖରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ଓ ପରିସ୍ଥିତି ଅନୁକୂଳ ରହିଲେ ପରବର୍ତ୍ତୀ ସମୟରେ ଏକ ଲଘୁଚାପ ସୃଷ୍ଟି ଆଶଙ୍କା ରହିଛି। ଏହା ପ୍ରଭାବରେ ୨୪ରୁ ବର୍ଷାର ପ୍ରଭାବ ବଢ଼ିବାର ସମ୍ଭାବନା ରହିଛି। ଏହାପରେ ଅର୍ଥାତ୍ ୨୮ କିମ୍ବା ୨୯ ତାରିଖରେ ମଧ୍ୟ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ଆଶଙ୍କା ରହିଥିବାରୁ ପ୍ରାୟ ମାସ ଶେଷ ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷା ଆକଳନ କରାଯାଇଛି। ବର୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଆସନ୍ତା ୫ ଦିନ ପାଇଁ ବିଭିନ୍ନ ଜିଲ୍ଲାକୁ ସତର୍କତା ଜାରି କରାଯାଇଛି।

# ୭ରୁ କଳାବ୍ୟାଜ୍ ପିନ୍ଧିବେ ଅମଲା

ଭୁବନେଶ୍ୱର, ୨୨।୬(ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରିଣୀ ବୈଠକ ରେଡ୍‌କ୍ରସ୍ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୩୦ଟି ଜିଲ୍ଲାର ନେତୃବୃନ୍ଦ ଓ ରାଜ୍ୟ କାର୍ଯ୍ୟକାରିଣୀର ସମସ୍ତ ସଦସ୍ୟ/ସଦସ୍ୟା ଯୋଗ ଦେଇଥିଲେ। ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦାବିଗୁଡ଼ିକ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମସ୍ତ ସଦସ୍ୟ/ସଦସ୍ୟାମାନେ ରାଜ୍ୟ ସରକାରଙ୍କର ମନୋଭାବକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏଥିପ୍ରତି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପୁନର୍ବାର କୌଣସି ଆଲୋଚନା ନକରି

## ୧୪ରୁ ଅନିର୍ଦ୍ଦିଷ୍ଟ କାଳ କାର୍ଯ୍ୟବନ୍ଦ ଆନ୍ଦୋଳନ

ସିଧାସଳଖ ଆନ୍ଦୋଳନମୂକ ପନ୍ଥା ଆପଣାଇବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଆଗାମୀ ୧୫ଦିନ ଭିତରେ ରାଜ୍ୟ ସରକାର ଦାବିଗୁଡ଼ିକ ପୂରଣ ନକଲେ ସଂଘ ଜୁଲାଇ ୭ରୁ ୧୧ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରିବ। ଏହାପରେ ବି ସରକାର ଉପରୋକ୍ତ ଦାବି ଉପରେ ପଦକ୍ଷେପ ନ ନେଲେ, ଜୁଲାଇ ୧୪ରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ସଭାପତି ତ୍ରିପତି ବାଲାଜୀ ସାହୁ, ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ଜଣାଇଛନ୍ତି। ଦାବିଗୁଡ଼ିକ ହେଲା, ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆର୍‌ଏସ୍‌ପି-୨୦୧୭ ନିୟମ ଅନୁଯାୟୀ ଲେବେଲ-୯କୁ ବୃଦ୍ଧି, ନୂତନ ପଦ ସୃଷ୍ଟି ଓ ପଦବୀ ପୁନର୍ଗଠନ, କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ, ୧୯ ୯୦ ମସିହାରେ ଲାଗୁ ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି, ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାମାନଙ୍କୁ ଶତପ୍ରତିଶତ ପଦୋନ୍ନତି ଇତ୍ୟାଦି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘ ଅଧ୍ୟକ୍ଷ ଲୋକେଶ୍ୱର ସାହୁ, କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ, ରାଜ୍ୟ ସଂଘର କର୍ମକର୍ତ୍ତା ଏବଂ ସମସ୍ତ ଜିଲ୍ଲା ଶାଖାର ସଭାପତି ସମ୍ପାଦକ ସହିତ ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ନିଯୁକ୍ତି ଆବେଦନ ପାଇଁ ଲାଗିବ ଫି'

ଭୁବନେଶ୍ୱର,୨୨।୬(ସମିସ): ବିଭିନ୍ନ ନିଯୁକ୍ତି ପାଇଁ ଆବେଦନ କରିବାକୁ ଏଣିକି ନିର୍ଦ୍ଧାରିତ ଫି' ଦେବାକୁ ପଡ଼ିବ। ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀଙ୍କୁ ସେହି ଅର୍ଥ ଫେରସ୍ତ କରାଯିବ। ହେଲେ ପରୀକ୍ଷା ଦେଉ ନ ଥିବା ପରୀକ୍ଷାର୍ଥୀଙ୍କୁ ଆଉ ସେହି ଆବେଦନ ଫି' ଫେରସ୍ତ ମିଳବ ନାହିଁ। ଖାମଖିଆଲି ଭାବେ ଆବେଦନ କରୁଥିବା ଆଶାୟୀଙ୍କୁ ନିରୁତ୍ସାହିତ କରିବା ପାଇଁ ଏପରି ବ୍ୟବସ୍ଥା ଆଣିବାକୁ ନିଷ୍ପତ୍ତି ହୋଇଛି।

ଆବେଦନ ସତ୍ତ୍ୱେ ବହୁସଂଖ୍ୟ ଆଶାୟୀ ପରୀକ୍ଷା ଦେଉ ନାହାନ୍ତି। ଏନେଇ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗତ ମାର୍ଚ୍ଚ ୪ରେ ଅନୁଷ୍ଠିତ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଏହାର ନିରାକରଣସମ୍ପର୍କରେବିଚାରବିମର୍ଶପରେଫି' ଲାଗୁକରିବାକୁନିଷ୍ପତ୍ତିହୋଇଛି। ରାଜ୍ୟରେନିଯୁକ୍ତି ପରିଚାଳନା କରୁଥିବା ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) କୁ ମତାମତ ଓ ପ୍ରସ୍ତାବ ଦେବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ବିଭାଗ ପକ୍ଷରୁ କୁହାଯାଇଛି। କେଉଁ ପରୀକ୍ଷା ପାଇଁ କେତେ ଟଙ୍କା ଫି' ଧାର୍ଯ୍ୟ କରାଯିବ ଏବଂ ଆବେଦନକାରୀଙ୍କୁ କିପରି ତାହା ଫେରସ୍ତ କରାଯିବ ସେନେଇ ଆସନ୍ତା ୨୪ ତାରିଖ ମଧ୍ୟରେ ଅବଗତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ରେଲୱେ ବୋର୍ଡ ଓ ଏସ୍‌ଏସ୍‌ବି ପରି କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଏପରି ନୀତି ଆପଣାଇଛନ୍ତି। ଫଳରେ ଖାମଖିଆଲି ଆବେଦନକାରୀଙ୍କ ସଂଖ୍ୟା ପ୍ରାୟତଃ ନଥାଏ। କାରଣ ପରୀକ୍ଷା ନଦେଲେ ସେମାନଙ୍କ ଫି' ଫେରସ୍ତ ମିଳିବ ନାହିଁ ବୋଲି ଜାଣିବା ପରେ ସେମାନେ ଆବେଦନ କରୁନାହାନ୍ତି। ନୂଆ ନିଷ୍ପତ୍ତି ଦ୍ୱାରା ଆବେଦନକାରୀଙ୍କ ସଂଖ୍ୟା କମିବ। ଫଳରେ ପରୀକ୍ଷାକେନ୍ଦ୍ର କମିବା ସହ ଗୋଟିଏ ସିଫ୍ଟରେ ମଧ୍ୟ ପରୀକ୍ଷା ପରିଚାଳନା ହୋଇପାରିବ। ସରକାରଙ୍କ ବ୍ୟୟଭାର କମିବା ସହ ତ୍ୱରିତ ବେଗରେ ପରୀକ୍ଷା ହୋଇପାରିବ ବୋଲି ଓପିଏସ୍‌ସି ଆଶାୟୀ ଅମ୍ରିତ୍ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

## ପୁଲିସ ଇନ୍‌ଫର୍ମର ସନ୍ଦେହ

# ଦୁଇ ଗ୍ରାମବାସୀଙ୍କୁ ମାଓବାଦୀଙ୍କ ହତ୍ୟା

ମାଲକାନଗିରି, ୨୨।୬ (ସମିସ): ସୀମାନ୍ତରେ ପୁଣି ସକ୍ରିୟ ହୋଇଉଠିଛନ୍ତି ମାଓବାଦୀ। ସୂଚନାଦାତା ସନ୍ଦେହରେ ଦୁଇ ଗ୍ରାମବାସୀଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି ମାଓବାଦୀ। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲାରେ ମାଓବାଦୀମାନେ ଗତ କିଛି ଦିନ ହେଲା ନିରୀହ ଗ୍ରାମବାସୀଙ୍କୁ ଟାର୍ଗେଟ କରି ଚାଲିଛନ୍ତି। ଆଜି ସକାଳେ ମାଓବାଦୀମାନେ ଛତିଶଗଡ ରାଜ୍ୟ ବିଜାପୁର ଜିଲ୍ଲାର ପାମେଡ ଥାନା ଅନ୍ତର୍ଗତ ସେଣ୍ଡ୍ରାବୋର ଏବଂ ଏମ୍ପୁର ଗାଁରେ ଦୁଇଜଣ ଗ୍ରାମବାସୀଙ୍କୁ ନିର୍ମମ ଭାବରେ ହତ୍ୟା କରିଛନ୍ତି। ମୃତକଙ୍କ ମଧ୍ୟରେ ସେଣ୍ଡ୍ରାବୋର ଗାଁର ସମୟା ସୁନମ ରହିଛନ୍ତି। ସେ କିଛି ଦିନ ପୂର୍ବରୁ ମାଓ ସଂଗଠନ ଛାଡି ପୁଲିସ ନିକଟରେ ଆମ୍ ସମର୍ପଣ କରିଥିଲେ। ସେ ଆରପିସି ସଦସ୍ୟ ଭାବେ ମାଓବାଦୀ ସଂଗଠନରେ ସକ୍ରୀୟ ଥିଲେ। ସେହିପରି ଏମପୁର ଗାଁର ବେକୋ ଦେବାଙ୍କୁ ମାଓବାଦୀ ମାନେ ହତ୍ୟା କରିଛନ୍ତି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଗ୍ରାମବାସୀଙ୍କୁ ବାରମ୍ବାର ହତ୍ୟା କରାଯିବା ଫଳରେ ଅଞ୍ଚଳରେ ଗ ଭୟର ବାତାବରଣ ଖେଳିଯାଇଛି। ପୁଲିସ ପକ୍ଷରୁ ତଲାସି ଅଭିଯାନକୁ ଜୋରଦାର କରାଯାଇଛି।





ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଭୁବନେଶ୍ୱର ଶ୍ରୀ ଲିଙ୍ଗରାଜ ମନ୍ଦିର ଓ ଯାଜପୁର ମା' ବିରଜା ମନ୍ଦିରରେ ପୂଜାର୍ଚ୍ଚନା

**ଅସୁରକ୍ଷିତ ଓଡ଼ିଶା**

# ବର୍ଷକର ଉପଲବ୍ଧି 'ଅନ୍ତର୍ଜାତୀୟ ଲଜ୍ଜା'

ଭୁବନେଶ୍ୱର,୨୨।୬(ସମିସ): ସାରା ଦେଶ ଓ ବିଶ୍ୱରେ ଶାନ୍ତିପ୍ରିୟ ରାଜ୍ୟ ଭାବେ ଏକଦା ସମ୍ମାନ ଅର୍ଜନ କରିଥିବା ଓଡ଼ିଶା ଏବେ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ । ନିଜ ନାଗରିକମାନଙ୍କୁ ଓଡ଼ିଶା ନ ଯିବା ପାଇଁ ଆମେରିକା ବାରଣ କରିବା ପରେ ରାଜ୍ୟବାସୀଙ୍କ ପାଇଁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହୋଇଛି । ବିହାର, ପଶ୍ଚିମବଙ୍ଗ ପରି ଓଡ଼ିଶାର ଆଇନଶୃଙ୍ଖଳା ପରିସ୍ଥିତି ଏକପ୍ରକାର ଭୁଶୁଡ଼ି ପଡ଼ିଛି ଏବଂ ଦୁଷ୍କର୍ମ ଘଟଣା ଦ୍ରୁତଗତିରେ ବୃଦ୍ଧି ପାଉଥିବା ଦର୍ଶାଇ ଆମେରିକା ବୈଦେଶିକ ମନ୍ତ୍ରଣାଳୟ ଓଡ଼ିଶା ସହ ୬ ଭାରତୀୟ ରାଜ୍ୟ ନ ଯିବାକୁ ନିଜ ନାଗରିକମାନଙ୍କୁ ପରାମର୍ଶ ଦେଇଛି। ଓଡ଼ିଶାକୁ ନେଇ ଆମେରିକାର ଏଭଳି ଟିପ୍ପଣୀ ପରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ବିଜେପି ସରକାର କ୍ଷମତା ଦଖଲର ମାତ୍ର ବର୍ଷକ ମଧ୍ୟରେ ଓଡ଼ିଶାକୁ ଆନ୍ତର୍ଜାତୀୟସ୍ତରରେ ଲଜ୍ଜିତ କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି ।

ବିଜେଡି ବରିଷ୍ଠ ବିଧାୟକ ଡଃ ଅରୁଣ ସାହୁ କହିଛନ୍ତି ଯେ ରାଜ୍ୟରେ ଆଇନ୍‌ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ମହିଳାମାନେ ଅତ୍ୟାଚାର ଓ ବଳାତ୍କାରର ଶିକାର ହେଉଛନ୍ତି। ରାଜ୍ୟରେ ପ୍ରତିଦିନ ମୁଣ୍ଡ ଗଡୁଛି। ନବୀନ ସରକାରଙ୍କ ସମୟରେ ନକ୍ସଲ ଆକ୍ରମଣକୁ ଦମନ କରାଯାଇଥିବା ବେଳେ ଏବେ ଏହା ମୁଣ୍ଡ ଟେକୁଛି। ସମସ୍ତ କଥାକୁ ନେଇ ଆମେରିକା ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଏଭଳି ଘଟଣା ଦ୍ୱାରା ଓଡ଼ିଶା ବିଶ୍ୱଦରବାରରେ





■ ଓଡ଼ିଶାର ନାଁ ବିଶ୍ୱଦରବାରରେ ଭୂଲୁଣ୍ଠିତ: ଅରୁଣ

■ ଗାଦି ଛାଡ଼ନ୍ତୁ ଓଡ଼ିଶାର ବିଜେପି ସରକାର: ତାରା

ଯେଉଁ ନାଁ କରିଥିଲା, ତାହା ଏବେ ଭୂଲୁଣ୍ଠିତ ହୋଇଛି। ଆନ୍ତର୍ଜାତୀୟସ୍ତରରେ ଓଡ଼ିଶା ଲଜ୍ଜିତ ହୋଇଛି। ରାଜ୍ୟ ସରକାରଙ୍କ ସତ୍‌ସାହସ ଥିଲେ ସେମାନେ ଟ୍ରମ୍ପଙ୍କୁ ଜୋର୍‌ଦାର ବିରୋଧ କରନ୍ତୁ; ମାତ୍ର ଏମାନେ ତାହା କରିପାରିବେ ନାହିଁ ବୋଲି ଡଃ ସାହୁ କହିଛନ୍ତି। ଓଡ଼ିଶା ଏବେ ଅଧୋଗତି ଆଡ଼କୁ ଯାଉଛି। ଆମେ ଯାହା କହିଥିଲୁ, ଏବେ ସେଇଆ ଘଟୁଛି। ସରକାର ଏ ଘଟଣାରେ ତୁରନ୍ତ ପ୍ରତିକାର ନ କଲେ ଆଗକୁ ଭୟାନକ ଆନ୍ଦୋଳନ ହେବ ବୋଲି ଡଃ ସାହୁ କହିଛନ୍ତି। ଗୋପାଳପୁର ଏକ ଆନ୍ତର୍ଜାତିକ ପର୍ଯ୍ୟଟନ କ୍ଷେତ୍ର। ଗୋପାଳପୁର ଗଣଦୁଷ୍କର୍ମ ଏଭଳି ଘଟଣା ପାଇଁ ଖୋରାକ୍ ଯୋଗାଇଛି ବୋଲି ସେ କହିଛନ୍ତି।

ଓଡ଼ିଶା ଆନ୍ତର୍ଜତୀୟ ସ୍ତରରେ ନିନ୍ଦିତ ହେବା ପରେ ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହୀନିପତି ସରକାରଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ପାଇଁ ଏହା ଏକ ଲଜ୍ଜାଜନକ ଘଟଣା। କଂଗ୍ରେସ ପୂର୍ବରୁ ମହିଳା ସୁରକ୍ଷା ନେଇ ବିଧାନସଭାରେ ପ୍ରଶ୍ନ ଉଠାଇଛି। ଏଭଳି କାମ ପାଇଁ ସରକାର ମତେ ଦୁଇ ଥର ନିଲମ୍ବନ କରିଛନ୍ତି। ମହିଳାମାନେ ଓଡ଼ିଶାରେ ସୁରକ୍ଷିତ ନୁହଁନ୍ତି ବୋଲି କଂଗ୍ରେସ କରିଥିବା ଅଭିଯୋଗ ଏବେ ସତ୍ୟ ବୋଲି ପ୍ରମାଣିତ ହୋଇଛି। ଆମେରିକା ଓଡ଼ିଶାକୁ ନେଇ ଏଭଳି ମନ୍ତବ୍ୟ ଦେବା ପରେ ସରକାରରେ ରହିବା ପାଇଁ ତାଙ୍କର ଆଉ କୌଣସି ନୈତିକତା ନାହିଁ। ରାଜ୍ୟର ମନ୍ତ୍ରୀମାନେ ଓ ମୁଖ୍ୟମନ୍ତ୍ରୀଙ୍କର ନିଜସ୍ୱ ବୋଲି ଦାୟିତ୍ୱ ନାହିଁ। ଏମାନେ ସମସ୍ତ ଦାୟିତ୍ୱହୀନ ଲୋକ। ସେମାନେ ଇସ୍ତଫା ଦେଇ ଗାଦି ଛାଡ଼ିବା ଦରକାର ବୋଲି ଶ୍ରୀ ବାହିନିପତି କହିଛନ୍ତି।

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଅକସ୍ମାତ ଭାବେ ଦୁଷ୍କର୍ମ ବଢ଼ିଛି। ବର୍ତ୍ତମାନ ରାଜ୍ୟରେ ଦୈନିକ ହାରାହାରି ୧୫ ଟି ଦୁଷ୍କର୍ମ ହେଉଛି। ଏହାସହିତ ଆଇନ୍‌ଶୃଙ୍ଖଳା ସ୍ଥିତି ମଧ୍ୟ ଭୁଶୁଡ଼ି ପଡ଼ିଥିବା ପରିଲକ୍ଷିତ ହେଉଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତବେଳେ ଖୋଦ୍ ରାଜଧାନୀ ରାଜରାସ୍ତାରେ ଅପରାଧୀମାନେ ଖଣ୍ଡାରେ ହାଣି ମୁଣ୍ଡ ଗଡ଼ାଇ ଦେଉଛନ୍ତି। ଜଣେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ପ୍ରଥମେ ରାଜଧାନୀ ରାଜରାସ୍ତାରେ ଅସଦାଚରଣ କରାଯିବା ଓ ପରେ ତାଙ୍କୁ ଥାନାରେ ଅକଥନୀୟ ନିର୍ଯ୍ୟାତନା ଦେବା ଖବର ସାରା ଦେଶରେ ଓଡ଼ିଶାର ଛବିକୁ ମଳିନ କରିଛି। ଏହି ଘଟଣା ମନରୁ ନ ଲିଭୁଣୁ ରାଜ୍ୟ ତଥା ଦେଶର ଏକ ପ୍ରମୁଖ ପର୍ଯ୍ୟଟସ୍ଥଳୀ ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ୧୦ ଜଣ ଗଣବଳାତ୍କାର ଘଟଣା ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସମୟରେ ନିଜ ନାଗରିକଙ୍କୁ ଓଡ଼ିଶା ନ ଯିବା ଲାଗି ଆମେରିକାର ପରାମର୍ଶ ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି ଓ ରାଜ୍ୟବାସୀଙ୍କୁ ଲଜ୍ଜିତ କରିଛି ।

# ଦିଲ୍ଲୀରେ ଅଦିନିଆ ରଥ ଗଡ଼ାଇଲା ଇସ୍କନ୍

**ଖୁସିବ୍ୟକ୍ତ କଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା / ଜଗନ୍ନାଥପ୍ରେମୀ ମହଲରେ ବିରୋଧ**

ପୁରୀ,୨୨।୬(ସମିସ): ପୁଣି ଅମାନିଆ ହୋଇଛି ଇସ୍କନ। ଏପଟେ ପୁରୀରେ ରଥଯାତ୍ରା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରୁଥିବା ବେଳେ ସେପଟେ ଦିଲ୍ଲୀରେ ଗଡ଼ିଛି ରଥ। ଆଉ ଅଦିନିଆ ରଥଯାତ୍ରାରେ ସାମିଲ ହୋଇ ଖୁସିବ୍ୟକ୍ତ କରିଛନ୍ତି ଦିଲ୍ଲୀର ବିଜେପି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା। ଉଭୟ ଦିଲ୍ଲୀ ଓ ଓଡ଼ିଶାରେ ବିଜେପି ସରକାର। ଅଦିନିଆ ରଥଯାତ୍ରାକୁ ନେଇ ହୋହଲ୍ଲା ଚାଲୁଥିବା ବେଳେ ଡବଲ ଇଞ୍ଜିନ୍ ସରକାର ବି ଭକ୍ତଙ୍କ ଭାବବେଗକୁ ଆଘାତ ଦେଇଛି ବୋଲି ଏବେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପକ୍ଷରେ, ଇସ୍କନର ଏଭଳି ମନମାନିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଇସ୍କନକୁ ବିରୋଧ କରିଛନ୍ତି ଭକ୍ତ ଓ ସେବାୟତ।

ରବିବାର ଦିଲ୍ଲୀ କମଳାନଗରରେ ଆୟୋଜିତ ହୋଇଛି ରଥଯାତ୍ରା। ବିଧି ପରମ୍ପରା ଅନୁସାରେ, ଆଉ ୪ଦିନ ପରେ ରଥଯାତ୍ରା ଥିବା ବେଳେ ଆଜି ଦିଲ୍ଲୀରେ ରଥ ଗଡ଼ିଛି। କ୍ଷୋଭର ବିଷୟ ହେଉଛି,



ରବିବାର ପୁରୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଥଯାତ୍ରା ପାଇଁ ବିଭିନ୍ନ ବିଭାଗର ପ୍ରସ୍ତୁତି ନେଇ ସମୀକ୍ଷା କରୁଥିବା ବେଳେ ସେପଟେ ଦିଲ୍ଲୀରେ ଗଡ଼ିଛି ରଥ। ଆଉ ସେଥିରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସାମିଲ ହୋଇ ଖୁସିବ୍ୟକ୍ତ କରିଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ରେଖା ଜଗନ୍ନାଥଙ୍କ ବିଗ୍ରହକୁ କାନ୍ଧରେ ଧରିଥିବା ବେଳେ ତାଙ୍କ 'ଏକ୍ସ'ରେ ପୋଷ୍ଟ କରିଛନ୍ତି ଯେ କମଳାନଗରରେ ଆୟୋଜିତ ରଥଯାତ୍ରାରେ ସାମିଲ ହୋଇଥିବାରୁ ତାଙ୍କ ଆତ୍ମାକୁ ଅଦ୍ଭୁତ ଶାନ୍ତି, ଉର୍ଜା ଏବଂ ଆନନ୍ଦ ମିଳିଲା। ଗତ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସିଥିବା ବେଳେ ରାଜ୍ୟବାସୀଙ୍କୁ ଆଗୁଆ ରଥଯାତ୍ରାର ଶୁଭେଚ୍ଛା ଜଣାଇଥିଲେ। କିନ୍ତୁ ଦୁଃଖର ବିଷୟ ହେଲା ବିଜେପି ଶାସିତ ଦିଲ୍ଲୀରେ ଅଦିନରେ ରଥ ଗଡ଼ିଛି।

ଅନ୍ୟପକ୍ଷରେ, ଇସ୍କନ ଭାରତବର୍ଷରେ ଅଦିନରେ ରଥଯାତ୍ରା ନ କରିବାକୁ ସହମତି ପ୍ରକାଶ କରିଛି ବୋଲି ଗଜପତି ମହାରାଜା କହୁଥିବା ବେଳେ ଏହି ଅଦିନିଆ ରଥଯାତ୍ରା ଇସ୍କନର ମନମୁଖୀକୁ ପଦାରେ ପକାଇଛି। ତେବେ ଏହି ଅଦିନିଆ ରଥଯାତ୍ରାକୁ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଦୁଃଖ ପ୍ରକାଶ କରିଥିବା ବେଳେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମଧ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତିକୁ ବାରମ୍ବାର ଇସ୍କନ୍ ଅପମାନିତ କରୁଛି ବୋଲି କହିଛନ୍ତି ସାଂସଦ ଶ୍ରୀ ଖୁଣ୍ଟିଆ।

## ଇସ୍କନକୁ ଜଗନ୍ନାଥ ସଂସ୍କୃତି ପରମ୍ପରା ମାନିବାକୁ ହେବ: ଗଜପତି

ପୁରୀ, ୨୨।୬ (ସମିସ): ଦୀଘା ଜଗନ୍ନାଥ ମନ୍ଦିରରେ ମିଠାକୁ ମହାପ୍ରସାଦର ଆଖ୍ୟା ଦେଇ ଘରେ ଘରେ ବଣ୍ଟାଯାଇଛି। ଏହି ଘଟଣା ଜଗନ୍ନାଥପ୍ରେମୀଙ୍କୁ ଶକ୍ତ ଆଘାତ ଦେଇଥିବା ବେଳେ ଏ ସଂକ୍ରାନ୍ତରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଇସ୍କନକୁ ଯଦି ସେବାପୂଜା କରିବାର ଅଛି, ତେବେ ଜଗନ୍ନାଥ ସଂସ୍କୃତି ପରମ୍ପରାକୁ ମାନିବାକୁ ପଡ଼ିବ। ଇସ୍କନ କିଭଳି ମିଠାକୁ ମହାପ୍ରସାଦ କହୁଛି, ସେନେଇ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି ଗଜପତି ମହାରାଜା।

ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଗଜପତି ମହାରାଜା କହିଛନ୍ତି, ବାରମ୍ବାର ଇସ୍କନ ସଂସ୍ଥା ସହ ଆଲୋଚନା ପରେ ସେମାନେ ଭାରତବର୍ଷରେ ତିଥି ପରମ୍ପରା ଅନୁଯାୟୀ ରଥଯାତ୍ରା କରିବାକୁ ରାଜି ହୋଇଛନ୍ତି। କିନ୍ତୁ ଭାରତ ବାହାରେ ଇସ୍କନର ମୁଖ୍ୟ କାର୍ଯ୍ୟାଳୟ ଯେଉଁ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହାନ୍ତି, ସେପର୍ଯ୍ୟନ୍ତ ବନ୍ଦ ହେବ ନାହିଁ। ୨୦୨୪ରେ ଗଜପତିଙ୍କ ସହ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ତରଫରୁ ଶାସ୍ତ୍ରୀୟ ମତ ରଖାଯାଇଥିଲା। ପରେ ମାର୍ଚ୍ଚ ୨୦ରେ ଭୁବନେଶ୍ୱରରେ ଶ୍ରୀମନ୍ଦିର ପଣ୍ଡିତମାନେ ଶାସ୍ତ୍ର ଆଧାରିତ ମତ ରଖିଥିଲେ। ତେବେ ସେମାନେ ଅଦିନିଆ ରଥଯାତ୍ରା ବନ୍ଦ କରିବେ ବୋଲି ଆଶା ରଖିଛନ୍ତି ଗଜପତି ମହାରାଜା। ପରମ୍ପରା ଅନୁଯାୟୀ ରଥଯାତ୍ରା କରନ୍ତୁ ବୋଲି ସେ କହିଛନ୍ତି।

## ରଥଯାତ୍ରାକୁ ଜଗିବ ୨୭୫ ଏଆଇ କ୍ୟାମେରା

■ ପାଞ୍ଚଥାକିଆ ସୁରକ୍ଷା ବ୍ୟବସ୍ଥା, ୧୦ ହଜାର ସୁରକ୍ଷା କର୍ମୀ

■ ଜଳ, ସ୍ଥଳ ଓ ଆକାଶରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ପୁରୀ,୨୨।୬(ସମିସ): ଏଥର ରଥଯାତ୍ରାରେ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ସୁପରିଚାଳନା ପାଇଁ ପୁଲିସ ବ୍ୟାପକ ପ୍ରସ୍ତୁତି କରିଛି। ରବିବାର ଅନୁଷ୍ଠିତ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ସେ କହିଥିଲେ ଯେ ଏଥର ରଥଯାତ୍ରା ଅବସରରେ ପୁରୀ-ଭୁବନେଶ୍ୱର, ପୁରୀ-କୋଣାର୍କ ଏବଂ ପୁରୀ-ବ୍ରହ୍ମଗିରି ରାସ୍ତା ସମେତ ସହରର ପ୍ରମୁଖ ଜାଗାରେ ୨୭୫ଟି ଏଆଇ କ୍ୟାମେରା ଲଗାଯାଉଛି। ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ଓଡ଼ିଶା ପୁଲିସ ଜାଗ୍ରତ ରହିଛି। ୩୬ଟି ପାର୍କିଂ ସ୍ଥାନ ଚିହ୍ନଟ କରାଯାଇଛି। କୌଣସି ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ମୁକାବିଲା ପାଇଁ କୁଇକ୍-ରିଆକ୍ସନ୍ ଟିମ୍ ଓ ଆଣ୍ଟି-ଟେରରିଷ୍ଟ ସ୍କ୍ୱାଡ୍ ମୁତୟନ ହେବେ। ଶ୍ରୀମନ୍ଦିର ସମ୍ମୁଖରେ ସଶସ୍ତ୍ର ସୁରକ୍ଷା କର୍ମୀ ରହିବେ। ଜଳ, ସ୍ଥଳ, ଆକାଶ ମାର୍ଗରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ୧୦ ହଜାର ସୁରକ୍ଷା କର୍ମୀ ମୁତୟନ ହେବେ। ସମୁଦାୟ ଟ୍ରାଫିକ୍ ବ୍ୟବସ୍ଥା ୩ ଭାଗରେ ବିଭକ୍ତ କରାଯିବ। ଡ୍ରୋନ୍ ସହାୟତାରେ ଟ୍ରାଫିକ୍ ପରିଚାଳନା କରାଯିବ। ଏଥର ରଥଯାତ୍ରା ପାଇଁ ପାଞ୍ଚଥାକିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୩୯ଟି ଟ୍ରାଫିକ୍ ପୋଷ୍ଟ ରହିବ। ଏଆଇ କ୍ୟାମେରା ଓ ଡ୍ରୋନ୍ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଛି। ନିଆଁ ଲାଗିବା, ଭିଡ଼ ନିୟନ୍ତ୍ରଣ ଓ ଗୁଜବ ରୋକିବା ପାଇଁ ପ୍ରୟାସ କରାଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି।

# ମଣ୍ଡିରେ ପଡ଼ିରହିଛି ହଜାର ହଜାର କ୍ୱିଣ୍ଟାଲ ଧାନ

କଲମପୁର,୨୨।୬(ସମିସ): କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳର ମଣ୍ଡିଗୁଡ଼ିକରେ ଧାନ ଉଠାଣ ହୋଇ ନ ପାରି ହଜାର ହଜାର କ୍ୱିଣ୍ଟାଲ ପଡି ରହିଛି। ବର୍ଷାକୁ ଦୃଷ୍ଟିରେ ରଖି ଚାଷୀ ଧାନ ବିକିବାକୁ ତରତର ହେଉଛି; ହେଲେ ଧାନ ଉଠୁନି। ଏଥି ମଧ୍ୟରେ କେତେକଙ୍କ ଟୋକନ ତାରିଖ ସରିଗଲାଣି। ଆଉ କେତେକଙ୍କ ଟୋକନ ତାରିଖ ସରିବାକୁ ବସିଛି। ଧାନର ଆର୍ଦ୍ରତାକୁ ନେଇ ୫ରୁ ୭ କେଜି କଟିଂ କରି ନେବାକୁ ଚାଷୀ ରାଜି ହୋଇଥିଲେ ମଧ୍ୟ ମିଲର୍ସ ଧାନ ଉଠାଇବାକୁ ରାଜି ହେଉନାହିଁ। ୧୨ କିଲୋ କଟିଂ ନ ହେଲେ ଧାନ କିଣିବେ ନାହିଁ ବୋଲି ମିଲର ଜିଦ୍ ଧରି ବସିଛନ୍ତି। ମଣ୍ଡିଗୁଡ଼ିକରେ ଏମିତି ଧାନ ଜମା ହୋଇଛି ଯେ, ଆଉ ମହଜୁଦ ରଖିବାକୁ ଜାଗା ମିଳୁନାହିଁ। ଏହାଫଳରେ ଚାଷୀ ରାସ୍ତା କଡରେ ଧାନ ଜମା କରି ରଖିବାକୁ ବାଧ ହୋଇଛି। ଚାଷୀ ଧାନ ବିକି ପାରି ନ ଥିବା ବେଳେ ଆଗକୁ ଚାଷ ପାଇଁ ସଜବାଜ ହେବା କଷ୍ଟକର ହୋଇ ପଡ଼ିଛି।

ଗତବର୍ଷ ଏହି ସମୟ ମଧ୍ୟରେ ପ୍ରାୟ ଧାନ ଉଠି ମଣ୍ଡି ବନ୍ଦ ହେବାକୁ ବସିଥିଲା। ଚଳିତ ବର୍ଷ ଅଧାଅଧି ଧାନ ମଧ୍ୟ ଉଠିନି। ଅନ୍ୟପକ୍ଷେ ଏବେ ଟାର୍ଗେଟ ସମସ୍ୟା ମଧ୍ୟ ମୁଣ୍ଡ ଟେକିଛି। କିଛି ଏଜେଣ୍ଟ କହିଛନ୍ତି ଯେ ଟାର୍ଗେଟଠାରୁ ଅଧିକ ଧାନ ଉଠି ସାରିଲାଣି। ତେଣୁ ବର୍ତ୍ତମାନ ପଡିଥିବା ଧାନ କେଉଁଠୁ ଆସିଛି ତାହା ସନ୍ଦେହ ସୃଷ୍ଟି କରିଛି। କେତେକ ଚାଷୀ କହିଛନ୍ତି ଯେ ବଡବଡିଆଙ୍କ ଧାନ ଆରାମରେ ଉଠିଛି। ଏହା ବାଦ ଦଲାଲଙ୍କ ଧାନ ମଧ୍ୟ ଉଠୁଛି; କିନ୍ତୁ ଛୋଟ ଚାଷୀ ଓ ପ୍ରକୃତ ଚାଷୀ ବେଳକୁ ନିୟମକାନୁନ ଦେଖାଯାଉଛି।



୧୨ କିଲୋ କଟ୍‌ନୀ ପାଇଁ ମିଲର୍‌ଙ୍କ ଜିଦ୍

ଚାଷୀଙ୍କ ଅଭିଯୋଗ ହେଲା ଯେ ମିଲର୍ସଙ୍କ ଏଜେଣ୍ଟ ବହୁ ବର୍ଷ ହେଲା ଏହି ବ୍ୟବସାୟରେ ଲିପ୍ତ ହୋଇ ଆସୁଛନ୍ତି। କେତେକ କର୍ମଚାରୀ ମଧ୍ୟ ଅନୁରୂପ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଏହା ଫଳରେ ସେହି ପାରମ୍ପରିକ ଅଭ୍ୟାସର ପରିବର୍ତ୍ତନ ହୋଇ ପାରୁନାହିଁ। ଯଦି ବର୍ଷା ହେବ ତେବେ ବିପୁଳ ପରିମାଣରେ କ୍ଷୟକ୍ଷତି ହେବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ବିଡ଼ମ୍ବନା ହେଉଛି ଚାଷୀମାନେ ଧାନ ବିକ୍ରିକୁ ନେଇ ଅସହଜ ପରିସ୍ଥିତିର ସମ୍ମୁଖୀନ ହୋଇଥିବାବେଳେ ପ୍ରଶାସନ ହାତବାନ୍ଧି ବସିଛି ଓ ସରକାର ଆଖି ମୁଦି ବସିଛନ୍ତି । ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ କଲମପୁର ଗସ୍ତ ସମୟରେ ଧାନ ବିକ୍ରିରେ ସମସ୍ୟା ହେଲେ ସେ ନିଜେ ହସ୍ତକ୍ଷେପ କରିବେ ବୋଲି କହିଥିଲେ। ମାତ୍ର ଏହାପରେ ବିଧାୟକ ମଧ୍ୟ ତୁଣ୍ଡ ଖୋଲୁ ନାହାନ୍ତି। କଳାହାଣ୍ଡି ଜିଲ୍ଲାରେ ମୌସୁମୀ ବର୍ଷା ଆରମ୍ଭ ହୋଇ ସାରିଲାଣି, ମାତ୍ର ଚାଷୀଙ୍କ ହଜାର ହଜାର କ୍ୱିଣ୍ଟାଲ ଧାନ ଏବେ ବି ରାସ୍ତା ଉପରେ ଗଦା ହୋଇଛି । ଥରେ ବର୍ଷା ପାଣି ଖାଇବା ପରେ ଧାନଗୁଡ଼ିକ ନଷ୍ଟ ହେବା ଆଶଙ୍କା ଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି ।

■ ବଡ଼ ଦୁର୍ଘଟଣାରୁ ବର୍ତ୍ତିଲା

# ଦୁଇ ଭାଗ ହୋଇଗଲା 'ହୀରାଖଣ୍ଡ'

କୋରାପୁଟ/କୋଟପାଡ଼,୨୨।୬(ସମିସ): ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍ ରବିବାର ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଅପରାହ୍ଣ ୪ଟା ୨୫ରେ ଜଗଦଲପୁର ଷ୍ଟେସନ୍ ଛାଡ଼ି ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା ହୀରାଖଣ୍ଡ ଏକ୍ସପ୍ରେସ୍। ମାତ୍ର କିଛି ଦୂର ଅତିକ୍ରମ କରିବା ପରେ ଛତିଶଗଡ଼-ଓଡ଼ିଶା ସୀମା ଆମ୍ବଗୁଡ଼ା ଷ୍ଟେସନ୍ ନିକଟରେ କୌଣସି କାରଣରୁ ଲିଙ୍କ୍ ଛିଡ଼ିଯିବାରୁ ଟ୍ରେନ୍‌ଟି ଦୁଇ ଭାଗ ହୋଇଯାଇଥିଲା। କିଛି ଦୂର ଗଡ଼ିବା ପରେ ଲୋକୋ-ପାଇଲଟ୍ ଟ୍ରେନ୍‌କୁ ଅଟକାଇ ଦେଇଥିଲେ। ଇଞ୍ଜିନ୍‌ଠାରୁ ଅଲଗା ହୋଇଥିବା ବଗିଗୁଡ଼ିକ ମଧ୍ୟ କିଛି ଦୂର ଗଡ଼ିବା ପରେ ଅଟକି ଯାଇଥିଲା। ଏଥିରେ କେହି ମୃତାହତ ହୋଇନଥିବା ଜଣାପଡ଼ିଛି। ଖବର ପାଇ କୋରାପୁଟ ରେଲୱେ ରେସ୍‌କ୍ୟୁ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମରାମତି କରିବା ପରେ ଟ୍ରେନ୍‌ଟି ସ୍ୱାଭାବିକ ଭାବେ ଯାତ୍ରାରମ୍ଭ କରିଛି। ଅପରପକ୍ଷେ, ଏହି ଅଘଟଣ ପାଇଁ ଟ୍ରେନ୍‌ଟି ପ୍ରାୟ ୩ଘଣ୍ଟା ବିଳମ୍ବରେ ଚାଲୁଥିବା ଜଣାପଡ଼ିଛି।



# କମୁଛି ବନ୍ୟା; ବଢୁଛି ଦୁର୍ଦ୍ଦଶା

## ତିନି ଦିନ ପରେ ମିଳିଲା ମୁଠେ ଶୁଖିଲା ଖାଦ୍ୟ

ବାଲେଶ୍ୱର(ଉତ୍ତର)/ଭୋଗରାଇ/ବାଲିଆପାଳ/କାଳୀପଦା, ୨୨।୬ (ସମିସ): ସୁବର୍ଣ୍ଣରେଖା ନଦୀରେ ବନ୍ୟାକୁ ତିନି ଦିନ ବିତିଛି। ବିପଦ ସଂକେତ ତଳେ ଏବେ ବନ୍ୟାଜଳ ପ୍ରବାହିତ ହେଉଥିଲେ ହେଁ ଭୋଗରାଇ ଓ ବାଲିଆପାଳରେ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି।

ଭୋଗରାଇ ବ୍ଲକ୍‌ର ୮ଟି ପଞ୍ଚାୟତର ପ୍ରାୟ ୪୦ରୁ ଅଧିକ ଗାଁର ଲୋକେ ଏବେବି ପାଣିଘେରରେ ଅଛନ୍ତି। ତିନି ଦିନ ପରେ ଆଜି ବ୍ଲକ ପ୍ରଶାସନ ପକ୍ଷରୁ ଅଳ୍ପ

- ପାଣି ଘେରରେ ଭୋଗରାଇର ୪୦ ଓ ବାଲିଆପାଳର ୫୦ ଗାଁ
- ପାନୀୟ ଜଳର ଅଭାବ ମେଣ୍ଟାଇବାରେ ପ୍ରଶାସନ ବିଫଳ
- ଗତକାଲି ଭାସିଯାଇଥିବା ଯୁବକଙ୍କ ମୃତଦେହ ମିଳିଲା

କେତେକ ଗାଁରେ ଶୁଖିଲା ଖାଦ୍ୟ ଓ ପାଣି ବୋତଲ ବଣ୍ଟନ କରାଯାଇଛି। ମାତ୍ର ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳର ଆବଶ୍ୟକତା ଥିବା ବେଳେ ପ୍ରଶାସନ ଯୋଗାଇବାରେ ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ଏବେ ବି ବ୍ଲକ୍‌ର ଖରିଦପିପଳ, ଆରୁହାବୃତ୍ତି-୧, ନାଚିନ୍ଦା, କୁସୁଡ଼ା, ଗବ ଗାଁ, ପୁଟିଣା, କୁମ୍ଭୀରଗଡ଼ି ଓ ଜୟରାମପୁର ପଞ୍ଚାୟତର ଅନେକ ଗାଁ ବନ୍ୟା ବନ୍ୟାଜଳ ଘେରରେ ରହିଛି। ମାତ୍ର ପ୍ରଶାସନ ପକ୍ଷରୁ ସେମାନଙ୍କୁ ଏ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇନାହିଁ। ପ୍ରଶାସନ ପକ୍ଷରୁ



ଭୋଗରାଇ ବ୍ଲକ୍‌ର ମାତ୍ର ୮ଟି ଗ୍ରାମରେ ଚୁଡା ଗୁଡ଼, ପାଣି ବୋତଲ ବଣ୍ଟନ କରାଯାଇଛି। ଅପରପକ୍ଷେ, ବନ୍ୟା ପାଣି ସ୍ରୋତରେ ଗତକାଲି ଭାସି ଯାଇଥିବା କୁମ୍ଭୀରଗଡ଼ି ପଞ୍ଚାୟତର କୁହ୍ଲା ଗ୍ରାମର ନବକୃଷ୍ଣ ପିଳାଙ୍କ ପୁଅ ମହେଶ୍ୱର ପିଳାଙ୍କ ମୃତଦେହ ଆଜି ଉଦ୍ଧାର ହୋଇଛି। ସକାଳେ ସ୍ଥାନୀୟଲୋକେ ନଦୀରେ ଏକ ଶବ ଭାସୁଥିବା ଦେଖି ପ୍ରଶାସନକୁ ଖବର ଦେବା ପରେ ଓଡ୍ରାଫ ଟିମ ପହଁଚି ଶବକୁ ଉଦ୍ଧାର କରିଥିଲା। ଉକ୍ତ ଶବକୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ସେହିପରି ବନ୍ୟାରେ ବାଲିଆପାଳ ବ୍ଲକର ୧୦ ପଞ୍ଚାୟତର ୫୦ରୁ ଅଧିକ ଗ୍ରାମ ବିଶେଷ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଏବେବି ଏହି ସବୁ ଗ୍ରାମରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। କୁଦମାନସିଂ, ଆଠବାଟିଆ, ରାଉତୁରାପୁର, ତଳ ବାଲିଆପାଳ, ଶୁଙ୍ଗମୁହଁ, ପାଳଚମ୍ପେ, ବିଷ୍ଣୁପୁର, ଇକଡପାଳ, ଚୌଧୁରିକୁଦ, କୁହ୍ଲାଚଡ, ବଡତାଳପଦା, ନଖପାଳ ପ୍ରଭୃତି ଗ୍ରାମ ସଂପୂର୍ଣ୍ଣ ରୂପେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ବନ୍ୟା ଯୋଗୁଁ ୨ଦିନ ହେଲା ଗ୍ରାମର ଅନେକ ଲୋକଙ୍କ ଘରେ ଚୁଲି ଜଳି ନଥିବା ବେଳେ ସେମାନେ ଭୋକ ଉପବାସରେ ଦିନ ବିତାଉଛନ୍ତି। ପିଇବା ପାଣି ପାଇଁ ଲୋକେ ସବୁଠାରୁ ଅଧିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ନଳକୂପଗୁଡ଼ିକ ପାଣିରେ ବୁଡ଼ି ରହିଥିବାରୁ ଲୋକେ ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଲୋକମାନେ ଟ୍ୟାଙ୍କର ପାଖକୁ ପାଣି ନେବା ପାଇଁ ଅଣ୍ଟେ ପେଟେ ପାଣିରେ ପଶି ରାସ୍ତା ଉପରକୁ ଆସିବାକୁ ପଡୁଛି। ଏହା ପର୍ଯ୍ୟାପ୍ତ ନୁହଁ ବୋଲି ବହୁ ବିପନ୍ନ ଅଭିଯୋଗ କରିଛନ୍ତି। ସେହିପରି ବନ୍ୟା ଯୋଗୁଁ ଗୃହପାଳିତ ପଶୁ ଘରୁ ପଦାକୁ ବାହାରି ନପାରି ଭୋକିଲା ଅଛନ୍ତି। ବନ୍ୟା ପାଣି ସମ୍ପୂର୍ଣ୍ଣ ଛାଡ଼ିବାକୁ ଆହୁରି ଦିନେ ଦୁଇଦିନ ଲାଗିବ। ତେବେ ପ୍ରଶାସନ ପକ୍ଷରୁ ଲୋକମାନଙ୍କ ପାଖରେ ରିଲିଫ ପହଂଚାଇ ନପାରିବା ପ୍ରଶାସନର ଅପାରଗତାକୁ ପଦାରେ ପକାଇଛି।

ବନ୍ୟା ପରେ ଗ୍ରାମବାସୀମାନେ ଝାଡାବାନ୍ତିରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ ଥିବାରୁ ପ୍ରସାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ନଳକୂପ ଏବଂ ଗ୍ରାମ ଗୁଡିକ ବିଶୋଧନ ପାଇଁ ଦାବି ହୋଇଛି। ସେହିପରି ଶହଶହ ଏକର ଜମିରେ ହୋଇଥିବା ପରିବା ଚାଷ ପାଣିରେ ବୁଡି ରହି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି।

## ଜମିଜମା ବିବାଦ: ବାପାକୁ କାଠଫାଳିଆରେ ପିଟି ହତ୍ୟା

ନୂଆପଡ଼ା,୨୨।୬(ସମିସ): ନୂଆପଡ଼ା ଜିଲ୍ଲା ବେଲଟୁକୁରି ଥାନା କୁରୁମୁଣ୍ଡା ଗାଁ (ଚିରାପଡ଼ା)ରେ ଶନିବାର ଏକ ଅଭାବନୀୟ ଅଘଟଣ ଘଟିଛି। ଜମିଜମା ବିବାଦକୁ କେନ୍ଦ୍ର କରି କାଠଫାଳିଆରେ ପିଟି ବାପାକୁ ହତ୍ୟା କରିଛି ପୁଅ। ମୃତକ ହେଲେ, ପବନ ବରିହା (୬୦)। ଏହି ଘଟଣାରେ ଆଜି ପୁଲିସ୍ ଅଭିଯୁକ୍ତ ତୁଳାରାମ ବରିହା (୩୫)କୁ ଗିରଫ କରି କୋର୍ଟଚାଲାଣ କରିଛି। ବାପା-ପୁଅ ଏକାଠି ମଦ ପିଇ ମାତାଲ ହେବା ପରେ ଏହି ଘଟଣା ଘଟିଥିଲା। ପବନଙ୍କୁ ହତ୍ୟା କରିବା ପରେ ତୁଳାରାମ ତାଙ୍କୁ କ୍ଷେତରେ ଫିଙ୍ଗି ଦେଇଥିଲା। ନୂଆପଡ଼ା ଏସ୍‌ପି ଜିଆର ରାଘବେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୁଲିସ୍ ପବନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।


ଅଭିଯୁକ୍ତ ପୁଅ

ପବନଙ୍କ ୩ପୁଅ ଦିରବଲ, ଡିଲେଶ୍ୱର ଏବଂ ତୁଳାରାମଙ୍କ ମଧ୍ୟରୁ ଦିରବଲ ଏବଂ ଡିଲେଶ୍ୱର ଛତିଶଗଡ଼ରେ ନିଜ ନିଜ ଶଶୂର ଘରେ ରହୁଛନ୍ତି। ପବନ ତାଙ୍କ ସ୍ତ୍ରୀ ଏବଂ ନାତୁଣୀଙ୍କ ସହ ତୁଳାରାମଙ୍କ ସହ ଗାଁରେ ରହୁଥିଲେ। ୨ବର୍ଷ ହେବ, ଜମିବିକ୍ରିକୁ ନେଇ ବାପ-ପୁଅଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ସେବେଠାରୁ ପବନ ନିକଟସ୍ଥ ଆମୋଦି ଗାଁରେ ନିଜର ଜଣେ ସଂପର୍କୀୟ ଘରେ ଲୁଚି ରହୁଥିଲେ। ଗତ ଅକ୍ଟୋବରରେ ସ୍ତ୍ରୀ, ନାତୁଣୀ ସହ ପବନ ଦାଦନ ଖଟିବାକୁ ଉତ୍ତରପ୍ରଦେଶ ଯାଇଥିଲେ। ୩ ଦିନ ତଳେ ସେମାନେ ଘରକୁ ଫେରିଥିଲେ। ଶନିବାର ପବନ କୁରୁମୁଣ୍ଡା ଗାଁକୁ ଆସିଥିବା ବେଳେ ବାପ-ପୁଅ ଭେଟ ହୋଇଥିଲେ। ପରେ ଉଭୟ ଗାଁ ନିକଟ ନିଜ ଜମି ପାଖରେ ଏକାଠି ବସି ମଦ ପିଇଥିଲେ। ପରେ ନିଶାସକ୍ତ ଅବସ୍ଥାରେ ଜମିଜମା ବିକ୍ରିକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ତୁଳାରାମ ତାଙ୍କ ବାପା ପବନଙ୍କୁ ନିଜ କ୍ଷେତକୁ ଟାଣି ନେଇଥିଲେ। ସେଠାରେ ଏକ କାଠ ଫାଳିଆରେ ନିର୍ଘାତ ମାଡ଼ ମାରିଥିଲେ। ଫଳରେ ପବନ ସେହିଠାରେ ହିଁ ଟଳି ପଡ଼ିଥିଲେ। ପରେ ତୁଳାରାମ ଘରକୁ ଯାଇ ବାପାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ତା' ମା'କୁ କହିଥିଲା। ଏପରିକି, ବାପା ମରି ଯାଇଥିବାରୁ ମା'କୁ ଚୁଡ଼ି ଭାଙ୍ଗିବାକୁ କହିଥିଲା। କିନ୍ତୁ ଏହି ଘଟଣାକୁ ମା' ସହଜରେ ବିଶ୍ୱାସ କରି ନଥିଲେ। ହେଲେ ପରେ ଗାଁରେ କଥା ପ୍ରଘଟ ପରେ ହୋଇଥିଲା। ବିଳମ୍ବିତ ରାତିରେ ପୁଲିସ ଖବର ପାଇଥିଲା। ରବିବାର ସକାଳେ ବେଲଟୁକୁରୀ ଥାନାଧିକାରୀ ସୂର୍ଯ୍ୟକାନ୍ତୀ ଦାସଙ୍କ ନେତୃତ୍ୱରେ ପୁଲିସ ଟିମ୍ ଗାଁରେ ପହଞ୍ଚି ଶବ ଜବତ କରିବା ସହ ଅଭିଯୁକ୍ତ ପୁଅକୁ ଗିରଫ କରିଥିଲା।

## ଗୁଣିଆ ସନ୍ଦେହରେ କକାକୁ ଗଳାକାଟି ହତ୍ୟା

ତୁରେକେଲା, ୨୨।୬ (ସମିସ): ଗୁଣିଆ ସନ୍ଦେହରେ କକାକୁ ଗଳାକାଟି ହତ୍ୟା। ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଖୁଜେନଗାଁରେ ଏଭଳି ଏକ ଘଟଣା ଘଟିଛି। ମୃତକ ହେଲେ, ସେହି ଗାଁର ତୁଳାରାମ ଜାନି। ସାଇଣ୍ଟିଫିକ୍ ଟିମ୍ ସହାୟତରେ ପୁଲିସ୍ ଘଟଣାସ୍ଥଳରେ ତଦନ୍ତ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏହାସହ ନମ୍ବର ୧୬୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ପୁତୁରା ଡିଙ୍ଗର ଜାନିକୁ ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟରେ ତା'ର ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, କିଛି ଦିନ ତଳେ ଡିଙ୍ଗରର ବାପାଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିଲା। ତେବେ, ଦୁଇ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ଲାଗି ରହିଥିବା ବିବାଦରୁ ତୁଳାରାମ ହିଁ ତା' ବାପାଙ୍କୁ ଗୁଣିଗାରେଡ଼ି କରି ମାରିଦେଇଥିବା ଡିଙ୍ଗର ସନ୍ଦେହ କରିଥିଲା। ତେଣୁ ସେ ତୁଳାରାମଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା। ପ୍ରବଳ ଗରମ ଯୋଗୁଁ ଶନିବାର ରାତିରେ ତୁଳାରାମ ଘର ବାହାରେ ଶୋଇଥିଲେ। ରାତି ପ୍ରାୟ ୧୦ଟା ବେଳେ ଡିଙ୍ଗର ତାଙ୍କ ଗଳା କାଟି ଦେଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତୁଳାରାମ କବାଟ ବାଡ଼େଇ ଘର ଭିତରେ ଶୋଇଥିବା ସ୍ତ୍ରୀ ଏବଂ ଝିଅକୁ ଉଠାଇଥିଲେ। ପରିବାରଲୋକ ତୁରନ୍ତ ତାଙ୍କୁ ତୁରେକେଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ପକ୍ଷରୁ ତୁରେକେଲା ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ତୁଳାରାମଙ୍କ ୪ପୁତୁରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ତଦନ୍ତ ବେଳେ ଡିଙ୍ଗର୍ ହିଁ ଏହି ହତ୍ୟାକାଣ୍ଡ ଘିଆଇଥିବା ପୁଲିସ୍ ଜାଣିବାକୁ ପାଇଥିଲା। ସେପଟେ ତୁଳାରାମଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ ଝିଅ ବେସାହାରା ହୋଇପଡ଼ିଛନ୍ତି।

## ଟ୍ରେଲରକୁ ପଛରୁ ପିଟିଲା ବାଇକ୍; ୨ ମୃତ

ସୁନ୍ଦରଗଡ଼, ୨୨।୬ (ସମିସ): ୧୦ନମ୍ବର ରାଜ୍ୟ ରାଜପଥର ସୁନ୍ଦରଗଡ଼ ସଦର ଥାନା କରମଡିହି ନିକଟରେ ଚଳନ୍ତା ଟ୍ରେଲରକୁ ଏକ ବାଇକ୍ ପଛପଟୁ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ଜରଙ୍ଗଲୋଇ ଗ୍ରାମର ନବୀନ କାଲୋ (୨୨) ଓ ଦେବେନ୍ଦ୍ର କିସାନ (୧୮)। ଶନିବାର ରାତିରେ ଦୁହେଁ ଏକ ବାଇକ୍‌ରେ ସୁନ୍ଦରଗଡ଼କୁ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବର ପାଇ ପୁଲିସ୍ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍ ମୃତଦେହକୁ ବ୍ୟବଚ୍ଛେଦ କରାଇବା ସହ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରାଯାଇଛି।

## ଜୁନ୍ ୩୦ରୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ

କଟକ, ୨୨।୬ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ପରିଚାଳିତ ଦଶମ ଶ୍ରେଣୀ ସପ୍ଲିମେଣ୍ଟାରୀ ପରୀକ୍ଷା ଆସନ୍ତା ଜୁନ୍ ୩୦ ତାରିଖରୁ ଆରମ୍ଭ ହେବ। ଚଳିତ ବାର୍ଷିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ଏବଂ ପରୀକ୍ଷା ଦେଇପାରିନଥିବା ୩୨୩୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିଲେ। ସେମାନଙ୍କ ନିମନ୍ତେ ୯୮ଟି କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଏହି ପରୀକ୍ଷା ଆସନ୍ତା ୩୦ରୁ ଆରମ୍ଭ ହୋଇ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଅନ୍ୟପକ୍ଷରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା ନିମନ୍ତେ ୧୦୩ ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା ରହିଛି। ପ୍ରାୟ ୧୦ ହଜାର ୮୦୯ ପରୀକ୍ଷାର୍ଥୀ ଉକ୍ତ ପରୀକ୍ଷା ଦେବେ। ଉଭୟ ପରୀକ୍ଷା ପାଇଁ ବୋର୍ଡ ୱେବସାଇଟ୍‌ରେ ପ୍ରବେଶ ପତ୍ର ଉପଲବ୍ଧ ଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

**୯୮ କେନ୍ଦ୍ରରେ ପରୀକ୍ଷା ଦେବେ ୩୨୩୨ ପରୀକ୍ଷାର୍ଥୀ**

## ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ୧୯ ଲକ୍ଷର ଚୂନ

ବାରିପଦା, ୨୨।୬ (ସମିସ): ବାରିପଦା ମଧୁବନ ଅଞ୍ଚଳର ଜଣେ ଯୁବକଙ୍କୁ ସାଇବର୍ ଠକ ୧୯ ଲକ୍ଷ ଟଙ୍କାର ଚୂନ ମାରିଛନ୍ତି। ଠକେଇର ଶିକାର ହୋଇଥିବା ଯୁବକଜଣଙ୍କ ହେଲେ, ଶିବେନ୍ଦୁ ସୁରଜିତ ଜେନା। ଏ ସଂପର୍କରେ ସେ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ଘରେ ବସି ଅନ୍‌ଲାଇନ ଜରିଆରେ କାମ କରିବାକୁ ତାଙ୍କୁ ଠକମାନେ ପ୍ରବର୍ତ୍ତାଇଥିଲେ। ଏଥିପାଇଁ ମୋଟା ଅଙ୍କର ଟଙ୍କା ମିଳିବ ବୋଲି ପ୍ରଲୋଭନ ମଧ୍ୟ ଦେଖାଇଥିଲେ। ଅଧିକ ଅର୍ଥ ଉପାର୍ଜନ ଆଶାରେ ସୁରଜିତ୍ ସେମାନଙ୍କ କଥାରେ ରାଜି ହୋଇ କାମ ଆରମ୍ଭ କରିଥିଲେ। ତାଙ୍କ ବିଶ୍ୱାସ ଜିତିବା ପାଇଁ ଠକ ପ୍ରଥମେ ପ୍ରଥମେ ତାଙ୍କୁ ଟଙ୍କା ପ୍ରଦାନ କରିଥିଲେ। ପରେ ତାଙ୍କ ରୋଜଗାର ଟଙ୍କାକୁ ଅନ୍‌ଲାଇନ୍ ଟ୍ରେଡିଂରେ ବିନିଯୋଗ କରିବାକୁ ଠକ ପ୍ରବର୍ତ୍ତାଇଥିଲେ। ଠକଙ୍କ କହିବା ମୁତାବକ ସେ ଅନ୍‌ଲାଇନ୍ ଟ୍ରେଡିଂରେ ଟଙ୍କା ବିନିଯୋଗ କରିବା ଆରମ୍ଭ କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ସୁରଜିତ୍ ସମୁଦାୟ ୧୯,୯୭,୦୭୩ ଟଙ୍କା ବିନିଯୋଗ କରିବା ପରେ ଠକମାନେ ଆଉ ଧରାଛୁଆଁ ଦେଇନଥିଲେ। ସୁରଜିତ୍ ବାରମ୍ବାର ଯୋଗାଯୋଗ କରିଥିଲେ ହେଁ ସଫଳ ହୋଇନଥିଲେ। ତେଣୁ ଠକେଇର ଶିକାର ହୋଇଥିବା ଜାଣିବା ପରେ ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଯୁବତୀଙ୍କ ଭିଡିଓ ଭାଇରାଲ

ବାରିପଦା,୨୨।୬(ସମିସ): ଜଣେ ଯୁବତୀଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ କରିବାକୁ ନେଇ ଭଞ୍ଜପୁର ଥାନାରେ ଅଭିଯୋଗ ହୋଇଛି। ପରିବାରଲୋକଙ୍କ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନହେବାରୁ ପୁନଃ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜଣେ ଯୁବକ ତାଙ୍କ ଝିଅର ଭିଡିଓ ମୋବାଇଲରେ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରିଛି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ଅଭିଯୁକ୍ତ ଗିରଫ ହୋଇନାହିଁ। ଫଳରେ ଯୁବତୀ ଓ ତାଙ୍କ ପରିବାରକୁ ନାନାଦି ଅପବାଦ ଶୁଣିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି।

## ସୁସ୍ଥ ହେଲେ ମହାପ୍ରଭୁ

ପୁରୀ,୨୨।୬(ସମିସ): ମାନବୀୟ ଲୀଳା କରୁଛନ୍ତି ମହାପ୍ରଭୁ। ଦାରୁବିଗ୍ରହଙ୍କ ନୀତିକାନ୍ତି ଓ ଜୀବନଚର୍ଯ୍ୟା ସାଧାରଣ ମଣିଷଙ୍କ ଭଳି। ପବିତ୍ର ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ ପରେ ଠାକୁର ଅସୁସ୍ଥ ହୋଇ ଅଣସର ଘରେ

**ଗଜପତିଙ୍କୁ ଜଣାଇଲେ ଦଇତାପତି**



ରହିଛନ୍ତି। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତସେବା କରୁଛନ୍ତି। ଇତିମଧ୍ୟରେ ବଡ଼ଓଡ଼ିଆ ମଠରୁ ଆସିଥିବା ଫୁଲୁରି ତେଲ, ଶୁଦ୍ଧସୁଆର ଦେଇଥିବା ଓଷୁଅ ଲାଗି ହେବା ପରେ ଶ୍ରୀବିଗ୍ରହ ଚକାବିଜେ କରିଛନ୍ତି। ଖଳିଲାଗି ଏକାଦଶୀରେ ଦଶମୂଳ ମୋଦକ ସେବନ କରିବା ପରେ ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ପତି ମହାପାତ୍ର ଓ ଦଇତାପତି ସେବକମାନେ ଶ୍ରୀନଅରକୁ ଯାଇ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କୁ ଦାରୁବିଗ୍ରହଙ୍କ ସୁସ୍ଥ ଖବର ଜଣାଇଛନ୍ତି। ଏଥିସହ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ପ୍ରସାଦ ପ୍ରଦାନ କରିଛନ୍ତି। ସୋମବାର ତ୍ରୟୋଦଶୀ ତିଥିରେ ଘଣାଲାଗି କରାଯିବ। ଆଷାଢ଼ କୃଷ୍ଣ ଦ୍ୱାଦଶୀ ତିଥିରେ ଅଣସରରେ ଥିବା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ରାଜପ୍ରସାଦ ବିଜେ ହେବାର ପରମ୍ପରା ରହିଛି।

## ବର୍ଷାରେ ଧୋଇଗଲା ଡାଇଭର୍ସନ୍ ରାସ୍ତା

ତେଲକୋଇ,୨୨।୬ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ କୁନ୍ତଳା ପୂର୍ତ୍ତ ବିଭାଗ ରାସ୍ତାର ଲୋକନାଥପୁର ନିକଟ ବାଉଁଶଯୋର ପୋଲର ଡାଇଭର୍ସନ୍ ରାସ୍ତା ଧୋଇଯାଇଛି। ଫଳରେ



ତେଲକୋଇ-ଜଗମୋହନପୁର, ତେଲକୋଇ-ଦେବଗଡ଼, ତେଲକୋଇ-ସମ୍ବଲପୁର ଏବଂ ତେଲକୋଇ-ରାଉରକେଲାକୁ ଯାତାୟାତ ବ୍ୟାହତ ହୋଇଛି। ଏପରିକି, ୪୯ ନମ୍ବର ଜାତୀୟ ରାଜପଥକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ସେହିପରି ତେଲକୋଇ ବ୍ଲକ୍‌ର ଛାମୁଣ୍ଡା, ଜଗମୋହନପୁର, ବିଞ୍ଜବାହାଳ ଆଦି ପଞ୍ଚାୟତର ୨୦ରୁ ଅଧିକ ଗ୍ରାମ ବ୍ଲକ୍ ମୁଖ୍ୟାଳୟରୁ ବିଚ୍ଛିନ୍ନ ହୋଇପଡ଼ିଛି। ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା ଏବଂ ନିମ୍ନମାନର କାମ ଯୋଗୁଁ ଏଭଳି ସମସ୍ୟା ଉପୁଜିଥିବା ଅଭିଯୋଗ ହୋଇଛି।

ସୂଚନାନୁଯାୟୀ, ରବିବାର ଭୋର୍‌ରେ ପ୍ରବଳ ବର୍ଷା ଯୋଗୁଁ ନାଳରେ ଅତ୍ୟଧିକ ଜଳ ପ୍ରବାହିତ ହୋଇଥିଲା। ଠିକାସଂସ୍ଥା ଡାଇଭର୍ସନ ରାସ୍ତାରେ ଅତି ସଙ୍କୁଚିତ ପୋଲ

**୪୯ ନମ୍ବର ରାଜପଥକୁ ଯୋଗାଯୋଗ ବିଚ୍ଛିନ୍ନ**

ନିର୍ମାଣ କରିଥିବାରୁ ପ୍ରବାହିତ ଜଳରେ ପୋଲ ଧୋଇ ଯାଇଥିଲା। ତେବେ ଶେଷ ଖବର ଲେଖା ହେବା ସୁଦ୍ଧା ଏପର୍ଯ୍ୟନ୍ତ ଏହାକୁ ମରାମତି କରାଯାଇନାହିଁ। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସ୍ ଓ ଅନ୍ୟାନ୍ୟ ଗାଡ଼ି ସବୁ ଦୋବଲାପାଳ, ଛାମୁଣ୍ଡା ଦେଇ ଏକ ସଂକୀର୍ଣ୍ଣ ରାସ୍ତାରେ ବିପଦସଙ୍କୁଳ ଭାବେ ଯା'ଆସ କରୁଛନ୍ତି। ଜିଲ୍ଲା ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାଲେଶ୍ୱର ବନ୍ୟାରେ ଉଦ୍ଧାର ଓ ରିଲିଫ୍ ବଣ୍ଟନ ତଦାରଖ ପାଇଁ ପିସିସି କମିଟି

ଭୁବନେଶ୍ୱର,୨୨।୬(ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ଅଂଚଳର ବନ୍ୟାପୀଡ଼ିତ ଲୋକଙ୍କ ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ପିସିସି ସଭାପତି ଏକ କମିଟି ଗଠନ କରିଛନ୍ତି। ବାଲେଶ୍ୱର ପୂର୍ବତନ ସଂସଦ ପ୍ରାର୍ଥୀ ତଥା ଏଆଇସିସି ସଦସ୍ୟ ନବଜ୍ୟୋତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ ହୋଇଛି। ପିସିସି ଉପସଭାପତି ତଥା ବାଲେଶ୍ୱର ଜିଲ୍ଲା ସଂଗଠନ ଦାୟିତ୍ୱରେ ଥିବା ଦେବାଶିଷ ପଟ୍ଟନାୟକ ବନ୍ୟାପ୍ଲାବିତ ଅଂଚଳକୁ ଗସ୍ତ କରିବେ ଓ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ଯୋଗ ଦେବେ। ଏହି କମିଟିରେ ଅନ୍ୟମାନଙ୍କ ମଧ୍ୟରେ ସଂଜୀବ ଗିରି, ସତ୍ୟଶିବ ଦାସ, ସନ୍ତୋଷ ଜେନା, ମୀନାରାଣୀ ସୁର, ମମତା ସାହୁ, ବିଜନ ନାୟକ, ଜଗନ୍ନାଥ ବିଶ୍ୱାଳ, ରଞ୍ଜିତା ନାୟକ, ବାବାଜୀ ଦେହୁରି, ମୁରଲୀ ମନୋହର ସାହୁ, ସତ୍ୟ ଦାସ, ଦେବୀ ଚନ୍ଦ, ମଞ୍ଜୁଶ୍ରୀ ପଣ୍ଡା, ଗିରିଜା ଶଙ୍କର ଦାସ, ରାଜୀବ ପରିଡ଼ା ପ୍ରମୁଖ ସଦସ୍ୟ ରହିଛନ୍ତି।

## ପିଏଚ୍‌ଡି ଲାଭ



ଶ୍ରୀ ଶ୍ରୀଧର ରଞ୍ଜନ ଦାସ Biju Patnaik University of Technology (BPUT), Rourkela ରୁ ଫାର୍ମାସି ବିଭାଗରେ କୃତିତ୍ୱ ସହ (Ph.D) ଉପାଧି ଲାଭ କରିଛନ୍ତି। Einstein College of Pharmacy, Khurda ର Prof. (Dr.) Bibhuti Bhusana Panigrahi ଏବଂ I.G.I.P.S, Bhubaneswar ର Prof. (Dr.) Manoj Kumar Paniଙ୍କ ତତ୍ତ୍ୱାବଧାନରେ "Formulation and Evaluation of Novel Bilayer Floating Tablet By Using Selective Drugs as GRDDS" ଉପରେ ଗବେଷଣା କରିଥିବା ସନ୍ଦର୍ଭଟି Examiner, Prof. (Dr.) Satyabrata Bhanja, RITEE college of Pharmacy, Raipur ଏବଂ Dr. Rakesh Gupta, Vaish institute of pharmaceutical education, Rohtak, Haryana ଙ୍କ ଦ୍ୱାରା ମୂଲ୍ୟାୟନ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଶ୍ରୀଧର ରଞ୍ଜନ ଦାସ ବର୍ତ୍ତମାନ S.I.P.E.R, Cuttack ଠାରେ Associate Professor ଭାବେ କାର୍ଯ୍ୟରତ ଥିବା ସହ ତାଙ୍କର ଗବେଷଣାତ୍ମକ କାର୍ଯ୍ୟ ପାଇଁ ବିଦେଶର ଅନେକେ ଗବେଷଣା ସଂସ୍ଥା ଦ୍ୱାରା ପ୍ରଶଂସିତ ହେବାରେ ସୌଭାଗ୍ୟ ଲାଭ କରିଛନ୍ତି। ସେ ଅନେକ ବହୁ ପ୍ରତିଷ୍ଠିତ ଗବେଶାତ୍ମକ ପତ୍ରିକା ପ୍ରକାଶକ ସଂସ୍ଥା ରେ ସମୀକ୍ଷକ ଭାବେ କାର୍ଯ୍ୟ କରି ଦେଶ ଏବଂ ବିଦେଶ ରେ ପ୍ରତିଷ୍ଠା ଲାଭ କରିଛନ୍ତି। ଡ. ଶ୍ରୀଧର ରଞ୍ଜନ ଦାସ କଟକ ଜିଲ୍ଲାର ଯଶପଡା ନିବାସୀ, ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ କର୍ମଚାରୀ ଶ୍ରୀଯୁକ୍ତ ସୁଦାମ ଚରଣ ଦାସ ଏବଂ ଶ୍ରୀମତୀ ବାସନ୍ତୀ ଦାସଙ୍କ ମଧ୍ୟମ ପୁତ୍ର ଅଟନ୍ତି। ସେ କୁନି ବେହେରାଙ୍କ ଏକମାତ୍ର ଜାମାତା ଅଟନ୍ତି। ସେ ଏହି କାର୍ଯ୍ୟର ସଫଳତାର ଶ୍ରେୟ ପ୍ରଭୁ ଶ୍ରୀ ଜଗନ୍ନାଥ, ଝଙ୍କଡ ବାସିନୀ ମା ଶାରଳା, ପିତାମାତା, ପରିବାର, ବନ୍ଧୁ, ପରିଜନ ତଥା ଗବେଷଣା ପାଇଁ ଉତ୍ସାହିତ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରିଛନ୍ତି।

## +୩ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା

# ନାମଲେଖା ପାଇଁ ୪୫,୫୦୨ ଚୟନ

ଭୁବନେଶ୍ୱର,୨୨।୬(ସମିସ): ପ୍ରଥମ ପର୍ଯ୍ୟାୟ +୩ ନାମଲେଖା ପାଇଁ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ରବିବାର ପ୍ରକାଶ ପାଇଛି। ସମୁଦାୟ ୪୫,୫୦୨ ପିଲା ନାମଲେଖା ପାଇଁ ଚୟନ ହୋଇଛନ୍ତି।

- ପ୍ରଥମ ରାଉଣ୍ଡରେ ଦୂରେଇ ରହିଲେ ୪୩,୮୪୪
- ଖାଲି ପଡ଼ିବ ୫୪ ହଜାର ସିଟ୍

ତନ୍ମଧ୍ୟରେ ୨୦,୦୩୧ ଛାତ୍ର ଥିବା ବେଳେ ୨୫,୪୬୮ ଛାତ୍ରୀ ଓ ୩ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ବଡ଼ କଥା ହେଲା, ୪୩,୮୪୪ଜଣ ଚୟନ ହୋଇଥିଲେ ମଧ୍ୟ ନାମଲେଖା ପ୍ରକ୍ରିୟାରେ ଆଦୌ ସାମିଲ ହୋଇନାହାନ୍ତି। ଫଳରେ ଅବଶିଷ୍ଟ ପ୍ରକ୍ରିୟାରୁ ସେମାନେ ବାଦ୍ ପଡ଼ିଛନ୍ତି। ପ୍ରଥମ ରାଉଣ୍ଡରେ ୭୯,୭୫୨ଜଣ ନାମ ଲେଖାଇଥିବା ବେଳେ ୫୨,୧୨୬ ଜଣ ସ୍ଲାଇଡ୍ ଅପସନ୍ ଦେଇଛନ୍ତି। ସମୁଦାୟ ୧,୭୫,୭୨୨ ଜଣଙ୍କୁ ନାମଲେଖା ପାଇଁ ଚୟନ କରାଯାଇଥିବାରୁ ପ୍ରାୟ ୪୪ ହଜାର ସିଟ୍ ଖାଲି ପଡ଼ିବା ସୁନିଶ୍ଚିତ ହୋଇଛି। ପ୍ରାୟ ୧୦ ହଜାର ପିଲା କମ୍ ଆବେଦନ କରିଥିବାରୁ ୫୪ ହଜାର ସିଟ୍ ଖାଲି ପଡ଼ିବ।

ଏହି ରାଉଣ୍ଡରେ ଚୟନ ହୋଇଥିବା ପିଲାମାନେ ୨୫ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ଜୁଲାଇ ୧ରେ ତୃତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ ଓ ୪ ତାରିଖ ମଧ୍ୟରେ ନାମଲେଖା ହେବ। ଏହାପରେ ୱେଟିଂଲିଷ୍ଟ ରାଉଣ୍ଡ ପାଇଁ ଜୁଲାଇ ୭ରୁ ୧୦ତାରିଖ ମଧ୍ୟରେ ଆବେଦନ ହେବ। ୧୨ତାରିଖରେ ଇ-ସ୍ପେସ୍‌ରେ ଓ ୧୩ ତାରିଖରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନର ନୋଟିସ୍ ବୋର୍ଡରେ ମେଧା ତାଲିକା ପ୍ରକାଶ ପାଇବ। ୧୫ ତାରିଖରେ ନାମଲେଖା ହେବ। +୨ ଇନ୍‌ଷ୍ଟାଣ୍ଟ ଓ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ବାହାରିବା ପରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ।

ଅପରପକ୍ଷେ, ପୂର୍ବରୁ ଦିନ ୧୧ଟାରେ ମେଧା ତାଲିକା ପ୍ରକାଶ କରିବାକୁ ବିଜ୍ଞପ୍ତିରେ ଦର୍ଶାଯାଇଥିଲେ ମଧ୍ୟ ବିଭାଗ ବିଫଳ ହୋଇଛି। ସନ୍ଧ୍ୟା ୭ଟାରେ ମେଧା ତାଲିକା ପ୍ରକାଶ ପାଇଥିବାରୁ ନାମଲେଖା ପାଇଁ ପ୍ରକ୍ରିୟା ସାମାନ୍ୟ ବିଳମ୍ବ ହୋଇଛି। ବିଳମ୍ବର କାରଣ ସମ୍ପର୍କରେ ବୈଷୟିକ କାର୍ଯ୍ୟ କରୁଥିବା ଫାର୍ମର ଜଣେ କର୍ମଚାରୀ କହିଛନ୍ତି ଯେ ପୂର୍ବ ସୂଚୀରେ ପରିବର୍ତ୍ତନ କରି ନାମଲେଖା ପାଇଁ ଦୁଇଦିନ ଅତିରିକ୍ତ ସମୟ ଦିଆଯାଇଥିଲା। ଶନିବାର ଅପରାହ୍ଣ ୩ଟାରେ ନାମଲେଖା ଅବଧି ସରିବା ପରେ ରାତିଦିନ କାମ କରିଛନ୍ତି। ଆଗକୁ ପ୍ରକ୍ରିୟା ମଝିରେ ପରିବର୍ତ୍ତନ କରାଗଲେ ବିଳମ୍ବ ହୋଇପାରେ ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟା ନିର୍ଭୁଲ୍ ହେବା ନେଇ ମଧ୍ୟ ସେ ଆଶଙ୍କା ପ୍ରକାଶ କରିଛନ୍ତି।

## ବାହାରୁନି ଉଚ୍ଚଶିକ୍ଷା ବିଭାଗ ଏଚ୍‌ପିସି ପ୍ରୋସିଡିଂ

# ନୂତନ ଶିକ୍ଷାନୁଷ୍ଠାନ ଖୋଲିବାକୁ ଡିଲ୍!

ଭୁବନେଶ୍ୱର,୨୨।୬(ସମିସ): ଉଚ୍ଚଶିକ୍ଷା ବିଭାଗର ଉଚ୍ଚକ୍ଷମତା ସଂପନ୍ନ କମିଟି (ଏଚ୍‌ପିସି) ବୈଠକ ଗତ ୧୧ତାରିଖରେ ଅନୁଷ୍ଠିତ ହୋଇଛି। ନୂତନ ଉଚ୍ଚଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ହୋଇଥିବା ସମସ୍ତ ଆବେଦନ ଉପରେ ଆଲୋଚନା ହୋଇଛି। ସାଧାରଣ ପାଠ୍ୟକ୍ରମ ସହ ଏମ୍‌ବିଏ, ଏମ୍‌ସିଏ ପାଠ୍ୟକ୍ରମ ପାଇଁ ଅନୁମତି ଦେବା ସମ୍ପର୍କରେ ବିଚାରବିମର୍ଷ ହୋଇଛି। ହେଲେ ବୈଠକକୁ ୧୨ଦିନ ଅତିକ୍ରମ କରିଥିଲେ ମଧ୍ୟ ଏହାର ଚୂଡ଼ାନ୍ତ ନିଷ୍ପତ୍ତି (ପ୍ରୋସିଡିଂସ୍) ବାହାରିନାହିଁ। ଚୂଡ଼ାନ୍ତ ନିଷ୍ପତ୍ତି ନ ବାହାରିବା ପଛରେ ଯେଉଁ କାରଣଟି କୁହାଯାଉଛି, ତାହା ଅତ୍ୟନ୍ତ ସାଂଘାତିକ। ଏବେ କିଛି ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ ନୂତନ ପାଠ୍ୟକ୍ରମ ଖୋଲିବା ପାଇଁ ଆଗ୍ରହୀ ଥିବାରୁ ଶିକ୍ଷା ବିଭାଗ ସହ ସେମାନଙ୍କର ଡ଼ିଲ୍ ଚୂଡ଼ାନ୍ତ ହୋଇ ପାରୁନାହିଁ। ଯାହା ଫଳରେ ସମସ୍ୟା ସୃଷ୍ଟି ହୋଇଛି ବୋଲି କୁହାଯାଉଛି ।

ପୂର୍ବରୁ ଏଚ୍‌ପିସି ବୈଠକ ସରିବାର ଅଳ୍ପ ଦିନ ମଧ୍ୟରେ ନିଷ୍ପତ୍ତି ସମ୍ପର୍କରେ ପ୍ରୋସିଡିଂସ୍ ପ୍ରକାଶ ପାଇଥାଏ। ନୂତନ ଶିକ୍ଷାନୁଷ୍ଠାନ ପାଇଁ ହୋଇଥିବା ସମସ୍ତ ଆବେଦନକାରୀଙ୍କ ତଥ୍ୟ ସଦସ୍ୟମାନଙ୍କ ପାଖରେ ଥାଏ। ବିଭିନ୍ନ ଦିଗକୁ ଯାଞ୍ଚ କରିବା ପରେ ଅନୁମୋଦନ କିମ୍ବା ନାକଚ ସମ୍ପର୍କରେ ନିଷ୍ପତ୍ତି ହୋଇଥାଏ। ବୈଠକରେ ଅଧ୍ୟକ୍ଷତା କରୁଥିବା ଅଧିକାରୀଙ୍କ ଅନୁମୋଦନ ପରେ ବିଜ୍ଞପ୍ତି ପ୍ରକାଶ ପାଏ। କେବେ ପ୍ରୋସିଡିଂ ପ୍ରକାଶ କରାଯିବ ସେନେଇ ନିର୍ଦ୍ଦିଷ୍ଟ ନିୟମ ନ ଥିବାବେଳେ ଅତିବେଶୀରେ ସପ୍ତାହେ ମଧ୍ୟରେ ବାହାରିବା କଥା। ହେଲେ ଚଳିତଥର ୧୦ଦିନ ବିତିଥିଲେ ମଧ୍ୟ ପ୍ରୋସିଡିଂ ପ୍ରକାଶ ପାଇନଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷରେ ନୂତନ ଶିକ୍ଷାନୁଷ୍ଠାନ ପାଇଁ ଆବେଦନ କରିଥିବା ଜଣେ ଆବେଦନକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ସେମାନେ ନୂତନ ଶିକ୍ଷାନୁଷ୍ଠାନ ପାଇଁ ସମସ୍ତ ପ୍ରକାର ମାନଦଣ୍ଡ ପୂରଣ କରୁଛନ୍ତି। ହେଲେ ଅନୁମତି ସୁନିଶ୍ଚିତ କରିବା ପାଇଁ ୟୁନିଟ୍-୬ ଅଞ୍ଚଳରେ ରହୁଥିବା ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ସାକ୍ଷାତ କରିବାକୁ କୁହାଯାଉଛି। ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଜଣକ ଆବେଦନରେ ବିଭିନ୍ନ ତ୍ରୁଟି ରହିଥିବା ଦର୍ଶାଇବା ସହ ଅନୁମତି ପାଇଁ ପରୋକ୍ଷ ଭାବେ ଅର୍ଥ ଦାବି କରୁଛନ୍ତି। ଏପରିକି ସେ ଅଗ୍ରୀମ ମଧ୍ୟ ଦେଇସାରିଛନ୍ତି। ଏଚ୍‌ପିସି ନିଷ୍ପତ୍ତିକୁ ବିଳମ୍ବ କରି ଅର୍ଥ ଆଦାୟ କରିବାକୁ ଏହା ଏକ ନୂଆ ବ୍ୟବସ୍ଥା ବୋଲି ମଧ୍ୟ ସେ ଅଭିହିତ କରିଛନ୍ତି। ଅପରପକ୍ଷରେ ଆବେଦନକାରୀଙ୍କ ଡିପିଆର୍ ସମେତ ଭିତ୍ତିଭୂମି ଯାଞ୍ଚ କରିବାକୁ ଏକ ସବ୍-କମିଟି ଗଠନ କରାଯାଇଛି। ତାଙ୍କ ରିପୋର୍ଟ ଆଧାରରେ ନିଷ୍ପତ୍ତି ନିଆଯିବ। ଏଣୁ ପ୍ରୋସିଡିଂ ପ୍ରକାଶରେ ବିଳମ୍ବ ହେଉଥିବା ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି।

# କଟକ ସିଟି



# ୧୧୬ ଯାଦବ ସୈନିକଙ୍କ ସ୍ମୃତିରେ ଶୋଭାଯାତ୍ରା



**କଟକ, ୨୨।୬(ସମିସ):** ରବିବାର କଟକ ଜିଲ୍ଲା ଓ ମହାନଗର ଯାଦବ ମହାସଭା ଆନୁକୂଲ୍ୟରେ ପବିତ୍ର ରେଜାଙ୍ଗଲା ମାଟିକୁ ସ୍ୱାଗତ କରି ଏକ ଭବ୍ୟ ମଟର ସାଇକଲ ରାଲିର ଆୟୋଜନ କରାଯାଇଥିଲା। ୧୯୬୨ ମସିହାରେ ଭାରତ ଚୀନ ମଧ୍ୟରେ ହୋଇଥିବା ଯୁଦ୍ଧରେ ସହିଦ ହୋଇଥିବା ୧୧୬ ଜଣ ଯାଦବ ସୈନିକଙ୍କ ସ୍ମୃତିରେ ପବିତ୍ର ରେଜାଙ୍ଗଲା କଳସ ମାଟିକୁ ସାରା ଭାରତ ବର୍ଷ ଭ୍ରମଣ କରିବାର କାର୍ଯ୍ୟକ୍ରମ ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭା ତରଫରୁ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗତ ୩୦ ତାରିଖ ଦିନ ଉକ୍ତ କଳସଟି ଓଡ଼ିଶାରେ ପହଞ୍ଚିଥିଲା ଏବଂ ୨୨ ତାରିଖ ଦିନ କଟକ ଜିଲ୍ଲା ଓ କଟକ ମହାନଗର ପକ୍ଷରୁ ଉକ୍ତ କଳସଟିକୁ ଭବ୍ୟ ସ୍ୱାଗତ କରାଯାଇଥିଲା। କଟକ ମହାନଦୀ ବିହାର ପୋତାପୋଖରୀ ସ୍ଥିତ ଶ୍ରୀ ଶ୍ରୀ ରାଧାମୋହନଜୀୟୁ ମନ୍ଦିର ପ୍ରାଙ୍ଗଣ ତଥା ଜିଲ୍ଲା କାର୍ଯ୍ୟାଳୟ ଠାରେ ଏକ ବିଶାଳ ମୋଟର ସାଇକଲ ରାଲି ବାହାରି ନୂଆବଜାର, ଖାନନଗର, ବାଦାମବାଡ଼ି, ଦୋଳମୁଣ୍ଡାଇ ରାଣୀହାଟ, ମଙ୍ଗଳାବାଗ, ନୂଆପାଟଣା, ବକ୍ସିବଜାର, ଚଣ୍ଡୀଛକ, ଶେଖବଜାର, ଡଗରପଡ଼ା, ଅଲିଶାବଜାର, ବିଡ଼ାନାସୀ ଦେଇ ବାଇକ୍ ଶୋଭା ଯାତ୍ରାଟି ବାରବାଟୀ ଷ୍ଟାଡିୟମ ସ୍ଥିତ ହର୍ଷ ଗେଟ୍ ଠାରେ ପହଞ୍ଚି ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କଟକ ଜିଲ୍ଲା ଯାଦବ ମହାସଭା ସଭାପତି ସମର ବେହେରା, ମହାନଗର ଯାଦବ ମହାସଭା ସଭାପତି କିଶୋର ବେହେରାଙ୍କ ନେତୃତ୍ୱରେ ଉକ୍ତ ବାଇକ୍ ଶୋଭାଯାତ୍ରାଟି କରାଯାଇଥିଲା। ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦିନେଶ ଯାଦବ ମୁଖ୍ୟଅତିଥି ଭାବେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉତ୍କଳ ଯାଦବ ମହାସଭା ସଭାପତି ଡ଼ ଆଶୀର୍ବାଦ ବେହେରା, କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା, ପ୍ରମୁଖ ମହାସଚିବ ବିଧାୟକ ଲକ୍ଷ୍ମଣ ବାଗ, ରାଷ୍ଟ୍ରୀୟ ଯୁବ ସଭାପତି ଇଂ ପ୍ରଦୀପ ବେହେରା, ଉପସଭାପତି ଲମ୍ବୋଦର ନିଆଳ, ରାଷ୍ଟ୍ରୀୟ ଉପସଭାପତି ପିତାମ୍ବର ଦାସ, ପ୍ରଫୁଲ୍ଲ ଦାସ, ଯୁବ ସଭାପତି ଅମର ନାୟକ, ଜିଲ୍ଲା ସମ୍ପାଦକ ତୀର୍ଥବାସୀ ବେହେରା, ସମରଜିତ ବେହେରା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଜ୍ୟ ରେଜାଙ୍ଗେଲା କଳସ ଯାତ୍ରାର ରାଜ୍ୟ ସଂଯୋଜକ ନନ୍ଦଲାଲ୍ ସିଂ ଏବଂ ବରିଷ୍ଠ ଓ ଯୁବ ନେତୃତ୍ୱ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

## ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା

# ବୁଖାରୀ ବାବାଙ୍କ ପୀଠରେ ଚାଦର ପ୍ରଦାନ

### ବିଭିନ୍ନ ସ୍ଥାନରେ ଶୁଭେଚ୍ଛୁଙ୍କ ପୂଜାର୍ଚ୍ଚନା

**କଟକ, ୨୨।୬(ସମିସ):** ଆଜି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳର ନେତା ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ମୁମ୍ବାଇ ଠାରେ ଅସ୍ତ୍ରୋପ୍ରଚାର ହୋଇଛି। ବିଜେଡି ସଂଖ୍ୟାଲଘୁ ସେଲ୍‌ଫ କଟକ ପକ୍ଷରୁ ରାଜ୍ୟସଭା ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ କଟକ ଗଡ଼ଖାଇ ସ୍ଥିତ ସର୍ବଧର୍ମ ସମନ୍ୱୟର ପୀଠ ଭାବେ ପରିଚିତ ସୈୟଦ୍ ଅଲ୍ଲୀ ବୁଖାରୀ ସହିଦ୍ (ବାବା ବୁଖାରୀ)ଙ୍କ ପୀଠରେ ନବୀନ ପଟ୍ଟନାୟକଙ୍କ ସଫଳ ଅସ୍ତ୍ରପ୍ରଚାର ଓ ଦ୍ରୁତ ଆଶୁଆରୋଗ୍ୟ କାମନା କରି ବାବାଙ୍କ ମଜାର ସରିଫ ଠାରେ ଚାଦର ଚଢ଼ାଯାଇ ସାମୁହିକ ଦୁଆ (ପ୍ରାର୍ଥନା) କରାଯାଇଥିଲା। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ନବୀନ ପଟ୍ଟନାୟକଙ୍କ ଶତାଧିକ ସମର୍ଥକ, ଶୁଭେଚ୍ଛା ସହ ବହୁ ସଂଖ୍ୟକ ବିଜେଡିର ନେତା କର୍ମୀ ଯୁବ, ଛାତ୍ର, ମହିଳା, ସଂଖ୍ୟାଲଘୁ ସେଲ୍‌ଫ କର୍ମକର୍ତ୍ତାମାନେ ଯୋଗଦେଇ ଦୁଆ(ପ୍ରାର୍ଥନା )କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ମହାନଗର ସଭାପତି ମଧୁସୂଦନ ସାହୁ, ନିରାମୟର ପୂର୍ବତନ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ବିଜେଡି ସଂଖ୍ୟା ଲଘୁ ସେଲ୍‌ଫ ସଭାପତି ତଥା ଓଡ଼ିଶା ବୋର୍ଡ଼ ଅଫ ୱାକଫ୍‌ର ପ୍ରାକ୍ତନ ଚେୟାରମାନ ସୈୟଦ୍ ଏକ୍ରାମ ହୁସେନ, ପୂର୍ବତନ କର୍ପୋରେଟର ରମଜାନ ଖାନ୍, ଛାତ୍ର ବିଜେଡି ଜିଲ୍ଲା ସଭାପତି ଆସିଫ ଅମିନ, ସୌମ୍ୟଦୀପ ଘୋଷ, ସନ୍ତୋଷ ମହାପାତ୍ର, ମେହେଦୁଲ ଇସଲାମ, ସୈୟଦ୍ ଜଲିଲ, ଫିରୋଜ ଖାନ୍, ଅମଜାଦ ଖାନ୍, ଶେଖ ଆବିଦ୍, ଶବିର ଅନସାର, ଫୈଜୁର ରହେମାନ ମହମ୍ମଦ ଆସିଫ, ଆରକେ ରେଟ୍ଟୀ, ଜରିନ ମୁସ୍ତାକ, ଇଦଗାହା ପରିଚାଳନା କମିଟିର ସମ୍ପାଦକ ମୋକିମ ଖାନ୍, ଉଜାଲେଖାନ ମସଜିଦ ପରିଚାଳନା କମିଟିର ସମ୍ପାଦକ ରିୟାଜ ଖାନ, ସୈୟଦ୍ ମଲ୍ଲିଉଲ୍ଲା, ତନ୍ମୟ ଦାସ, ଜନସନ ମହାପାତ୍ର, ଆଇନଜୀବୀ ଗଦାଧର ସାହୁ, ପ୍ରଦୀପ ସିଂ ପ୍ରମୁଖ ଯୋଗଦେଇଥିଲେ।



### ଚୌଦ୍ୱାର-କଟକ ବିଜେଡି

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁମ୍ବାଇ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଅସ୍ତ୍ରୋପଚାର ସଫଳ ହୋଇଛି। ଏହି ଅବସରରେ ଶ୍ରୀ ପଟ୍ଟନାୟକଙ୍କର ଆଶୁ ଆରୋଗ୍ୟ କାମନା କରି ଚୌଦ୍ୱାର କଟକ ବିଜେଡି ପକ୍ଷରୁ ବିଧାୟକ ସୌଭିକ ବିଶ୍ୱାଳଙ୍କ ନେତୃତ୍ୱରେ କଲେଜ ଛକ ସ୍ଥିତ ତାରିଣୀ ମନ୍ଦିରରେ ରବିବାର ସନ୍ଧ୍ୟାରେ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୂଜାର୍ଚ୍ଚନାରେ ବିଧାୟକଙ୍କ ସମେତ ବିଧାୟକ ପ୍ରତିନିଧି ରମାକାନ୍ତ ଲେଙ୍କା, ଡେପୁଟି ମେୟର ଦମୟନ୍ତୀ ମାଝୀ, ବରିଷ୍ଠ ବିଜେଡି ନେତା ଶିବେନ୍ଦ୍ର ହାତୀ, ନଗର କମିଟିର ତାପସ ମହାନ୍ତି, ରାଜେନ୍ଦ୍ର ରଣା, ସୁକାନ୍ତ ସାହୁ, ବିଭୂତି ସ୍ୱାଇଁ, ସଞ୍ଜୟ ଜେନା, ହିମାଂଶୁ ଷଡ଼ଙ୍ଗୀ, ପବିତ୍ର ଭୂୟାଁ, ଦିଲ୍ଲୀପ ସାହୁ, କର୍ପୋରେଟର ସୁବ୍ରତ ଘଡାଇ, ତାପସ ସାମନ୍ତରାୟ, ଅରବିନ୍ଦ ଜେନା, ସୌଭାଗିନୀ ଜେନା, ବିଶ୍ୱବନ୍ଦିତା ପଣ୍ଡା, ଝିଲି ବିହାରୀ, ପ୍ରଳୟା ବେଉରା, ଯତୀନ ବେହେରା, ପ୍ରଦୀପ ସାହୁ, ଭବାନୀ ଶଙ୍କର ଦାସଙ୍କ ସମେତ ବିଜୁପ୍ରେମୀ, ଛାତ୍ର, ଯୁବ ଓ ମହିଳା ବିଜେଡି କର୍ମୀମାନେ ସାମିଲ ହୋଇଥିଲେ।



# ଅନ୍ନପୂର୍ଣ୍ଣା ଥିଏଟର-ବି ଦ୍ୱାରା ନାଟକ 'ରଘୁ ଅରକ୍ଷିତ' ମଞ୍ଚସ୍ଥ



**କଟକ, ୨୨।୬(ସମିସ):** ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ୍ ଦ୍ୱାରା ନାଟକ 'ରଘୁ ଅରକ୍ଷିତ' ମଞ୍ଚସ୍ଥ ହୋଇଯାଇଛି। କାଳିଆ ସାଆନ୍ତ ଦୟାବନ୍ତ, ତାଙ୍କୁ ସବିନୟେ ହୃଦୟରୁ ଡାକିଲେ ସେ ନିଶ୍ଚୟ ଶୁଣନ୍ତି। ଭକ୍ତ ରଘୁ ତାର ସର୍ବସ୍ୱ ହରାଇଥିଲେ ବି ଜଗନ୍ନାଥଙ୍କୁ ଆରାଧନାରେ କେବେ ହେଳା କରିନି। ଯେତେ ବିପଦ ଆସିଲେ ବି ଜଗନ୍ନାଥ କିପରି ତାର ଦୁଃଖ ହରଣ କରିଛନ୍ତି ସେହି କଥାବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଛି। ଅନ୍ନପୂର୍ଣ୍ଣାର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକଟିକୁ ରଚନା କରିଛନ୍ତି ଡ. କିଶୋର ମହାନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅନ୍ନପୂର୍ଣ୍ଣାର ନିର୍ଦ୍ଦେଶକ ନାଟ୍ୟଗୁରୁ ଅକ୍ଷୟ କୁମାର ରଣା। ଶବ୍ଦରେ ରାଜେଶ ବିଶ୍ୱାଳ, ଆଲୋକରେ ସଜାଇଥିଲେ ଚନ୍ଦନ କୁମାର ସାହୁ। ମଞ୍ଚ ପରିଚାଳନା କରିଥିଲେ ଚୌଧୁରୀ ଶାଶ୍ୱତ ମହାପାତ୍ର ଏବଂ ଆଲୋକ ସ୍ୱାଇଁ। ବରିଷ୍ଠ ଅଭିନେତା ନିର୍ଦ୍ଦେଶକ ଶିବାନୀ ମହାପାତ୍ର ସଂଯୋଜନା କରିଥିବା ବେଳେ ସମ୍ପାଦିକା ଅଲ୍ଲାଦିନ୍ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା ଏହି ନାଟ୍ୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଗୀତିକବି ଗୌର ପଟ୍ଟନାୟକ ଯୋଗଦେଇଥିଲେ।

## ସିନେମା ଦେଖିଲେ 'ସହାୟ' ଛାତ୍ରଛାତ୍ରୀ



**କଟକ, ୨୨।୬(ସମିସ):** ବଲିଉଡ ସୁପରଷ୍ଟାର ଅମୀର ଖାନଙ୍କ ଅଭିନୀତ ସିନେତା ସିତାରେ ଜମିନ ପର ଏବେ ଚର୍ଚ୍ଚାରେ ରହିଛି। ବିଶେଷକରି ସାମାଜିକ ଜୀବନ ଉପରେ ସିନେମାର ପୃଷ୍ଠଭୂମି ଆଧାରିତ ହୋଇଛି। ଆଜି ସହାୟ ଅନୁଷ୍ଠାନର ଛାତ୍ରଛାତ୍ରୀ କଟକର ଏକ ସିନେମା ହଲ୍‌ରେ ଉକ୍ତ ଚଳଚ୍ଚିତ୍ର ଦେଖିଥିଲେ। ଅନୁଷ୍ଠାନର ୩୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଭିତରେ ବେଶ ଉତ୍କଣ୍ଠା ପରିଲକ୍ଷିତ ହୋଇଥିଲା। ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଦିଗରେ ଏଭଳି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ସୁରେଶଚନ୍ଦ୍ର ବାରିକଙ୍କ ଶ୍ରଦ୍ଧାଞ୍ଜଳି ସଭା



**କଟକ, ୨୨।୬(ସମିସ):** କମ୍ରେଡ ସୁରେଶ ଚନ୍ଦ୍ର ବାରିକ ଏକାଧାରରେ ଜଣେ ସାମ୍ୟବାଦୀ ଓ ସାହି ମୁରବୀଭାବେ କଟକ ସହରର ଜନସାଧାରଣଙ୍କର ଅତି ପ୍ରିୟଥିଲେ। କଟକ ଜିଲ୍ଲା ସିପିଆଇର ପୂର୍ବତନ ସମ୍ପାଦକ, ରାଜ୍ୟ କାର୍ଯ୍ୟକାରୀ କମିଟିର ପୂର୍ବତନ ସଭ୍ୟ ଭାବେ ଏବଂ ଶଙ୍କରପୁର ସାହିର ଅଧିକାରୀ ଭାବେ ସେ ପରିଚିତ ଥିଲେ। ତାଙ୍କ ଭଳି ବ୍ୟକ୍ତିତ୍ୱ ମିଳିବା ବିରଳ ବୋଲି ବାରବାଟୀ ଷ୍ଟାଡିୟମରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଏଆଇଟିୟୁସି ଓ ଇସକଫ ଆନୁକୂଲ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଛି। ଅମରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ନେତା ବିବେକାନନ୍ଦ ଦାଶ, ସିପିଆଇ ରାଜ୍ୟ ନେତା ଡାକ୍ତର ପ୍ରଶାନ୍ତ ମିଶ୍ର, ସିପିଏମ ନେତା ରବିନାରାୟଣ ମଲ୍ଲିକ, ଏସୟୁସିଆଇ କମ୍ୟୁନିଷ୍ଟ ନେତା ବିଶ୍ୱବସୁ ଦାଶ, କଟକ ମହାନଗର ଶାନ୍ତି କମିଟିର ସାଧାରଣ ସମ୍ପାଦକ ଭିକାରୀ ଦାସ, ବିଜେଡି ନେତା ତଥା ପୂର୍ବତନ କର୍ପୋରେଟର ଜୟଦେବ ଜେନା, ଶ୍ରମିକ ନେତା କିଶୋର ଜେନା, ଶଙ୍କରପୁର କମ୍ୟୁନିଷ୍ଟ ନେତା କ୍ଷୀରୋଦ ବିଶ୍ୱାଳ, ବ୍ୟାଙ୍କ କର୍ମଚାରୀ ନେତା ସୁଭାଷ ବୋଷ, ଇସକଫର ସଭାପତି ସଞ୍ଜୟ ପରିଜା, ମନୋଜ ରଥ, ଶ୍ରମିକ ନେତା ଖଗେଶ୍ୱର ସେଠୀ, ସିପିଏମ ଜିଲ୍ଲା ସମ୍ପାଦକ ବଦ୍ରିନାରାୟଣ ଦାଶ, ସୁକାନ୍ତି ପଢ଼ିହାରୀ, କବି ଅଭୟ ପଟ୍ଟନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ କଟକ ଜିଲ୍ଲା ସମ୍ପାଦକ ବିନୋଦ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର ସଂଯୋଜନା କରିଥିଲେ।

# କଟକରେ ଅନ୍ତର୍ଜାତୀୟ ଯୋଗ ଦିବସ

**କଟକ, ୨୨।୬(ସମିସ):** ନିରୋଗ ଜୀବନଯାପନ ନିମନ୍ତେ ଯୋଗର ଆବଶ୍ୟକତା ରହିଛି। ନିୟମିତ ଯୋଗାଭ୍ୟାସ ମଣିଷକୁ ସୁସ୍ଥ ରଖେ। ଯୋଗ ହେଉଛି ଚେତନାର ବିକାଶର ମାଧ୍ୟମ ଏବଂ ଶରୀର, ମନ ଓ ଆତ୍ମାକୁ ସଂଯମ କରିବାର ଏକ ଆଧ୍ୟାତ୍ମିକ ପଦ୍ଧତି। ଶନିବାର ସମଗ୍ର ବିଶ୍ୱ ପାଳନ କରିଛି ଅନ୍ତର୍ଜାତୀୟ ଯୋଗ ଦିବସ। ଏହି ପରିପ୍ରେକ୍ଷୀରେ କଟକରେ ବିଭିନ୍ନ କ୍ଲବ, ସଙ୍ଗଠନ, ଶିକ୍ଷାନୁଷ୍ଠାନ ଏବଂ ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସ ପାଳନ ହୋଇଥିଲା।

### ଖ୍ରୀଷ୍ଟ ମହାବିଦ୍ୟାଳୟ



ଖ୍ରୀଷ୍ଟ କଲେଜ ଅଡିଟୋରିୟମ୍‌ରେ ଏକାଦଶତମ ଯୋଗଦିବସ 'ଯୋଗସଙ୍ଗମ' ପାଳନ କରାଯାଇଛି। କଲେଜର ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ଏହି ଦିବସକୁ ଉଦ୍‌ଘାଟନ କରିଥିଲେ। ଯୋଗ ପ୍ରଶିକ୍ଷକ ସୂର୍ଯ୍ୟକାନ୍ତ ଧୀରଙ୍କ ମାର୍ଗଦର୍ଶନରେ ଉପସ୍ଥିତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ବିଦ୍ୟାର୍ଥୀମାନେ ବିଭିନ୍ନ ପ୍ରକାର ଯୋଗ ମୁଦ୍ରାର ଅଭ୍ୟାସ କରିଥିଲେ। କଲେଜ ପରିସର ମଧ୍ୟରେ ବୃକ୍ଷରୋପଣ, ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ସହିତ 'ସ୍ୱାସ୍ଥ୍ୟବାନ୍ ଜୀବନ ପାଇଁ ଯୋଗ' ବିଷୟ ଉପରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାପିକା ଡ. ଦେବଯାନୀ ଦାଶ, ପ୍ରାଧ୍ୟାପକ ଶୋଭନ ପଣ୍ଡା, ସ୍ୱାତି ଦାଶ, ଡ. ଅଶୋକ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ନ୍ୟୁ ଷ୍ଟିୱାର୍ଟ ସ୍କୁଲ

ନ୍ୟୁ ଷ୍ଟିୱାର୍ଟ ସ୍କୁଲ ପରିସରରେ ଅନ୍ତର୍ଜାତୀୟ ଯୋଗ ଓ ମ୍ୟୁଜିକ ଦିବସ ବିଦ୍ୟାଳୟର ଅଧ୍ୟକ୍ଷ ମୋୟେଶ ମହାନ୍ତିଙ୍କ ପୌରୋହିତ୍ୱରେ ପାଳିତ ହୋଇଯାଇଛି। ଛାତ୍ର ଆୟୁଷ୍ମାନ ମିଶ୍ର, ଛାତ୍ରୀ ଶ୍ରେୟାଂଶୀ ମିଶ୍ର ଓ ଶ୍ରୁତିମୟୀ ମିଶ୍ର, କ୍ରୀଡା ଶିକ୍ଷକ ଅମୁଲ୍ୟ କୁମାର ବେହେରା, ପ୍ରେମାଶିଷ ଜେନା ଯୋଗ ଶିକ୍ଷା ଦେଇଥିଲେ। ଶିକ୍ଷୟିତ୍ରୀ ସବନମ ବାହାର ଯୋଗ ଶିକ୍ଷାର ଉପକାରିତା ବିଷୟରେ କହିଥିଲେ। ସେହିପରି ଅନ୍ତର୍ଜାତୀୟ ମ୍ୟୁଜିକ ଦିବସ କାର୍ଯ୍ୟକ୍ରମ ଅବସରରେ ଅତିଥି ଭାବରେ ସୋମ୍ୟରଞ୍ଜନ ସାହୁ ଓ ଅର୍ପଣ ପ୍ରକାଶ ସାହୁ ଯୋଗ ଦେଇଥିଲେ। ସଂଯୋଜିକା ସୁମିତ୍ରା ପଣ୍ଡା, ଆଲୋକ ପ୍ରକାଶ ସାହୁ, ଶିକ୍ଷୟିତ୍ରୀ ଆଭା ବିଶ୍ୱାଳ, ସୁଲତା ବେହେରା, ବର୍ଷା ବିଶ୍ୱାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



### କଟକ ମହାବିଦ୍ୟାଳୟ



କଟକ କଲେଜରେ ଅନ୍ତର୍ଜାତୀୟ ଯୋଗ ଦିବସ 'ଯୋଗ ସଙ୍ଗମ' ଅଧ୍ୟକ୍ଷା ଡ. ସୁସ୍ମିତା ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳି ଯୋଗ ସମିତି ତରଫରୁ ଯୋଗ ପ୍ରଶିକ୍ଷକ ଗଜେନ୍ଦ୍ର ସ୍ୱାଇଁ ଓ ଅମୂଲ୍ୟ ମହାନ୍ତି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। 'ହରିତ୍ ଯୋଗ' ଅନୁଯାୟୀ କଲେଜ ପରିସରରେ ଚାରାରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରଶାସନିକ ଅଧିକାରୀ ପ୍ରଭାତ କୁମାର ପାଢ଼ୀ, ଏନ୍‌ଏସ୍‌ଏସ୍ ଅଫିସର ଡ. ରୁନୁବାଳା ମହାରଣା, ରେଡ୍‌କ୍ରସ୍ ଅଫିସର କୁମାର ପ୍ରଦୀପ୍ତ ମିଶ୍ର, କ୍ରୀଡା ପ୍ରଶିକ୍ଷକ ସରୋଜ ଦାସ ଓ ଆକାଉଣ୍ଟାଣ୍ଟ ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ. ଅମିତାରାଣୀ ଜେନା, ଅଧ୍ୟାପକ ଡ. ଦେବପ୍ରସାଦ ପତି, ମଣ୍ଟୁ ଜେନା, ମହମ୍ମଦ ଖୁର୍ସିଦ୍, ଶୁଭ୍ରା ମହାରଣା, ଗୋବିନ୍ଦ ପୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। କର୍ମଚାରୀ ମାନସ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଏଏଚ୍‌ପିଜିଆଇସି



ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ(ଏଏଚ୍‌ପିଜିଆଇସି)ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡଃ ଦୀପକ ରାଉତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡିନ ପ୍ରଫେସର ରେଖା ଦାସ, ଅଧୀକ୍ଷକ ପ୍ରଫେସର ନିହାରିକା ପଣ୍ଡା, ପ୍ରଶାସନିକ ଅଧିକାରୀ ପ୍ରତିଭା ପୃଷ୍ଟି ଉପସ୍ଥିତ ଥିଲେ। ଯୋଗ ପ୍ରଶିକ୍ଷିକା ଡଃ ପୂର୍ଣ୍ଣିମା ଖୁଣ୍ଟିଆ ଯୋଗ ଶିକ୍ଷା ଦେଇଥିଲେ। ପ୍ରଫେସର ସୁମିତା ମହାନ୍ତି, ପ୍ରଫେସର ଭାଗ୍ୟଲକ୍ଷ୍ମୀ ନାୟକ, ଡଃ ସସ୍ମିତା ପଣ୍ଡା, ଡଃ ପ୍ରଶାନ୍ତ ପରିଡ଼ା, ବାସନ୍ତୀଲତା ନାୟକ, ସୁବ୍ରତଚନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାକ୍ରେଡ୍ ରୁଟ୍ସ ପବ୍ଲିକ ସ୍କୁଲ

ସିଡିଏ ସେକ୍ଟର-୧୩ ସ୍ଥିତ ସାକ୍ରେଡ ରୁଟ୍ସ ପବ୍ଲିକ ସ୍କୁଲରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଯୋଗ ପ୍ରଶିକ୍ଷିକା ଶ୍ୱେତା ରାଉତରାୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶିକା ସରିତା ସ୍ୱାଗତ ଶତପଥୀ ଉପସ୍ଥିତ ରହି ଯୋଗର ଆବଶ୍ୟକତା ଦିଗରେ ଆଲୋକପାତ କରିଥିଲେ। ପରିଚାଳନା ନିର୍ଦ୍ଦେଶକ ରିତେଶ ମହାନ୍ତି, ପ୍ରଶାସକ ମନୀଷ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭାରତୀୟ ଯୋଗ ସଂସ୍ଥାନ



ମର୍କତ ନଗର ସେକ୍ଟର ୬ସ୍ଥିତ ଜୟ ପ୍ରକାଶ ନାରାୟଣ ପାର୍କଠାରେ ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ଏକ ଯୋଗ ଓ ପ୍ରାଣାୟାମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଅରୁନ କୁମାର ପରିଛା ଏଥିରେ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପୁଲିସ ଡିଜିପି. କେ ସେନାପତି, ପୂର୍ବତନ ଆଇଜି ରାଜକିଶୋର ଦାଶ ଓ ଯୋଗ ଜିଲ୍ଲା ଉପ ପ୍ରମୁଖ କେଦାରନାଥ ଜାଲି, ଜନ ଶିକ୍ଷଣ ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ସମ୍ବିତ କୁମାର ମହାନ୍ତି ଓ କମଳାକାନ୍ତ କର ପ୍ରମୁଖ ଯୋଗ ଦେଇଥିଲେ। ଉପଦେଷ୍ଟା ଡ. ସତ୍ୟ ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହକୁ କବିତା ପ୍ରଧାନ, ସୁଧାଂଶୁବାଳା ମହାନ୍ତି, ନନ୍ଦିତା ନାୟକ, ଆରତିରାଣୀ ସିଂହ, ଜୟଶ୍ରୀ ଦାସ, ବାବାଜୀ ଚରଣ ବେହେରା ରଶ୍ମି ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଉପଯୁକ୍ତ ବୌଦ୍ଧିକ ଓ ଆର୍ଥିକ ସହାୟତା ମିଳିଲେ କୃଷି କ୍ଷେତ୍ର ନିଯୁକ୍ତିଭିତ୍ତିକ ଅର୍ଥନୈତିକ ପ୍ରଗତିରେ ଉଲ୍ଲେଖନୀୟ ଯୋଗଦାନ ଦେଇପାରିବ।
-ଏମ୍ ଏସ୍ ସ୍ୱାମୀନାଥନ୍

## ଶ୍ରମିକ ମାରଣ ନୀତି

ଦେଶରେ ବେରୋଜଗାରୀ ହାର ଗତ ମେ’ ମାସରେ ପୂର୍ବ ମାସ ତୁଳନାରେ ୦.୫ ପ୍ରତିଶତ ବୃଦ୍ଧି ପାଇଛି। ୧୪୫ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ଦେଶ ପାଇଁ ଏହି ପରିସଂଖ୍ୟାନ କେତେ ଉଦ୍‌ବେଗଜନକ ତାହା ବୁଝାଇ କହିବା ଆବଶ୍ୟକ ନାହିଁ। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ମିଶାଇ ଏହି ପରିସଂଖ୍ୟାନ ପ୍ରକାଶ ପାଇଥିବା ବେଳେ ଅମଳ ପରେ କୃଷି ଶ୍ରମିକମାନଙ୍କ ହାତରେ ଆଉ କାମ ନଥିବାରୁ ତାହାର ପ୍ରଭାବ ସାମଗ୍ରିକ ଭାବେ ଦେଶର ବେରୋଜଗାରୀ ସୂଚକାଙ୍କ ଉପରେ ପଡ଼ିଛି ବୋଲି ସରକାରୀ ଭାବେ କୁହାଯାଇଛି। ଅଥଚ କେନ୍ଦ୍ର ସରକାର ରୋଜଗାରର ନିଶ୍ଚିତ ଓ ନିର୍ଭରଯୋଗ୍ୟ ପନ୍ଥା ‘ଏମ୍‌ନରେଗା’ର ପାଣ୍ଠି ପ୍ରଦାନକୁ ସାମୟିକ ସ୍ଥଗିତ କରିଦେଇଛନ୍ତି। ଏହି ଦୁଇ ବିପରୀତଧର୍ମୀ ତଥ୍ୟକୁ ମିଶାଇ ଦେଖିଲେ ଯୋଜନା ପ୍ରଣୟନ ଓ ରୂପାୟନ ମଧ୍ୟରେ ଯେ ତ୍ରୁଟି ରହିଛି ତାହା ଅସ୍ୱୀକାର କରାଯାଇପାରିବ ନାହିଁ।

ଗ୍ରାମୀଣ ଭାରତରେ ଶ୍ରମଜୀବୀଙ୍କ ହାତକୁ ଅଧିକରୁ ଅଧିକ କାମ ଦେଇ ବେରୋଜଗାରୀ ସମସ୍ୟାର ସମାଧାନ ଲକ୍ଷ୍ୟରେ ଯୁଗାନ୍ତକାରୀ ‘ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ନିଶ୍ଚିତ ଯୋଜନା(ଏମ୍‌ନରେଗା)’ ଆରମ୍ଭ କରାଯାଇଥିଲା। ବିଶେଷକରି ବେଉଷଣ ଓ ଅମଳ ପରବର୍ତ୍ତୀ ସମୟରେ ଶ୍ରମଜୀବୀଙ୍କ ପାଖରେ ଆଉ ବିଶେଷ କାମ ରହୁ ନଥିବାରୁ ସେମାନଙ୍କ ରୋଜଗାରର ପନ୍ଥା ସଂକୁଚିତ ହୋଇଯାଏ। ତେଣୁ ସେହି ସମୟରେ ଭିତ୍ତିଭୂମି ବିକାଶ ଓ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଶ୍ରମଜୀବୀଙ୍କୁ ଅନ୍ତତଃ ପରବର୍ତ୍ତୀ ଚାଷବାସ ପର୍ଯ୍ୟନ୍ତ ଶହେ ଦିନର କାମ ଯୋଗାଇ ଦେବାର ପ୍ରତିଶ୍ରୁତି ଏହି ଯୋଜନାରେ ରହିଛି। ଉପା ସରକାର ଅମଳରେ ଆରମ୍ଭ ହୋଇଥିବା ଏହି ଯୋଜନା ପ୍ରତି ଏନ୍‌ଡିଏ ସରକାର ସମୟୋପଯୋଗୀ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହୋଇଆସୁଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି କାର୍ଯ୍ୟଦିବସ ଓ ବଜେଟ୍ ବ୍ୟୟବରାଦ ବୃଦ୍ଧି ପାଇବା ବଦଳରେ ଦୀର୍ଘବର୍ଷ ଧରି ଏହା ଅପରିବର୍ତ୍ତିତ ରହିବା ଦ୍ୱାରା ସ୍ୱାଭାବିକ ଭାବେ କେନ୍ଦ୍ର ସରକାରଙ୍କ ଶ୍ରମିକ ରୋଜଗାର ପ୍ରସଙ୍ଗରେ ଥିବା ଆନ୍ତରିକତା ଓ ଅଙ୍ଗୀକାରବଦ୍ଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଆହୁରି ମଧ୍ୟ ଯନ୍ତ୍ରଚାଳିତ କାମ ଉପରେ ଅଧୁନା ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଶ୍ରମଜୀବୀମାନଙ୍କ ହାତକୁ ଆଉ ସେପରି ଆଖିଦୃଶିଆ କାମ ଆସୁନି। ଏହି ପୃଷ୍ଠଭୂମିରେ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅ ମାସ ପାଇଁ ଏମ୍‌ନରେଗା ବାବଦ ମୋଟ ବ୍ୟୟବରାଦର କେବଳ ୬୦% ଅର୍ଥ ମଞ୍ଜୁର କରିବାକୁ କଟକଣା ଜାରି କରିଛନ୍ତି। ଏମ୍‌ନରେଗାରେ ପ୍ରଥମ ଥର ପାଇଁ ଏଭଳି କଟକଣା ଜାରି ହେବା ପଛରେ ନିର୍ଦ୍ଦିଷ୍ଟ ଯୁକ୍ତିଯୁକ୍ତତା ମଧ୍ୟ ନାହିଁ।

ସମସ୍ତ ଯୋଜନା, ପ୍ରକଳ୍ପର ବ୍ୟୟମଞ୍ଜୁରୀକୁ ମାସିକ ଓ ତ୍ରୈମାସିକ ଭିତ୍ତିକ କରିବା ଲାଗି ୨୦୧୭ ମସିହାରେ କେନ୍ଦ୍ର ସରକାର ଏମ୍‌ଇପି ଓ କ୍ୟୁଏପି ନାମକ ସରକାରୀ ବ୍ୟବସ୍ଥା ଆରମ୍ଭ କରିଥିଲେ। ଏମ୍‌ନରେଗାକୁ ଏହି ବ୍ୟବସ୍ଥାରୁ ବାଦ୍ ଦିଆଯାଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ସାମିଲ୍ କରାଯାଇଛି। ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ବିଭିନ୍ନ ଯୋଜନା ଓ ପ୍ରକଳ୍ପର ବ୍ୟୟବରାଦ ଅର୍ଥ ଖର୍ଚ୍ଚ ନ ହୋଇପାରି ପଡ଼ି ରହୁଥିବାରୁ ତାହା ଅତିରିକ୍ତ ବଜେଟ୍ ଓ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତ କରିବା ବେଳେ ସମସ୍ୟା ସୃଷ୍ଟି କରୁଛି। ଏଥିରେ ସମାନୁପାତିତା ଆଣିବା ପାଇଁ ଉପରୋକ୍ତ ଏମ୍‌ଇପି ଓ କ୍ୟୁଏପି ବଜେଟ୍ ପରିଚାଳନାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇପାରେ। କିନ୍ତୁ ଏହା ଅଧୀନକୁ ଗ୍ରାମୀଣ ଗରିବ ଲୋକଙ୍କ ପେଟପାଟଣା ସହିତ ଜଡ଼ିତ ଜନକଲ୍ୟାଣ ଯୋଜନାଗୁଡ଼ିକୁ ଆଣିବା ଠିକ୍ ନୁହେଁ ବୋଲି ମତ ପ୍ରକାଶ ପାଇଛି। ଏମ୍‌ନରେଗାରେ କାର୍ଯ୍ୟ ଚାହିଦା ଏପ୍ରିଲ୍‌ରୁ ଜୁନ୍ ମାସରେ ସର୍ବାଧିକ ହୋଇଥିବା ବେଳେ ସେହି ସମୟରେ ହିଁ ବଜେଟ୍ କଟକଣା ଲାଗୁ ହେବାରୁ ବିଭିନ୍ନ ମହଲରୁ ସମାଲୋଚନା ଆରମ୍ଭ ହୋଇଛି।

ଏମ୍‌ନରେଗାରେ କାର୍ଯ୍ୟଦିବସ ବଣ୍ଟନ ସରକାରଙ୍କ ଏକ ବୈଧାନିକ ଦାୟିତ୍ୱ। ଏଥିରୁ ହିତାଧିକାରୀଙ୍କୁ ବଞ୍ଚିତ କରିବା ସମ୍ବିଧାନର ଧାରା ୨୧ର ଉଲ୍ଲଙ୍ଘନ ବୋଲି ଧରାଯିବ। ଅତୀତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସରକାର ପାଣ୍ଠି ଅଭାବ କିମ୍ବା ଅନ୍ୟ କୌଣସି ଆର୍ଥିକ ଦୁରବସ୍ଥା ଆଳରେ ଲୋକମାନଙ୍କ ରୋଜଗାର ଉତ୍ସକୁ ବନ୍ଦ କରିପାରିବେ ନାହିଁ। ଏମ୍‌ନରେଗାର ଧାରା ୩ ଅନୁଯାୟୀ ହିତାଧିକାରୀମାନେ କାମ ମାଗିବାର ୧୫ ଦିନ ଭିତରେ ସରକାର ସେମାନଙ୍କୁ କାମ ଦେବାକୁ ବାଧ୍ୟ ଏବଂ କାମ ସରିବାର ୧୫ ଦିନ ମଧ୍ୟରେ ସେମାନେ ନିଜର ପାଉଣା ବା ପାରିଶ୍ରମିକ ପାଇବାକୁ ହକ୍‌ଦାର। ଏବେ କେନ୍ଦ୍ର ସରକାର ଏହା ଉପରେ କଟକଣା ଜାରି କରିଥିବାରୁ ରାଜ୍ୟମାନେ ଅସୁବିଧା ଓ ଆଇନଗତ ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି। ଏମ୍‌ନରେଗାରେ ଦାବି କରିବା ସତ୍ତ୍ୱେ ଧାର୍ଯ୍ୟ ସମୟରେ କାମ ନ ମିଳିଲେ ହିତାଧିକାରୀମାନଙ୍କୁ ରାଜ୍ୟ ସରକାରମାନେ ବେକାରୀ ଭତ୍ତା ଦେବାକୁ ବାଧ୍ୟ ହେବେ ଏବଂ ପାରିଶ୍ରମିକ ବାବଦ ପାଉଣା ଦେବାରେ ବିଳମ୍ବ ହେଲେ ସୁଧ ବୋଝ ମଧ୍ୟ ରାଜ୍ୟ ରାଜକୋଷମାନଙ୍କ ଉପରେ ବଢ଼ି ଚାଲିବ।

କେନ୍ଦ୍ର ସରକାରଙ୍କ ନୀତି ନିର୍ଦ୍ଧାରକ ଓ ନିଷ୍ପତ୍ତି ନେଉଥିବା ଅଧିକାରୀମାନେ ଯେ ଏ ବିଷୟରେ ଅଜ୍ଞ ଥିବେ ତାହା ନୁହେଁ। ତଥାପି ଏମ୍‌ଇପି ଓ କ୍ୟୁଏପି ପ୍ରକ୍ରିୟାରେ ଏମ୍‌ନରେଗାକୁ ଅନ୍ତର୍ଭୁକ୍ତ କରିବା ପଛର କାରଣ ସେମାନେ ହିଁ କହିପାରିବେ। କିନ୍ତୁ ଯାହା ଆଖିକୁ ଦେଖାଯାଉଛି ତାହା ସାଧାରଣ ଭାଷାରେ ଶ୍ରମିକ ମାରଣ ନୀତି ଭାବରେ ଅଭିହିତ କରାଗଲେ ଭୁଲ୍ ହେବ ନାହିଁ। କେନ୍ଦ୍ର ସରକାର କେବଳ ମାଗଣା ରାସନ୍ ଯୋଗାଣର ଦ୍ୱାହି ଦେଇ ଏ କ୍ଷେତ୍ରରେ ନିଜ ଦାୟିତ୍ୱରୁ ଓହରି ଯାଇପାରିବେ ନାହିଁ। କାରଣ ମାଗଣା ରାସନ୍ ଯୋଜନାରେ ଯେତିକି ଚାଉଳ ଓ ଗହମ ମିଳୁଛି ସେଥିରେ ଖାଦ୍ୟ ସୁରକ୍ଷା ସମ୍ପୂର୍ଣ୍ଣ ନିଶ୍ଚିତ କରିହେବ ନାହିଁ, ତାହାକୁ କେବଳ ଏକ ସହାୟକ ରୂପେ ଗ୍ରହଣ କରାଯାଇପାରିବ। ଅଧିକନ୍ତୁ ବର୍ତ୍ତମାନ ବଜାରରେ ଖାଦ୍ୟ ଶସ୍ୟର ଦରଦାମ ଯେଭଳି ବଢ଼ି ଚାଲିଛି ସେଥିରେ କେବଳ ମାଗଣା ରାସନ୍ ଲୋକଙ୍କ ଜୀବନକୁ ଧାରଣଯୋଗ୍ୟ କରିବାରେ ସକ୍ଷମ ହେବ ନାହିଁ।

ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ନିଆଯାଉଥିବା ନିଷ୍ପତ୍ତି ଏବଂ ତୃଣମୂଳସ୍ତରର ବାସ୍ତବତା ଭିତରେ ଆକାଶପାତାଳ ଫରକ ଅଛି। ତେଣୁ ସରକାର ବାସ୍ତବତାକୁ ହୃଦୟଙ୍ଗମ କରନ୍ତୁ। ନୀତି ନିର୍ଦ୍ଧାରକମାନେ କ୍ଷେତ୍ର ପରିଦର୍ଶନ କରନ୍ତୁ। ଖୋଦ୍ ସରକାରଙ୍କ ବେରୋଜଗାରୀ ପରିସଂଖ୍ୟାନକୁ ଆଧାର ଭାବେ ଗ୍ରହଣ କରି ନୀତି ନିର୍ଦ୍ଧାରକମାନେ ଏଭଳି ଶ୍ରମିକ ମାରଣ ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ।

## ଜିଜ୍ଞାସା ପ୍ରେରିତ ବନାମ ବଜାର ପରିଚାଳିତ ବିଜ୍ଞାନ

**ଡକ୍ଟର ଚିତ୍ତରଞ୍ଜନ ମିଶ୍ର**

୧୮୭୬ରେ କୋଲକାତାରେ ପ୍ରତିଷ୍ଠିତ ‘ଦି ଇଣ୍ଡିଆନ ଆସୋସିଏସନ୍ ଫର ଦି କଲ୍‌ଟିଭେସନ ଅଫ ସାଇନ୍ସ’ରେ ଗବେଷଣା କରି ସାର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ ଭାରତବର୍ଷ ଏବଂ ଏସିଆ ମହାଦେଶର ପ୍ରଥମ ନୋବେଲ ପୁରସ୍କାର ବିଜେତା ଭାବେ ଅଦ୍ୱିତୀୟ ଗୌରବର ଅଧିକାରୀ ହୋଇଥିଲେ। ଏଠାରେ ପ୍ରଶ୍ନ ଉଠିପାରେ ରମଣଙ୍କ ମୂଳ ଲକ୍ଷ୍ୟ କ’ଣ ଥିଲା? ସେ କ’ଣ ତାତ୍କାଳିକ ସାମାଜିକ ସମସ୍ୟା ସମାଧାନର ସମ୍ଭାବନା ଦ୍ୱାରା ଅଭିପ୍ରେରିତ ହୋଇଥିଲେ ନା ବିଜ୍ଞାନ ପଛରେ ଅଣନିଃଶ୍ୱାସୀ ହୋଇ ଅନୁଧାବନ କରିବାର ଅଦମ୍ୟ ନିଶା ତାଙ୍କୁ ଘାରିଥିଲା ? ନା ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଗଭୀର ଅନୁଧ୍ୟାନ ଓ ଅନୁସନ୍ଧାନ ପାଇଁ ସେ ଅମଡ଼ାବାଟର ପଥିକଟିଏ ହେବା ପାଇଁ ଅଧିକ ପସନ୍ଦ ମଣିଥିଲେ?

ରମଣଙ୍କ ଉଦ୍‌ଭାବନ କୌଣସି ବାଣିଜ୍ୟିକ ଲାଭ କିମ୍ବା ତୁରନ୍ତ ବ୍ୟବହାର ଲକ୍ଷ୍ୟରେ ପରିଚାଳିତ ହୋଇନଥିଲା। ଏହା ଜନ୍ମ ନେଇଥିଲା ମାନବୀୟ ଜିଜ୍ଞାସା ଓ କଳ୍ପନାର ଗର୍ଭାଶୟରୁ। କିନ୍ତୁ ଆଜି ବୈଜ୍ଞାନିକ ଅନ୍ୱେଷଣର ଧର୍ମ ଅର୍ଥନୈତିକ ଓ ବଜାର ସମ୍ବନ୍ଧୀୟ ଚିନ୍ତାଧାରା ଦ୍ୱାରା ବହୁଳ ପ୍ରଭାବିତ ହେଉଥିବା ଲକ୍ଷ୍ୟ କରାଯାଉଛି। ଭାରତ ସମେତ ସମଗ୍ର ବିଶ୍ୱରେ ଗବେଷଣା ପ୍ରକଳ୍ପ ପାଇଁ ପାଣ୍ଠି ସହାୟତା ପ୍ରଦାନ କରୁଥିବା ସଂସ୍ଥାମାନେ ବ୍ୟାବସାୟିକ ରୂପରେ ସଂଚାଳିତ ଅନୁସନ୍ଧାନକୁ ପ୍ରାଥମିକତା ଦେଉଛନ୍ତି। ଫଳତଃ ଗବେଷଣାର ଫଳାଫଳ ପେଟେଣ୍ଟ, ଉଦ୍ୟମଶୀଳତା, ବାଣିଜ୍ୟିକ ଉପକ୍ରମ, ଷ୍ଟାର୍ଟଅପ୍ ଏବଂ କନ୍‌ସଲ୍‌ଟ୍ୟାନ୍ସି, ଇଣ୍ଡଷ୍ଟ୍ରି ପାର୍ଟନରସିପ୍ ଆଧାରରେ ଦ୍ରୁତଗତିରେ ମୂଲ୍ୟାଙ୍କନ କରାଯାଉଛି। ‘ଆପ୍ଲାଏଡ ରିସର୍ଚ୍ଚ’ ବା ବ୍ୟାବହାରିକ ଗବେଷଣା ସଂପ୍ରତି ପ୍ରମୁଖ ପ୍ରତିମାନ ପାଲଟିଯାଇଛି।

ଥରେ ବିଶ୍ୱ ପ୍ରସିଦ୍ଧ ପ୍ରାୟୋଗିକ ବୈଜ୍ଞାନିକ ମାଇକେଲ ଫାରାଡେ ଜଣେ ଉଚ୍ଚ ପଦସ୍ଥ ବ୍ରିଟିଶ ଅଧିକାରୀଙ୍କୁ ଇଲେକ୍‌ଟ୍ରୋ- ମ୍ୟାଗ୍ନେଟିଜିମ୍ ଉପରେ ତାଙ୍କ ଆବିଷ୍କାରକୁ ପ୍ରଦର୍ଶିତ କରାଉଥିଲେ। ଏକ କୁଣ୍ଡଳିତ ସ୍ପ୍ରିଙ୍ଗ୍ ମଧ୍ୟରେ ଏକ ଚୁମ୍ବକକୁ ଘୂରାଇଲେ କିଭଳି ଭାବେ ତାହା ବିଦ୍ୟୁତ ତରଙ୍ଗ ସୃଷ୍ଟି କରୁଛି ତାହା ସେ ପରୀକ୍ଷା କରି ବୁଝାଉଥିଲେ। ବରିଷ୍ଠ ବ୍ରିଟିଶ ଅଧିକାରୀଜଣକ ଏହି ପରୀକ୍ଷା ନିରୀକ୍ଷା ଦ୍ୱାରା ପ୍ରଭାବିତ ନହୋଇ ମାଇକେଲ୍ ଫାରେଡଙ୍କୁ ପଚାରିଲେ- ଇଲେକ୍‌ଟ୍ରିସିଟି ଉତ୍ପାଦନରେ ତୁମର ଏ ପରୀକ୍ଷା ନିରୀକ୍ଷା ରାଷ୍ଟ୍ରକୁ କ’ଣ ବ୍ୟାବହାରିକ ଲାଭ ପହଞ୍ଚାଇବ? ଉତ୍ତରରେ ଫାରାଡ଼େ କହିଥିଲେ - ସାର୍, ମୁଁ ଜାଣିନାହିଁ। ହେଲେ ମୁଁ ଏତିକି ଜାଣିଛି ଯେ ଦିନେ ଆପଣଙ୍କ ସରକାର ଏହା ଉପରେ ଟିକସ ଲଗାଇପାରନ୍ତି।

ଯଦିଓ ବିଜ୍ଞାନର ବ୍ୟାବହାରିକ ଉପଯୋଗ ନିଃସନ୍ଦେହରେ ମହତ୍ତ୍ୱପୂର୍ଣ୍ଣ, କିନ୍ତୁ ଏହି ଉପଯୋଗିତାବାଦୀ ଦୃଷ୍ଟିକୋଣ ବୈଜ୍ଞାନିକ ଅନୁସନ୍ଧାନର ପ୍ରକୃତ ଧର୍ମର ଅବକ୍ଷୟ ହେବାର ଆଶଙ୍କା ସୃଷ୍ଟି କରିଥାଏ। ଅନ୍ୟ ଅର୍ଥରେ କହିଲେ ବୈଜ୍ଞାନିକ ଗବେଷଣା ବଜାର ଶକ୍ତି ଦ୍ୱାରା ନିର୍ଦ୍ଧାରିତ, ପ୍ରଭାବିତ ଓ ପରିଚାଳିତ ହେଲେ ମୁକ୍ତ ଅନ୍ୱେଷଣ ବହୁଳ ବାଧାପ୍ରାପ୍ତ ହେବା ସହ ଉଦ୍‌ଭାବନ ଅଧୋଗତିର ସମ୍ମୁଖୀନ ହେବ। ବୈଜ୍ଞାନିକ ପ୍ରଗତିକୁ କେବଳ ମାତ୍ର ପ୍ରୌଦ୍ୟୋଗିକୀ ନବାଚାର ସହ ସମୀକୃତ କରିବା ଦ୍ୱାରା ବିଜ୍ଞାନର ଗଭୀର ବୌଦ୍ଧିକ ଓ ଅନ୍ୱେଷଣାତ୍ମକ ଅନୁସନ୍ଧାନ ଉପେକ୍ଷିତ ହୋଇଯାଏ। ଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଅଭୂତପୂର୍ବ ସଫଳତା ହାସଲ କରିପାରିଛି ଏବଂ କୃତ୍ରିମ ବୁଦ୍ଧିମତ୍ତା ବିପ୍ଳବ ଅସାଧାରଣ ଗତିରେ ତା’ର ରୂପ ଲାବଣ୍ୟ ଆମ ସମ୍ମୁଖରେ ଉନ୍ମୋଚନ କରିଚାଲିଛି। ସ୍ୱାସ୍ଥ୍ୟ ସେବାଠୁଁ ଆରମ୍ଭ କରି ଅଣପାରମ୍ପରିକ ଶକ୍ତି ଉତ୍ସର ବିକାଶ ପର୍ଯ୍ୟନ୍ତ ଏକାଧିକ ଆହ୍ୱାନର ମୁକାବିଲା କରିବା କ୍ଷେତ୍ରରେ ବିଜ୍ଞାନ ପ୍ରମୁଖ ଭୂମିକା ସୁଚାରୁରୂପେ ସଂପାଦିତ ହୋଇଚାଲିଛି। ଯଦିଓ ଏହି ସବୁ ନବଉନ୍ମେଷର ବାସ୍ତବିକ ମୂଲ୍ୟ ରହିଛି ତଥାପି ଆମ ମନରେ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ଉତ୍ଥାପନ ହୋଇଥାଏ ଯେ ବିଜ୍ଞାନକୁ କ’ଣ ବାସ୍ତବିକ ସମସ୍ୟାର ସମାଧାନ ଓ ପୋଷଣୀୟ ବିକାଶ ପାଇଁ ପରିଚାଳିତ କରାଯାଇଥାଏ? ଜିଜ୍ଞାସା, ଗଭୀର ଅନୁଧ୍ୟାନ, ଅନୁସନ୍ଧାନ ଓ ଅନ୍ୱେଷଣ ମାଧ୍ୟମରେ ଜ୍ଞାନର ଦିଗ୍‌ବଳୟକୁ ସଂପ୍ରସାରଣ କରିବା ମଧ୍ୟ ଏକ ମହତ୍ତର କାର୍ଯ୍ୟ, ଯାହାକୁ ବିଜ୍ଞାନ ସମ୍ପାଦିତ କରିଥାଏ।

ସଂଗୀତ, ସାହିତ୍ୟ, କଳା ପରି ବିଜ୍ଞାନ ମଧ୍ୟ ଏକ ରଚନାତ୍ମକ ପ୍ରୟାସ। ଏହା ସଦାସର୍ବଦା ବାସ୍ତବତା ସମ୍ବନ୍ଧୀୟ ମୌଳିକ ପ୍ରଶ୍ନକୁ ନେଇ ଅନ୍ୱେଷଣ କରିବା ପାଇଁ ଇଚ୍ଛା ପ୍ରକଟ କରିଥାଏ। ଆଇନଷ୍ଟାଇନଙ୍କ ଆପେକ୍ଷିତ ତତ୍ତ୍ୱ ହେଉ କିମ୍ବା ରମଣଙ୍କ ଆଲୋକର ବିଚ୍ଛୁରଣକୁ ନେଇ ହେଉ, ବିଜ୍ଞାନ କ୍ଷେତ୍ରରେ ଏକାଧିକ ସର୍ବଶ୍ରେଷ୍ଠ ଆବିଷ୍କାର ତାହା ବ୍ୟାବହାରିକ ସମାଧାନର ଦାବି ଦ୍ୱାରା ନୁହେଁ, ବରଂ ଭୌତିକ ବ୍ରହ୍ମାଣ୍ଡ ବିଷୟରେ ଅନିର୍ବଚନୀୟ ଜିଜ୍ଞାସା ବା ଅତୃପ୍ତ ଜିଜ୍ଞାସା ଦ୍ୱାରା ସଂଚାଳିତ ହୋଇଥାଏ। ଏକାଧିକ କ୍ଷେତ୍ରରେ ଏ ସମସ୍ତ ଆବିଷ୍କାର ବର୍ଷ ବର୍ଷ ପରେ କିମ୍ବା ଦଶନ୍ଧି ଦଶନ୍ଧି ପରେ ତାହାର ବ୍ୟାବହାରିକ ଉପଯୋଗକୁ ଖୋଜି ପାଇଥିଲା। କ୍ୱାଣ୍ଟମ୍ ମେକାନିକ୍ସର କାହାଣୀ,ଯାହାକି ଏବେ ଆଧୁନିକ ଇଲେକ୍‌ଟ୍ରୋନିକ୍ସ ଓ କମ୍ପ୍ୟୁଟିଂ କ୍ଷେତ୍ରକୁ ସମୃଦ୍ଧ କରିଛି କିମ୍ବା ସାଧାରଣ ଆପେକ୍ଷିକ ତତ୍ତ୍ୱର ସିଦ୍ଧାନ୍ତ ଯାହାକି ସଠିକ ଜି.ପି.ଏସ୍ ନାଭିଗେସନ୍ ବା ମାର୍ଗଦର୍ଶନକୁ ସକ୍ଷମ କରିଛି, ତାହା ବିଳମ୍ବରେ ହେଲେ ମଧ୍ୟ ମୌଳିକ ବିଜ୍ଞାନର ଗଭୀର ପ୍ରଭାବ ସଂପର୍କରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛି।

ଯେଉଁ ମନଟି ସଦାସର୍ବଦା ଲାଭ କ୍ଷତିର ହିସାବ ନିକାଶ କରୁଥାଏ ତାହା ଆବଶ୍ୟକତାର ସଂକୀର୍ଣ୍ଣ ଗଳିରେ ଛନ୍ଦି ହୋଇ ପଡ଼ିଯାଇଥାଏ। ରଚନାତ୍ମକ ବା ସୃଜନଶୀଳ ମନଟି ହିଁ ସଦାସର୍ବଦା ମାନବତାକୁ ଆଡ଼କୁ ବାଟ କଢ଼େଇ ନେଇଥାଏ। ଯେଉଁ ମୁହୂର୍ତ୍ତରେ ଆମେ ଆମର ଅସ୍ତିତ୍ୱକୁ କ୍ରିୟାଶୀଳ କରିବାର ପ୍ରକ୍ରିୟା ପ୍ରତି ଉଦାସୀନ ହୋଇପଡୁ, ସେତେବେଳେ ଆମେ ନିଜକୁ ଏକ ଯନ୍ତ୍ରରେ ପରିଣତ କରିଦେଇଥାଉ। ବିସ୍ତୀର୍ଣ୍ଣ ଆକାଶର ଛାତି ଉପରେ ଏକ ଇନ୍ଦ୍ରଧନୁ ତା’ର ରୂପ ଲାବଣ୍ୟର ଅମୂଲ୍ୟ ପସରା ମେଲେଇ ଦେଇଥିଲେ ବି ତାହା ବ୍ୟସ୍ତବହୁଳ ଜୀବନ ବିତାଉଥିବା ସହରୀ ମଣିଷ ପାଇଁ କୌଣସି ବ୍ୟାବାହାରିକ ମୂଲ୍ୟ ରଖିନଥାଏ, ପରନ୍ତୁ ଜଣେ କୋମଳମତି ପିଲା ଓ ଜଣେ କବି ସେହି ଇନ୍ଦ୍ରଧନୁର ଅପରୂପ ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ ତା’ର ବିଦଗ୍ଧ ମନକୁ ଶୀତଳ କରିଥାଏ।

ଜ୍ୟୋତିର୍ବିଜ୍ଞାନ ବିନା ଏକ ବିଶ୍ୱର ଚିନ୍ତା କରନ୍ତୁ, ଯେଉଁଠାରେ କି ମଣିଷମାନେ କେବେ ବି ଥରେ ନିଜ ମୁଣ୍ଡ ଟେକି ଉପରକୁ ଚାହିଁ ନଥିବେ। କେବେ କୌଣସି ପ୍ରଶ୍ନ ପଚାରି ନଥିବେ ବା କେବେ କୌଣସି ସ୍ୱପ୍ନ ବି ଦେଖି ନ ଥିବେ। ନକ୍ଷତ୍ରମାନଙ୍କ ଅବସ୍ଥିତି ବାସ୍ତବତା ବା ଉପଯୋଗିତା ଦୃଷ୍ଟିକୋଣରୁ ଯାହା ଖଗୋଳ ବିଜ୍ଞାନୀଙ୍କ ପାଇଁ ତାହା ଜ୍ୟୋତିଷକାରଙ୍କ ପାଇଁ ନୁହେଁ। ଆମେ କିଏ? ଆମେ କେଉଁଠୁ ଆସିଲୁ? ଏହି ବିଶ୍ୱ ବ୍ରହ୍ମାଣ୍ଡରେ ଆମର ସ୍ଥାନ କେଉଁଠି? ଏହା ସେହି ପ୍ରଶ୍ନ ନୁହେଁ, ଯାହାର ଉତ୍ତର ଗୋଟେ ହିସାବ ଖାତା ଦେଇପାରିବ। ଏହା ହେଉଛି ସେହି ପ୍ରଶ୍ନ, ଯାହାକି ଆମେ ଜଣେ ଜଣେ ମଣିଷ ବୋଲି ଆମକୁ ପରିଭାଷିତ କରିଥାଏ, ନିର୍ଦ୍ଧାରିତ କରିଥାଏ, ନିରୂପଣ କରିଥାଏ। ଆମେ ସତ୍ୟ, ଶିବ ଓ ସୁନ୍ଦରର ପୂଜାରୀ, ଅନ୍ୱେଷକ ଓ ଜିଜ୍ଞାସୁ ବୋଲି ଆମକୁ ପରିଚିତ କରାଇଥାଏ। କବିଟିଏ, ଚିତ୍ରକରଟିଏ, ସଂଗୀତଜ୍ଞଟିଏ, ରହସ୍ୟବାଦୀଟିଏ ଯେ କି ଈଶ୍ୱରଙ୍କର ସାକ୍ଷାତ ଦର୍ଶନର ଅଭିଳାଷୀଟିଏ, ଆଧ୍ୟାତ୍ମିକବାଦୀଟିଏ କିମ୍ବା ଜଣେ ବୈଜ୍ଞାନିକଟିଏ ଏମାନେ ସମସ୍ତେ ଅନନ୍ତ, ଅସୀମିତ ଓ ଅପରିମିତର ଜଣେ ଜଣେ ସନ୍ଧାନୀ। ଏହା ସାଂସାରିକତାର ବହୁ ଊର୍ଦ୍ଧ୍ୱରେ ଅନନ୍ତ ଅସୀମର ଉପଲବ୍ଧି ପାଇଁ ସଦା ଉନ୍ମୁକ୍ତ ହୋଇଥିବା ଏକ ଦ୍ୱାରଦେଶ।

(ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି, କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ)
ଭୁବନେଶ୍ୱର, ମୋ: ୯୩୩୮୨୦୪୯୯୩

## ଅବିଶ୍ରାନ୍ତ ସବୁଜ ଅଭିଯାନର ନାୟିକା

**ମିନାକ୍ଷୀ ଦ୍ୱିବେଦୀ**

ପୃଥିବୀର ମଙ୍ଗଳ ପାଇଁ ବୃକ୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ତାପମାନ ବୃଦ୍ଧି ନିୟନ୍ତ୍ରଣରେ ଗଛଗୁଡ଼ିକ ପ୍ରକୃତିର ସୈନିକ। ସେମାନେ ପ୍ରାକୃତିକ ବାୟୁ ବିଶୋଧକ ଭାବରେ କାର୍ଯ୍ୟ କରନ୍ତି; ଅଙ୍ଗାରକାମ୍ଳ ଶୋଷଣ କରି ଅମ୍ଳଜାନ ତ୍ୟାଗ କରନ୍ତି। ଏହା ସହିତ ସେମାନେ ମୃତ୍ତିକା ସ୍ୱାସ୍ଥ୍ୟ ଓ ମୃତ୍ତିକା ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏହାବ୍ୟତୀତ, ବୃକ୍ଷଗୁଡ଼ିକ ଅଗଣିତ ପ୍ରଜାତି ପାଇଁ ବାସସ୍ଥାନ ଓ ସମ୍ପଦ ପ୍ରଦାନ କରନ୍ତି, ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନରେ ଅବଦାନ ରଖନ୍ତି।

ପରିବେଶ ସୁରକ୍ଷାରେ ବୃକ୍ଷଲତାଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ମହତ୍ତ୍ୱକୁ ଉପଲବ୍ଧି କରିଥିବା ‘ମଦର ଅଫ୍ ଟ୍ରି’ ବା ‘ଗଛର ମାଆ’ ଭାବେ ପରିଚିତ ସାଲୁମାରାଦା ଥିମ୍ମାକା ସମଗ୍ର ବିଶ୍ୱ ପାଇଁ ଏକ ଆଦର୍ଶ। କର୍ଣ୍ଣାଟକର ଗ୍ରାମୀଣ ଜିଲ୍ଲାର ମାଗାଡ଼ି ତାଲୁକ ଅନ୍ତର୍ଗତ ହୁଲିକାଲ ନାମକ ଏକ ଗ୍ରାମରେ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ଏହି ଅସାଧାରଣ ମହିଳା ପରିବେଶ ସୁରକ୍ଷା ନିମନ୍ତେ ଅତ୍ୟନ୍ତ ମୂଲ୍ୟବାନ ଅଂଶଦାନ କରିଛନ୍ତି। ସେ କୌଣସି ଆନୁଷ୍ଠାନିକ ଶିକ୍ଷା ପାଇ ନଥିଲେ। ବାଲ୍ୟକାଳରୁ ଘର ପାଖରେ ଏକ ପଥର ଖଣିରେ ଶ୍ରମିକ ଭାବରେ କାମ କରୁଥିଲେ। ତାଙ୍କର ବିବାହ ହୁଲିକାଲ ଗାଁର ଶ୍ରୀବିକ୍କାଲା ଚିକ୍କାୟାଙ୍କ ସହିତ ହୋଇଥିଲା। ବିବାହର ୨୫ ବର୍ଷ ପରେ ମଧ୍ୟ ସନ୍ତାନସନ୍ତତି ଜନ୍ମ ନ ହେବାରୁ ଦିନ କାଟିବା ପାଇଁ ଦମ୍ପତି ଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ନିଃସନ୍ତାନ ଦମ୍ପତିଙ୍କ ଦୁଃଖ ଓ ନିଃସଙ୍ଗତା ଦୂର ଲକ୍ଷ୍ୟରୁ ଅରମ୍ଭ ହୋଇଥିବା ଏହି ପ୍ରୟାସ ପରବର୍ତ୍ତୀ ସମୟରେ ଏକ ଅସାଧାରଣ ଅଭିଯାନର ରୂପ ନେଇଥିଲା।

ଥିମ୍ମାକ୍କା ଓ ତାଙ୍କ ସ୍ୱାମୀ ରାସ୍ତା ପାର୍ଶ୍ୱରେ ଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ ଏବଂ ପରବର୍ତ୍ତୀ ସମୟରେ ବୃକ୍ଷଶୂନ୍ୟ ଗ୍ରାମ କୁଦୁରକୁ ବାଛିଥିଲେ। ସେମାନେ ବର ଗଛରୁ ଚାରା କଲମୀ କରିବା ଆରମ୍ଭ କରିଥିଲେ। ପ୍ରଥମ ବର୍ଷ ୧୦ଟି ଚାରା କଲମୀ କରି ରାସ୍ତାରେ ୪ କିଲୋମିଟର ପର୍ଯ୍ୟନ୍ତ ରୋପଣ କରିଥିଲେ। ଦ୍ୱିତୀୟ ବର୍ଷରେ ୧୫ଟି ଏବଂ ତୃତୀୟ ବର୍ଷରେ ୨୦ଟି ଗଛ ଲଗାଇଥିଲେ। ଏହିକ୍ରମରେ ପ୍ରତି ବର୍ଷ ଚାରାରୋପଣ ସଂଖ୍ୟା ବୃଦ୍ଧି କରିଚାଲିଲେ। ସେମାନେ ଚାରା ଲଗାଇବା ସହିତ ସନ୍ତାନସନ୍ତତିଙ୍କ ପରି ସେଗୁଡ଼ିକର ଯତ୍ନ ମଧ୍ୟ ନେଲେ। ଚାରାଗୁଡ଼ିକ ବଡ଼ ଗଛରେ ପରିଣତ ହେବା ପରେ ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ ଫଳ ଦେବା ଆରମ୍ଭ କରିଥିଲା। ଏହି ଦମ୍ପତି ପ୍ରାୟତଃ ବର୍ଷା ଋତୁରେ ଚାରା ରୋପଣ କରୁଥିଲେ। ଥିମ୍ମାକ୍କା ତାଙ୍କ ସ୍ୱାମୀଙ୍କ ସହିତ ମିଶି ୮, ୦୦୦ ରୁ ଅଧିକ ଗଛ ଲଗାଇ ଯତ୍ନ ନେବା ଫଳରେ ଏକ ବୃକ୍ଷଶୂନ୍ୟ ଜମି ସବୁଜ ପ୍ରାନ୍ତରେ ପରିଣତ ହୋଇଗଲା।



୧୯୯୧ ମସିହାରେ ସ୍ୱାମୀଙ୍କ ଦେହାନ୍ତ ପରେ ଥିମ୍ମାକ୍କା ଏକାକୀ ନିରନ୍ତର ଭାବରେ ତାଙ୍କର ଅଭିଯାନ ଜାରିଲେ। ସେ ଆଲା ମାରାଦା ଥିମ୍ମାକ୍କା ନାମରେ ମଧ୍ୟ ପରିଚିତ ଥିଲେ। ୩୮୫ ବର ଗଛ ସମେତ ୮୦୦୦ରୁ ଅଧିକ ଗଛ ଲଗାଇ ଯତ୍ନ ନେବାର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ‘ସାଲୁମାର୍ଦା ଥିମ୍ମାକ୍କା’ କୁହାଯାଉଥିଲା। କନ୍ନଡ ଭାଷାରେ ‘ସାଲୁମାର୍ଦା’ ଅର୍ଥ ଗଛର ଧାଡ଼ି। ରାସ୍ତାରେ ସେ ଓ ତାଙ୍କ ସ୍ୱାମୀଙ୍କୁ ସମ୍ମୁଖୀନ ହେବାକୁ ପଡ଼ିଥିବା ଅନେକ କଷ୍ଟ ସତ୍ତ୍ୱେ ଚାରା ରୋପଣ ଏବଂ ପରିବେଶ ସଂରକ୍ଷଣ ପ୍ରତି ତାଙ୍କର ଉତ୍ସର୍ଗକୁ ସମ୍ମାନ ଜଣାଇବା ପାଇଁ ତାଙ୍କୁ ଏହି ନାମ ଦିଆଯାଇଥିଲା।

ସାଲୁମାର୍ଦା ଥିମ୍ମାକ୍କା କେବଳ ଗଛ ଲଗାଇ ନଥିଲେ। ସେ ତାଙ୍କ ଗ୍ରାମର ବାର୍ଷିକ ମେଳା ପାଇଁ ବର୍ଷା ଜଳ ସଂରକ୍ଷଣ କରିବା ପାଇଁ ଏକ ଟାଙ୍କି ନିର୍ମାଣ ଭଳି ବିଭିନ୍ନ ସାମାଜିକ କାର୍ଯ୍ୟକଳାପରେ ସାମିଲ ହୋଇଥିଲେ। ତାଙ୍କର ଜୀବନର ସରଳ ଦର୍ଶନ ହେଉଛି ଯେ ଏହି ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ମାନବତା ପାଇଁ କିଛି ସମ୍ପତ୍ତି ଛାଡ଼ିଯିବା ଉଚିତ। ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା। ବିଭିନ୍ନ ପୁରସ୍କାର ଓ ଅତ୍ୟଳ୍ପ ମାସିକ ପେନସନରୁ କୌଣସି ପ୍ରକାରେ ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ଆର୍ଥିକ ଦୁରବସ୍ଥା କେବେବି ମାନବଜାତି ପାଇଁ ଭଲ କାମ କରିବାରେ ତାଙ୍କ ଆଗ୍ରହକୁ ଭାଙ୍ଗି ପାରି ନାହିଁ। ସାଲୁମାର୍ଦା ଥିମ୍ମାକ୍କା ଆଜି ପ୍ରତ୍ୟେକ ପରିବେଶବିତଙ୍କ ଆଦର୍ଶ। ସେ ବିଶ୍ୱକୁ ଦେଖାଇଛନ୍ତି ଯେ ଜଣେ ନିରକ୍ଷର ମହିଳା ତାଙ୍କ କଠିନ ପରିଶ୍ରମ ଏବଂ ଧୈର୍ଯ୍ୟ ବଳରେ ସମାଜରେ ଏକ ବିରାଟ ପରିବର୍ତ୍ତନ ଆଣିପାରନ୍ତି।

ଯଦିଓ ଥିମ୍ମାକ୍କା କୌଣସି ଆନୁଷ୍ଠାନିକ ଶିକ୍ଷା ପାଇ ନଥିଲେ, ତାଙ୍କ କାର୍ଯ୍ୟକୁ ଭାରତର ଜାତୀୟ ନାଗରିକ ପୁରସ୍କାରରେ ସମ୍ମାନିତ କରାଯାଇଛି। ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ଦିଆଯାଇଛି ଏବଂ ତାଙ୍କୁ ୨୦୧୯ରେ ‘ପଦ୍ମଶ୍ରୀ’ରେ ସମ୍ମାନିତ କରାଯାଇଛି। ଆମେରିକାରେ ତାଙ୍କ ନାମରେ ‘ଥିମ୍ମାକ୍କାର ରିସୋର୍ସ ଫର୍ ଏନଭାର୍ନାମେଣ୍ଟାଲ୍ ଏଜୁକେସନ୍’ ନାମରେ ଏକ ପରିବେଶ ସଂଗଠନ ମଧ୍ୟ ଅଛି। ସେ ମଧ୍ୟ ବନମିତ୍ର, ନିସର୍ଗରତ୍ନ, ବୃକ୍ଷପ୍ରେମୀ ଓ ବୃକ୍ଷଶ୍ରୀ ଭଳି ଉପାଧିରେ ସମ୍ମାନିତ ହୋଇଛନ୍ତି। ପରିବେଶ ରକ୍ଷା ଦିଗରେ ତାଙ୍କର ଅବିଶ୍ରାନ୍ତ ପ୍ରୟାସ ପାଇଁ ତାଙ୍କୁ ଅନେକ ପୁରସ୍କାର ଏବଂ ପ୍ରଶଂସାପତ୍ରରେ ସମ୍ମାନିତ କରାଯାଇଛି।

୧୧୩ ବର୍ଷ ବୟସରେ ଆଜି ମଧ୍ୟ ସେ ଅଧିକ ଗଛ ଲଗାଇବାର ସ୍ୱପ୍ନକୁ ଦେଖି ତାହାକୁ ବାସ୍ତବତାରେ ରୂପାୟନ କରୁଛନ୍ତି। ଯୁଗରେ ଦ୍ରୁତଜଙ୍ଗଲ କ୍ଷୟ ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ଥିମ୍ମାକାଙ୍କ ବାର୍ତ୍ତା ଆଜି ବହୁ ଅଧିକ ପ୍ରାସଙ୍ଗିକ। ତାଙ୍କ କାହାଣୀ ଆମକୁ ଶିଖାଏ ‘ଗୋଟିଏ ମଣିଷ ମଧ୍ୟ ପରିବର୍ତ୍ତନ ଆଣିପାରେ। ଆଜି ଗଛ ଲଗାଇଲେ, ଆସନ୍ତା କାଲି ଉଜ୍ଜ୍ୱଳ ହେବ। ସମୁଦାୟ ଉଦ୍‌ଯୋଗ ଭୂଦୃଶ୍ୟର ପରିବର୍ତ୍ତନ କରିପାରେ।’

ଆମେ ଯଦି ସମସ୍ତେ ତାଙ୍କ ଉଦାହରଣକୁ ଅନୁସରଣ କରିବା ଆମ ଜଗତ ସତରେ କେତେ ସବୁଜ, ସୁନ୍ଦର, ଶ୍ୟାମଳ ହୋଇ ଗଢ଼ି ଉଠିବ। ପ୍ରକୃତି ସଂରକ୍ଷଣ ହେଉଛି ଆମର କର୍ତ୍ତବ୍ୟ। ଗଛ ଲଗାନ୍ତୁ, ପରିବେଶ ସୁରକ୍ଷିତ ରଖନ୍ତୁ। ଏକ ସବୁଜ ଓ ସୁସ୍ଥ ଭବିଷ୍ୟତ ପାଇଁ ଆଜିଠାରୁ ପଦକ୍ଷେପ ନିଅନ୍ତୁ। ସବୁଜ ଥିଲେ ସ୍ୱାସ୍ଥ୍ୟ ମିଳିବ, ପରିବେଶ ସୁନ୍ଦର ରହିବ। ଏକ ଗଛ ଏକ ପ୍ରାଣ, ଗଛ ବଞ୍ଚାଏ ଜୀବନ। ପ୍ରତି ଘରେ ଗଛ ହେଉ, ପୃଥିବୀ ସବୁଜ ହେଉ।

ଗୁରୁଗ୍ରାମ, ମୋ: ୭୯୭୮୦୮୨୮୩୪

## ଆମ ବୃକ୍ଷଲତା ଆମ ଜୀବନ

**ଅଗ୍ନିଶିଖା**

**ପ୍ରକୃତି-ପରିବେଶ**

**ସୌଭାଗ୍ୟସୁନ୍ଦର**

ଅଗ୍ନିଶିଖାକୁ ଓଡ଼ିଶାରେ ସାଧାରଣତଃ ଲଙ୍ଗଲଙ୍ଗଳିଆ, ଟାଙ୍ଗି ଫୁଲ, ଦଶହରା ଫୁଲ, ଶିବଲିଙ୍ଗି, ପାଞ୍ଚ ଆଙ୍ଗୁଳିଆ, ଗର୍ଭ ଘଟନ, ଖଣ୍ଡାଫୁଲ, ଡାଙ୍ଗଗହଣା ଭାବରେ ଜଣାଯାଏ। ଭାରତୀୟ ଉପମହାଦେଶ ଓ ଦକ୍ଷିଣପୂର୍ବ ଏସିଆର ମୂଳଜାତ ଏହି ସୁନ୍ଦର ତୃଣଜାତୀୟ ଆରୋହୀ ଉଦ୍ଭିଦ ଦକ୍ଷିଣ-କେନ୍ଦ୍ରୀୟ ଚୀନ୍ ଓ ଆଫ୍ରିକାର ଅଧିକାଂଶ ସ୍ଥାନ, ପୂର୍ବ ଅଷ୍ଟ୍ରେଲିଆ, ଆମେରିକାର ଆଲାବାମା, ସୁରିନାମ, କାରିବିଆନର କିଛି ଅଂଶ ଏବଂ ବିଭିନ୍ନ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜରେ ଦେଖିବାକୁ ମିଳେ। ଏହା ତାମିଲନାଡୁର ‘ରାଜ୍ୟ ଫୁଲ’। ଏହା ଜିମ୍ବାୱେର ମଧ୍ୟ ଜାତୀୟ ଫୁଲ। ୧୯୪୭ ମସିହାରେ ରାଣୀ ଏଲିଜାବେଥ(ଦ୍ୱିତୀୟ) ରୋଡେସିଆରେ (ବର୍ତ୍ତମାନ ଜିମ୍ବାୱେ) ଯାତ୍ରା କରିବା ସମୟରେ ତାଙ୍କର ଏକବିଂଶତମ ଜନ୍ମଦିନ ପାଳନ ପାଇଁ ଏହି ଫୁଲ ଆକୃତିର ଏକ ହୀରା ବ୍ରୁଚ୍ ତାଙ୍କୁ ଉପହାର ଦିଆଯାଇଥିଲା।

ପ୍ରାୟ ୬ ମିଟର ପର୍ଯ୍ୟନ୍ତ ବଢ଼ିପାରୁଥିବା ଏହି ବୃକ୍ଷର ପତ୍ରଗୁଡ଼ିକ ଡେମ୍ଫ ବିହୀନ, ପ୍ରତ୍ୟେକ ଗଣ୍ଠିରୁ ଗୋଟିଏ ଲେଖାଏଁ ପତ୍ର ବିପରୀତ ଭାବରେ ସଜାଯାଇଥାଏ, ପତ୍ର ଅଗ୍ରରୁ ସରୁ ତାର ଭଳି ଡଙ୍କ ସୃଷ୍ଟି ହୋଇଥାଏ, ଯାହା ସାହାଯ୍ୟରେ ଏହା ଅନ୍ୟାନ୍ୟ ଗଛଲତା ଉପରେ ଆରୋହଣ କରେ। ୫ ରୁ ୭ ସେମି ପର୍ଯ୍ୟନ୍ତ ଲମ୍ବା ଛଅଟି ପାଖୁଡ଼ା ବିଶିଷ୍ଟ ଫୁଲଗୁଡ଼ିକ ପ୍ରଥମେ ସବୁଜ, ପରେ ହଳଦିଆ ଏବଂ ଶେଷରେ ଲାଲ ରଙ୍ଗର ହୋଇଥାଏ। ୬ ରୁ ୧୨ ସେମି ପର୍ଯ୍ୟନ୍ତ ଲମ୍ବ ଫଳଟି ଏକ ମାଂସଳ କ୍ୟାପସୁଲ୍, ଯେଉଁଥିରେ ଅନେକ ଲାଲ ରଙ୍ଗର ବିହନ ଥାଏ। ଗଛରେ ସେପ୍ଟେମ୍ବର - ଅକ୍ଟୋବର ମାସରେ ଫୁଲ ଫୁଟେ।

ଆୟୁର୍ବେଦରେ ଅଗ୍ନିଶିଖା ବହୁଳ ବ୍ୟବହୃତ ଔଷଧି, ଯାହା ମାଂସପେଶୀ ଯନ୍ତ୍ରଣା, ଗଣ୍ଠିବାତ, ସନ୍ଧି ପ୍ରଦାହ, କାନ ଓ ଚର୍ମ ରୋଗ, କୋଲିକ୍, ଦୀର୍ଘକାଳୀନ ଅଲସର, ପାଇଲ୍ସ, ଗନୋରିଆ, ଶ୍ୱାସରୋଗ, ଉକୁଣୀ, କୁଷ୍ଠ, ଆଘାତ, ଅର୍ଶ, କୃମି, କର୍କଟ, ନପୁଂସକତା, ଯୌନ ସଂକ୍ରମିତ ରୋଗ ଉପଶମ ପାଇଁ ବ୍ୟବହାର କରାଯାଏ। ଏହାର ରାଇଜୋମଗୁଡ଼ିକୁ ଏକ ଟନିକ୍, ସାମୟିକ-ପ୍ରତିରୋଧୀ, କୃମି-ପ୍ରତିରୋଧୀ ଏବଂ ସାପ କାମୁଡ଼ା ଏବଂ ବିଛା ଦଂଶନ ଚିକିତ୍ସା, ପ୍ରସବ ଯନ୍ତ୍ରଣାକୁ ପ୍ରୋତ୍ସାହିତ କରିବା ସହିତ ଗର୍ଭପାତ ପାଇଁ ବ୍ୟବହାର କରାଯାଏ। ଉଦ୍ଭିଦର ଔଷଧୀୟ ଗୁଣ ମୁଖ୍ୟତଃ କୋଲଚିସିନ୍ ଓ ଗ୍ଲୋରିଓସିନ୍ ଆଲକାଲଏଡ୍ ଉପସ୍ଥିତି ଯୋଗୁଁ ହୋଇଥାଏ।

ବିହନରେ କୋଲଚିସିନ୍ ବ୍ୟତୀତ ଆଇସୋପରଲୋଲିରିନ୍ ଓ ସମ୍ପର୍କିତ ଟ୍ରୋପୋଲେନ୍ ଆଲକାଲଏଡ୍, ଶୃଙ୍ଖଳା ରାଇଜୋମ୍ରେ- ସିଟୋଷ୍ଟେରୋଲ୍, ଗ୍ଲୁକୋସାଇଡ୍, ୨-ହାଇଡ୍ରୋକ୍ସି, ୬-ମେଥୋକ୍ସି ବେଞ୍ଜୋଇକ୍ ଏସିଡ୍ ଥାଏ। ଉଦ୍ଭିଦର ପ୍ରତ୍ୟେକ ଅଂଶ ବିଷାକ୍ତ। କନ୍ଦକୁ ମିଠା ଆଳୁ କିମ୍ବା କନ୍ଦମୂଳ ଭାବି ଭୁଲ୍‌ବଶତଃ ଖାଇଲେ କିମ୍ବା ଏହା ପ୍ରତ୍ୟକ୍ଷ ପେଟକୁ ଗଲେ ମଣିଷ ଓ ପଶୁଙ୍କ ପ୍ରାଣହାନି ଘଟିପାରେ। ପାର୍ଶ୍ୱ ପ୍ରଭାବରେ ବାନ୍ତି, ପାଟି ଚାରିପାଖରେ ଝିମ୍ଝିମ୍, ଗଳାରେ ଜଳାପୋଡ଼ା, ପେଟ ଯନ୍ତ୍ରଣା ଏବଂ ରକ୍ତାକ୍ତ ଡାଇରିଆ, ଚର୍ମ ଛଡ଼ାଇ ଦେବା ଏବଂ ମହିଳାମାନଙ୍କ ଦୀର୍ଘକାଳୀନ ଯୋନି ରକ୍ତସ୍ରାବ ହୋଇପାରେ। ତେଣୁ ନାଇଜେରିଆରେ ତୀରରେ ବିଷ ଏବଂ ଭାରତରେ ସାପ ପାଇଁ ବିଷ ଦେବାରେ ଏହା ବ୍ୟବହାର କରାଯାଏ। ତେଣୁ ଆୟୁର୍ବେଦ ଶାସ୍ତ୍ର ଅନୁଯାୟୀ ଏହାର ଅନୁପାନ ବାଞ୍ଛନୀୟ।

ସାଧାରଣତଃ, ଏହି ଗଛ ଜଙ୍ଗଲରେ ପ୍ରାକୃତିକ ଭାବରେ ବଢ଼ିଥାଏ। ଔଷଧୀୟ ବ୍ୟବହାର ପାଇଁ ଏହାର ବହୁତ ଚାହିଦା ଅଛି। ତେଣୁ ଏହାକୁ ଭାରତରେ ଫାର୍ମଗୁଡ଼ିକରେ ଚାଷ କରାଯାଏ। କିନ୍ତୁ ଔଷଧ ବାଣିଜ୍ୟରେ ବିକ୍ରି ହେଉଥିବା ଅଧିକାଂଶ ଉଦ୍ଭିଦ ସାମଗ୍ରୀ ଜଙ୍ଗଲୀ ପରିସଂସ୍ଥାରୁ ଆସିଥାଏ। ଫୁଲଗୁଡ଼ିକ ଧାର୍ମିକ ରୀତିନୀତିର ଏକ ଅଂଶ। ଓଡ଼ିଶାରେ ଏହା ବିଲୁପ୍ତ ହେବାକୁ ଯାଉଛି ଏବଂ ଶ୍ରୀଲଙ୍କାରେ ଏହା ବିରଳ ହୋଇଯାଇଛି। ଅନ୍ୟପକ୍ଷରେ ଏହା ଅଷ୍ଟ୍ରେଲିଆ, ସିଙ୍ଗାପୁର ଏବଂ ଅନ୍ୟ କିଛି ଦେଶରେ ଏକ ଆକ୍ରମଣାତ୍ମକ ଜାତୀୟ ଲତା ବୋଲି କୁହାଯାଉଛି। ପ୍ରାକୃତିକ ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସଂଘ ଏହି ଲତାକୁ ଲାଲ୍ କିତାବରେ ସଙ୍କଟାପନ୍ନ ଉଦ୍ଭିଦ ବର୍ଗରେ ସ୍ଥାନିତ କରିଥିବା ଜଣାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପହଣ୍ଡିରେ ଅଭିଜ୍ଞ ସେବକ ରହିବେ: ଗଜପତି

## ରଥକାଠ ଅଭାବ ପୂରଣ ପାଇଁ ଏବେଠୁ ଉଦ୍ୟମ ହେବା ଆବଶ୍ୟକ

**ପୁରୀ,୨୨।୬(ସମିସ):** ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆବଶ୍ୟକ କାଠ ସମସ୍ୟା ଦୂର କରିବା ନିମନ୍ତେ ରାଜ୍ୟ ସରକାର ଏବେଠାରୁ ଉଦ୍ୟମ ନ କଲେ ସମସ୍ୟା ଉପୁଜିପାରେ। ଶ୍ରୀଜଗନ୍ନାଥ ବନ ପ୍ରକଳ୍ପର କ'ଣ ସ୍ଥିତି ରହିଛି, ସେନେଇ ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ଏଯାଏ ଜଙ୍ଗଲ ଓ ପରିବେଶ ବିଭାଗ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିନାହିଁ। ପୂର୍ବରୁ ପର୍ଯ୍ୟାପ୍ତ ଜଙ୍ଗଲ ଥିଲା ଓ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ କାଠର ସମସ୍ୟା ନ ଥିଲା। ରଥଯାତ୍ରାରେ କାଠ ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ବ୍ୟବହାର କରାଯାଇପାରିବ ନାହିଁ। ତେଣୁ ରଥ କାଠ ଅଭାବକୁ ପୂରଣ କରିବା ପାଇଁ ଏବେଠାରୁ ରାଜ୍ୟ ସରକାର ତତ୍ପର ହେବା ଆବଶ୍ୟକ ବୋଲି କହିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ।

ରବିବାର ରାଜପ୍ରସାଦ ବିଜେ ନୀତି ପରେ ଶ୍ରୀନଅରଠାରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ଗଜପତି କହିଛନ୍ତି, ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁରୁଖୁରୁରେ ସମ୍ପନ୍ନ କରିବା ଲାଗି ନୀତିକାନ୍ତି ସମ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇଛି। ମହାପ୍ରଭୁଙ୍କ ଅଣସର ନୀତି ଠିକ୍ ଭାବେ ସରିଛି। ଅଣସର ତ୍ରୟୋଦଶୀଠାରୁ ନବଯୌବନ ଦର୍ଶନ ଓ ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ସୁରୁଖୁରୁରେ ସାରିବା ପାଇଁ ସେ ଦଇତାପତି ସେବାୟତଙ୍କ ସହ ଆଲୋଚନା କରି ପରାମର୍ଶ ଦେଇଛନ୍ତି। ଚଳିତବର୍ଷ ଗୋଟିଏ ଦିନରେ ନେତ୍ର ଉତ୍ସବ ଓ ନବଯୌବନ ଦର୍ଶନ ପଡୁଥିବାରୁ ଠିକ୍ ଭାବେ ନୀତି ସରି କିଭଳି ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେନେଇ ଆଲୋଚନା କରିଛନ୍ତି।

ଗତବର୍ଷ ଆଡ଼ପମଣ୍ଡପ ପହଣ୍ଡି ସମୟରେ ବଡ଼ଠାକୁର ଶ୍ରୀବଳଭଦ୍ର ପଡ଼ିଯାଇଥିଲେ। ଏ ସମ୍ପର୍କରେ ଗଜପତି ମହାରାଜା କହିଛନ୍ତି, ଏହି ଘଟଣାକୁ ନେଇ ଗଠିତ କମିଟି ନିଷ୍ପତ୍ତି ଆଧାରରେ ଚାରମାଳ ଲମ୍ବ ବୃଦ୍ଧି କରାଯାଇଛି। ପହଣ୍ଡିରେ ଅଭିଜ୍ଞ ସେବକ ରହି ଦାୟିତ୍ୱ ନିର୍ବାହ କରିବେ। ପ୍ରତି ପହଣ୍ଡିରେ କମ୍ ସଂଖ୍ୟକ ସେବକ ସାମିଲ ହେବେ। ରଥ ଉପରକୁ ମୋବାଇଲ୍ ଫୋନ୍ ନେବା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ଗୁଣ୍ଡିଚା ମନ୍ଦିରର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କରାଯାଇଛି। ଗୁଣ୍ଡିଚା ମନ୍ଦିର ଭିତର ଓ ପଛପଟ ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟୀକରଣ ପାଇଁ ରଥଯାତ୍ରା ପରେ ଏକ ଦୀର୍ଘମିଆଦି ଯୋଜନା କରାଯିବ ବୋଲି ଗଜପତି କହିଛନ୍ତି।

## ରଥଯାତ୍ରାରେ 'ଜୈବିକ' ଅମୃତ ଅନ୍ନରେ ପ୍ରସ୍ତୁତ ହେବ କୋଠଭୋଗ

**ପୁରୀ, ୨୨।୬(ସମିସ):** ଚଳିତବର୍ଷ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପମଣ୍ଡପ ବିଜେ ସମୟରେ ମହାପ୍ରଭୁଙ୍କ କୋଠଭୋଗରେ ଲାଗି ହେବ ଅମୃତ ଅନ୍ନ (ଜୈବିକ ଚାଉଳ)। ଏନେଇ ପୂର୍ବରୁ ଆଲୋଚନା ହୋଇଥିବା ବେଳେ ରବିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବଡୁ ସୁଆର ଏବଂ ସୁଆର ମହାସୁଆର ନିଯୋଗ ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ। ସେହିପରି ସୁଆର ମହାସୁଆରଙ୍କ ପକ୍ଷରୁ ଭୋଗମଣ୍ଡପରେ ମଧ୍ୟ ଅମୃତ ଅନ୍ନ ବ୍ୟବହାର ନେଇ ଯୋଜନା ହୋଇଛି। ମହାପ୍ରଭୁଙ୍କ ଭୋଗ ପ୍ରସ୍ତୁତିରେ ଅମୃତ ଅନ୍ନ ଉପଯୋଗ ନେଇ ପୂର୍ବରୁ ଆଲୋଚନା ହେବା ସହ ପରୀକ୍ଷାମୂଳକ ଭାବେ ଲାଗି ମଧ୍ୟ ହୋଇଥିଲା। ଏବେ କୋରାପୁଟର ପ୍ରଗତି ଅନୁଷ୍ଠାନ ଅମୃତ ଅନ୍ନ ଯୋଗାଣ ସକାଶେ ସହଯୋଗର ହାତ ବଢ଼ାଇଛି। ରବିବାର ବୈଠକରେ ଏହି ଅନୁଷ୍ଠାନର ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

■ ଯାଜପୁର ଝାଡ଼ାବାନ୍ତି...

## ଏବେ ବି ଡାକ୍ତରଖାନାରେ ୧୩୭



**ଯାଜପୁର, ୨୨।୫ (ସମିସ):** ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତି ପରିସ୍ଥିତି ଧୀରେଧୀରେ ସୁଧୁରୁଛି। ଆଜି ସନ୍ଧ୍ୟା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ଜିଲ୍ଲାରେ ୧୦୯ ଜଣ

### ଧର୍ମଶାଳାରେ କେନ୍ଦ୍ରୀୟ ଟିମ୍

ନୂଆ ରୋଗୀ ଆଡମିଟ୍ ହୋଇଥିବା ବେଳେ ୯୩ ଜଣ ସ୍ୱଳ୍ପ ପତଳା ଝାଡା ଏବଂ ୧୬ ଜଣ ଅତ୍ୟଧିକ ପତଳା ଝାଡ଼ା ହେଉଥିବା ରୋଗୀ ଆଡମିଟ୍ ହୋଇଛନ୍ତି। ୧୭ ଜଣ ରୋଗୀଙ୍କୁ ସ୍ଥାନାନ୍ତର କରାଯାଇଛି ଏବଂ ୯୦ଜଣଙ୍କୁ ଡିସଚାର୍ଜ କରାଯାଇଛି। ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଅନ୍ୟାନ୍ୟ ଚିକିତ୍ସାଳୟ ରେ ମୋଟ ୧୩୭ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ଯେଉଁଥିରେ ୧୩୫ ଜଣ ସ୍ୱଳ୍ପ ପତଳା ଝାଡ଼ା ଏବଂ ୨ ଜଣ ଅତ୍ୟଧିକ ପତଳା ଝାଡା ହେଉଥିବାର ସୂଚନା ମିଳିଛି। ପ୍ରତ୍ୟେକ ଘରେ ସାବୁନ ବଣ୍ଟନ ଚାଲୁ ରହିଛି ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଦିନ ଏହାର ତଦାରଖ କରାଯାଉଛି। ଅପରପକ୍ଷେ, କେନ୍ଦ୍ରୀୟ ଟିମ୍ ଆଜି ଧର୍ମଶାଳା ଡାକ୍ତରଖାନାରେ ସ୍ଥିତି ପରଖିଛନ୍ତି। ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବାରୁ ଖୁସି ପ୍ରକଟ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୁଦ୍ଧକୁ ଡେଇଁଲା...

ପରମାଣୁ କେନ୍ଦ୍ର ଧ୍ୱଂସ ହୋଇଥିବା ଆମେରିକା ଦାବି କରିଛି। ୧୯୭୯ରେ ଇରାନ ବିପ୍ଳବ ପରେ ପ୍ରଥମ ଥର ଲାଗି ଇରାନ ଭିତରେ ଆକ୍ରମଣ କରିଛି ଆମେରିକା। ରାଷ୍ଟ୍ରପତି ଟ୍ରମ୍ପ ଏହି ଆକ୍ରମଣ ସଫଳ ହୋଇଛି ଏବଂ ଇରାନର ପରମାଣୁ କ୍ଷମତା ଶୂନ ହୋଇଯାଇଛି ବୋଲି କହିଛନ୍ତି। ଏବେ ମଧ୍ୟପ୍ରାଚ୍ୟ ଓ ଇସ୍ରାଏଲ ବିପଦମୁକ୍ତ ବୋଲି ସେ କହିଛନ୍ତି। ଇରାନ ତୁରନ୍ତ କଥାବାର୍ତ୍ତା କରୁ, ନହେଲେ ଆହୁରି ଭୟଙ୍କର ଆକ୍ରମଣ କରାଯିବ ବୋଲି ସେ ଧମକ ଦେଇଛନ୍ତି। ଆମେରିକାର ପ୍ରତିରକ୍ଷା ସଚିବ କହିଛନ୍ତି ଯେ 'ମିଡନାଇଟ୍ ହାମର' ନାମରେ ହୋଇଥିବା ଆକ୍ରମଣରେ ୧୨୫ଟି ଲଢୁଆ ବିମାନ ମଧ୍ୟ ସାମିଲ ହୋଇଥିଲେ। ଏହାସହିତ ଆମେରିକା ନୌସେନାର ସବମେରିନରୁ ୨୪ଟି ଟୋମହକ୍ କ୍ଷେପଣାସ୍ତ୍ର ମଧ୍ୟ ମାଡ଼ କରାଯାଇଛି।

ଏହି ଆକ୍ରମଣ ନେଇ ଇରାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ କହିଛନ୍ତି ଯେ ଇରାନ ଉପରେ ଆକ୍ରମଣ କରି ଆମେରିକା ସବୁ ସୀମା ଅତିକ୍ରମ କରିଛି। ଇରାନ ଏହାର ଦୃଢ଼ ଜବାବ ଦେବ। ଇରାନ ମଧ୍ୟ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିବ ବୋଲି ସେ କହିଛନ୍ତି। ଏସଂପର୍କରେ ଅଧିକ ବିଚାରବିମର୍ଶ ଲାଗି ଆଜି ସେ ମସ୍କୋ ଯାଉଛନ୍ତି। ସେଠାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ଆଲୋଚନା କରିବେ।

ଇରାନ ଉପରେ ଆମେରିକାର ଆକ୍ରମଣକୁ ଜାତିସଂଘ ମହାସଚିବ ନିନ୍ଦା କରିବା ସହିତ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ପରାମର୍ଶ ଦେଇଛନ୍ତି। ରୁଷ ଏବଂ ଚୀନ ମଧ୍ୟ ଏହାର ନିନ୍ଦା କରି କହିଛନ୍ତି ଯେ ଏହାଦ୍ୱାରା ମଧ୍ୟପ୍ରାଚ୍ୟ ସ୍ଥିତି ଆହୁରି ବିଗିଡ଼ିଯିବ। ରୁଷ ରାଷ୍ଟ୍ରପତି ପୁଟିନଙ୍କ ବରିଷ୍ଠ ପରାମର୍ଶଦାତା ତଥା ପୂର୍ବତନ ରାଷ୍ଟ୍ରପତି ଡ୍ମିଟ୍ରି ମେଦଭେଦେଭ କହିଛନ୍ତି ଯେ ଆମେରିକାର ଆକ୍ରମଣ ସଫଳ ହୋଇନାହିଁ। ଏହା ଆମେରିକା ପାଇଁ ମହଙ୍ଗା ପଡ଼ିବ। ରୁଷ ସମେତ ଅନେକ ଦେଶ ଇରାନକୁ ପରମାଣୁ ଅସ୍ତ୍ର ଯୋଗାଇବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି। ଅନକ୍ଷପକ୍ଷରେ ବ୍ରିଟେନ ଓ ଇସ୍ରାଏଲ ଏହି ଆକ୍ରମଣକୁ ସମର୍ଥନ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏସଂପର୍କରେ ଇରାନ ରାଷ୍ଟ୍ରପତିଙ୍କ ସହିତ ଫୋନରେ କଥା ହୋଇଛନ୍ତି। ମଧ୍ୟପ୍ରାଚ୍ୟ ସ୍ଥିତି ନେଇ ଉଦବେଗ ପ୍ରକାଶ କରିବା ସହିତ ତୁରନ୍ତ ଉତ୍ତେଜନା ଦୂର କରିବା ସପକ୍ଷରେ ମତ ରଖିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ୪୫ ମିନିଟ୍ ଧରି କଥାବାର୍ତ୍ତା ହୋଇଥିଲା।

ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାପାଇଁ ଅଭିଯାନ ଚଳାଇଥିବା ପାକିସ୍ତାନର ଆଜିର ଆମେରିକୀୟ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଇରାନ ଉପରେ ଆମେରିକା ଆକ୍ରମଣକୁ ନିନ୍ଦା କରି କହିଛନ୍ତି ଯେ ଏହା ମଧ୍ୟପ୍ରାଚ୍ୟରେ ଉଦବେଗଜନକ ପରିସ୍ଥିତି ସୃଷ୍ଟି କରିଛି।

ଆମେରିକା ଆକ୍ରମଣ ପରେ ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଆହୁରି ଭୟଙ୍କର ରୂପ ଧାରଣ କରିଛି। ଆମେରିକା ଆକ୍ରମଣର କିଛି ସମୟ ମଧ୍ୟରେ ଇସ୍ରାଏଲ ଉପରେ ପ୍ରଚଣ୍ଡ କ୍ଷେପଣାସ୍ତ୍ର ମାଡ଼ କରିଛି। ଇସ୍ରାଏଲର ୪ଟି ସହରକୁ ଟାର୍ଗେଟ କରି ଇରାନ ଏହାର ସବୁଠାରୁ ଶକ୍ତିଶାଳୀ କ୍ଷେପଣାସ୍ତ୍ର ମାଡ଼ କରିଛି। ଇରାନ ଆଜି ୪୦ଟି କ୍ଷେପଣାସ୍ତ୍ର ମାଡ଼ କରିଛି ଏବଂ ୮୫ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଇସ୍ରାଏଲ ମଧ୍ୟ ଏହା ଯୁଦ୍ଧବିମାନ ଜରିଆରେ ଇରାନର ଅନେକ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିବା କହିଛି।

ଇତିମଧ୍ୟରେ ଆଜି ଜାତିସଂଘ ନିରାପତ୍ତା ପରିଷଦ ବୈଠକ ହେବାର ସମ୍ଭାବନା ରହିଛି। ଇରାନ ଓ ଇସ୍ରାଏଲ ମଧ୍ୟରେ ତୁରନ୍ତ ଯୁଦ୍ଧବିରତି ଲାଗି ପାକିସ୍ତାନ, ରୁଷ ଓ ଚୀନ ପ୍ରସ୍ତାବ ଦେଇଛନ୍ତି। ଆସନ୍ତାକାଲି ଏହା ଉପରେ ମତଦାନ ହେବ ବୋଲି କୁହାଯାଉଛି।

### ୨ ଦଳିତଙ୍କୁ...

ଏହି ଘଟଣା ସରକାର ଓ ପୁଲିସ ପ୍ରଶାସନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। କଙ୍ଗାରୁ କୋର୍ଟରେ ଅକାରଣରେ ଦଣ୍ଡ ପାଇଥିବା ଦୁଇ ଦଳିତ ହେଲେ, ଧରାକୋଟ ବ୍ଲକ୍‌ର ସିଙ୍ଗିପୁର ଗ୍ରାମର ବୁଲୁ ନାୟକ ଓ ବାବୁଲା ନାୟକ। ମୁଖ୍ୟମନ୍ତ୍ରୀ ସୋମବାର ଆସିକା ଗସ୍ତରେ ଆସିବାର ଥିବା ବେଳେ ତା' ପୂର୍ବରୁ ଏଭଳି ଏକ ଲୋମଟାଙ୍କୁରା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ସୂଚନା ଅନୁଯାୟୀ, ଝିଅକୁ ଯୌତୁକ ଦେବାକୁ ଦୁହେଁ ହରିପୁରରୁ ତିନୋଟି ଗାଇ ଧରି ସିଙ୍ଗିପୁର ଯାଉଥିଲେ। ଖାରିଗୁମ୍ମାଠାରେ ତାଙ୍କୁ କିଛି ଲୋକ ଅଟକାଇବା ସହ ଗୋ-ଚାଲାଣ କରୁଥିବା କହି ଟଙ୍କା ମାଗିଥିଲେ। କିନ୍ତୁ ଦୁହେଁ ଟଙ୍କା ଦେବାକୁ ରାଜି ନ ହେବାରୁ ସେମାନେ ତାଙ୍କୁ ମାଡ଼ ମାରିବା ସହ ସେଲୁନ୍‌ରେ ଅଧାଲଣ୍ଡା କରାଇଥିଲେ। ପରେ ସେମାନଙ୍କୁ ଖାରିଗୁମ୍ମାଠାରୁ ଜାହାଡ଼ା ପର୍ଯ୍ୟନ୍ତ ପାଖାପାଖି ଦୁଇ କିଲୋମିଟର ପାଦରେ ଚଲାଇ ଚଲାଇ ନେଇଥିଲେ। ପରେ ଜାହାଡା ଗାଁ ଦାଣ୍ଡରେ ଦୁହିଁଙ୍କୁ ଆଣ୍ଠେଇ ଆଣ୍ଠେଇ ଚଲାଇଥିଲେ। ନିର୍ଯାତନା ସେତିକିରେ ସରିନଥିଲା; ପରେ ଅଭିଯୁକ୍ତମାନେ ସେମାନଙ୍କୁ ଘାସ ଖାଇବାକୁ ଦେବା ସହ ନର୍ଦ୍ଦମା ପାଣି ପିଆଇଥିଲେ। ତେବେ, ସୁଯୋଗ ପାଇ ଦୁଇଜଣ ଯାକ ସେଠାରୁ ଖସି ଆସି ଧରାକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କ ମୁଣ୍ଡ ଆଉ ପିଠିରେ ଆଘାତ ଲାଗିଥିବା ବେଳେ ଧରାକୋଟ ପୁଲିସ୍ ତାଙ୍କୁ ମେଡିକାଲରେ ଭର୍ତ୍ତି କରି ଘଟଣାରେ ତଦନ୍ତ କରୁଛି। ଏହି ଘଟଣାରେ ୭ରୁ ୮ଜଣଙ୍କ ସଂପୃକ୍ତି ଥିବା ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଗଞ୍ଜାମ ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଲାଣି। ପୁଲିସ୍‌କୁ ଅପରାଧୀଙ୍କ ଭୟ ରହୁନଥିବାରୁ ପ୍ରତିଦିନ ଏଭଳି ହୃଦୟବିଦାରକ ଘଟଣା ଘଟୁଛି। ଫଳରେ ସରକାର ଓ ପୁଲିସ ପ୍ରତି ଲୋକଙ୍କ ବିଶ୍ୱାସ ତୁଟିବାରେ ଲାଗିଛି ଓ ଜିଲ୍ଲାବାସୀ ନିଜକୁ ନିରାପଦ ମଣୁନାହାନ୍ତି।

### ଅସ୍ତ୍ରୋପଚାର ସଫଳ...

ଅବଜରଭେସନରେ କେତେ ସମୟ ରହିବେ, ଡାକ୍ତରଙ୍କ ମତାମତ ଉପରେ ନିର୍ଭର କରେ। ସେ ଏବେ ଆଇସିୟୁରେ ଅଛନ୍ତି। ଅନେକ ପ୍ରତିଷ୍ଠିତ ଲୋକ ନବୀନ ପଟ୍ଟନାୟକଙ୍କୁ ଦେଖା କରିବାକୁ ଚାହୁଁଛନ୍ତି। ଅପରେସନ ପରେ ସଂକ୍ରମଣର ଭୟ ରହିଥାଏ। ତେଣୁ ଆଇସିୟୁରୁ କ୍ୟାବିନ୍‌କୁ ସ୍ଥାନାନ୍ତର ହେବା ପର୍ଯ୍ୟନ୍ତ ସମସ୍ତଙ୍କୁ ଅପେକ୍ଷା କରିବାକୁ ଆମେ ବିନମ୍ର ଭାବରେ ଅନୁରୋଧ କରିଛୁ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଦୀର୍ଘ ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକ ନିରଳସ ଓ ନିସ୍ୱାର୍ଥପର ଭାବରେ ରାଜ୍ୟବାସୀଙ୍କ ପାଇଁ କାର୍ଯ୍ୟ କରିଛନ୍ତି। ବିରୋଧୀଦଳ ନେତା ଭାବରେ ମଧ୍ୟ ସମର୍ପିତ ଭାବରେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରି ଚାଲିଛନ୍ତି। ନବୀନଙ୍କ ସ୍ୱାସ୍ଥ୍ୟ ଖବର ଶୁଣି ସାରା ରାଜ୍ୟବାସୀ ତାଙ୍କର ସୁସ୍ୱାସ୍ଥ୍ୟ କାମନା କରିଛନ୍ତି। ଉପବାସ, ପୂଜାର୍ଚ୍ଚନା ସହ ଦୀପଦାନ କରି ନବୀନଙ୍କ ଶୀଘ୍ର ଆରୋଗ୍ୟ ଲାଭ ପାଇଁ ପ୍ରାର୍ଥନା କରିଛନ୍ତି। ଆଜି ତାଙ୍କର ଅସ୍ତ୍ରୋପଚାର ସଫଳ ହେବା ସୂଚନା ମିଳିବା ପରେ ରାଜ୍ୟବାସୀ ଆଶ୍ୱସ୍ତ ହୋଇଛନ୍ତି।

## ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା: ଡିଆଇଜିଙ୍କ ତନାଘନା



**ଭଦ୍ରକ, ୨୨।୬(ସମିସ):** ଭଦ୍ରକ ସହରର ଚରମ୍ପାଠାରେ ହୋଇଥିବା ଗୁଳିକାଣ୍ଡ ଘଟଣା ପରେ ପୁଲିସର ତନାଘନା ଆରମ୍ଭ ହୋଇଛି। ପୂର୍ବାଞ୍ଚଳ ଡିଆଇଜି ଓ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ଯାଞ୍ଚ କରିଛନ୍ତି। ଶନିବାର ଚରମ୍ପା ଛକ ନିକଟରୁ କିଛି ଦୂରରେ ବ୍ୟବସାୟୀ ବିଦ୍ୟାଧର ପାତ୍ରଙ୍କୁ କେତେକ ଦୁର୍ବୃତ୍ତ ଦୁଇରାଉଣ୍ଡ ଗୁଳି ଚଳାଇଥିଲେ। ପରେ ସ୍ଥାନୀୟ ଲୋକେ ବିଦ୍ୟାଧରଙ୍କୁ ଗୁରୁତର ଭାବେ ପ୍ରଥମେ ଭଦ୍ରକ ମେଡିକାଲ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ବିଦ୍ୟାଧରଙ୍କ ଦେହରୁ ଅପରେସନ ପରେ ଗୁଳି ବାହାର କରାଯାଇଛି ବୋଲି ସୂଚନା ମିଳିଛି। ତେବେ ଘଟଣା ପରେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ, ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ସହ ଅନ୍ୟ ଅଧିକାରୀମାନେ ଗୁଳିକାଣ୍ଡ ହୋଇଥିବା ସ୍ଥାନକୁ ଯାଇ ତଦନ୍ତ କରିଛନ୍ତି। ବିଦ୍ୟାଧରଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି ଡିଆଇଜି। ଏପର୍ଯ୍ୟନ୍ତ ଗୁଳିକାଣ୍ଡର କାରଣ ଅସ୍ପଷ୍ଟ ହୋଇଥିବା ବେଳେ ସିସିଟିଭି ଯାଞ୍ଚ ସହ ବିଭିନ୍ନ ସ୍ଥାନରେ ବ୍ଲକିଂ ଓ ଚଢ଼ଉ ଚାଲିଥିବା କହିଛନ୍ତି ଡିଆଇଜି। ଘଟଣା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଖୁବ୍‌ଶୀଘ୍ର ଅପରାଧୀଙ୍କୁ ପୁଲିସ ଧରିବ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭଦ୍ରକ ସହରର ଚରମ୍ପା ଛକ ନିକଟରେ ବ୍ୟବସାୟୀଙ୍କୁ ଗୁଳିମାଡ ହୋଇଥିଲା। ଗୁଳିମାଡର ଶିକାର ହୋଇଥିଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ବେଲାମଳା ଗ୍ରାମର ବିଦ୍ୟାଧର ପାତ୍ର। ଚରମ୍ପା ସ୍ଥିତ ନିଜ ଦୋକାନ ବନ୍ଦ କରି ଘରକୁ ଯାଉଥିବା ସମୟରେ କେତେକ ଦୁର୍ବୃତ ଆସି ଗୁଳି ଫୁଟାଇଥିଲେ। ଲୁଟ୍ ଉଦ୍ଦେଶ୍ୟରେ ବିଦ୍ୟାଧରଙ୍କୁ ଗୁଳି ମାଡ଼ କରାଯାଇଥିବା ସନ୍ଦେହ କରାଯାଉଥିଲା। ପରେ ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସିଥିଲେ। ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପ୍ରତ୍ୟେକ୍ଷଦର୍ଶୀଙ୍କ ଅନୁଯାୟୀ ଦୁଇ ରାଉଣ୍ଡ ଗୁଳି ଫୁଟିଥିଲା। ବାଇକରେ ଯାଉଥିବା ବିଦ୍ୟାଧର ରାସ୍ତାରେ ଟଳି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଗୁରୁତର ଭାବେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

## ଟ୍ରକ୍ ଧକ୍କାରେ ସ୍କୁଟି ଚାଳକ ମୃତ

**ରାଉରକେଲା, ୨୨।୬ (ସମିସ):** ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲାଇଙ୍ଗ ଛକରେ ରବିବାର ଏକ ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ଏଥିରେ ଆଉ ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ, ସୁକାନ୍ତ ଡୁଙ୍ଗଡୁଙ୍ଗ (୩୫)। ସେ ଲାଇଙ୍ଗ ଅନ୍ତର୍ଗତ ବରପାଲି ବସ୍ତିରେ ରହୁଥିଲେ। କାଂଶବାହାଲ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୁଲିସ ଜବତ କରିଛି।



**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112


### ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ନିର୍ବାଚନ

## ପ୍ରଫେସର ଧର୍ମବ୍ରତ ସଭାପତି ନିର୍ବାଚିତ



**ଭୁବନେଶ୍ୱର,୨୨।୬(ସମିସ):** ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ରେଭେନ୍ସା ବିଶ୍ୱବିଦ୍ୟାଳୟ ସେଭେନ୍ ପିଲାର୍ସ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର୍ ଧର୍ମବ୍ରତ ମହାପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ପ୍ରଫେସର୍ ମଧୁସ୍ମିତା ପତି, ବିଶ୍ୱଜିତ ପ୍ରସାଦ ଛାଟୋଇ, ଏକାମ୍ବର କରେଇଲା, ପ୍ରସନ୍ନ କୁମାର ପାତ୍ର ଓ ଇଶ୍ୱର ଚନ୍ଦ୍ର ନାୟକ ଉପ-ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ମନୋରଞ୍ଜନ ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ସଂଯୁକ୍ତା ପାଢ଼ୀ ଓ ପ୍ରିୟଙ୍କା ଚକ୍ରବର୍ତ୍ତୀ ଏବଂ କୋଷାଧ୍ୟକ୍ଷ ଭାବେ ପରେଶ କୁମାର ଲେଙ୍କା ନିର୍ବାଚିତ ହୋଇଛନ୍ତି।

ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ପ୍ରାୟ ଦୁଇଶହରୁ ଅଧିକ ଅଧ୍ୟାପକ/ଅଧ୍ୟାପିକା ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ସହ ଉଚ୍ଚଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହାସହ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧିତ ଅଧିନିୟମ-୨୦୨୪ କାର୍ଯ୍ୟକାରୀ କରିବା, ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱାୟତ୍ତତା ଉପରେ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟରେ ଆରମ୍ଭ କରାଯାଇଥିବା ଶିକ୍ଷକ ପଦ ସଂଗଠୀକରଣ (ସ୍କୁଲ୍ ଗଠନ)କୁ ବିରୋଧ କରିବା ସହ ତୁରନ୍ତ ବନ୍ଦ କରିବାକୁ ସଦସ୍ୟମାନେ ଦାବି କରିଛନ୍ତି।

## ଜୁଲାଇ ୧୫ ଭିତରେ ମିଳିବ ପୋଷାକ

**ଭୁବନେଶ୍ୱର, ୨୨।୬(ସମିସ):** ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ ପାଇଁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୋଷାକ ପ୍ରଦାନ କରାଯିବ। ଜଣଙ୍କୁ ୨ହଳ ପୋଷାକ ପାଇଁ ୫ଶହ ଟଙ୍କା ଲେଖାଏଁ ଖର୍ଚ୍ଚ ହେବ। ପୂର୍ବବର୍ଷ ପରି ସମାନ ରଙ୍ଗର ପୋଷାକ ମିଳିବ। ଛାତ୍ରମାନଙ୍କୁ ଦୁଇହଳ ପ୍ୟାଣ୍ଟ ସହିତ ଧଳା ସାର୍ଟ, ପ୍ରଥମରୁ ପଞ୍ଚମ ଛାତ୍ରୀଙ୍କୁ ଝାଲେରୀ ସହିତ ଦୁଇହଳ ଫ୍ରକ୍ ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଦୁଇହଳ ସାଲୱାର କମିଜ ଓ ଓଢ଼ଣୀ ଦିଆଯିବ। ଜୁଲାଇ ୧୫ ତାରିଖ ସୁଦ୍ଧା ପୋଷାକ ବଣ୍ଟନ ପ୍ରକ୍ରିୟା ସୁନିଶ୍ଚିତ କରାଯିବ। ସିଲେଇ ୟୁନିଟ୍ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏବଂ ଗାରମେଣ୍ଟ ମ୍ୟାନେଜମେଣ୍ଟ ୟୁନିଟ୍ ଥିବା ଏମ୍‌ଏସ୍‌ଇମାନେ ବିଦ୍ୟାଳୟକୁ ପୋଷାକ ଯୋଗାଇବେ। ପୋଷାକ ବିତରଣ ପାଇଁ ଚୟନ ହେଉଥିବା ଏସ୍‌ଏଚ୍‌ଜି ବା ଏମ୍‌ଏସ୍‌ଇଗୁଡ଼ିକ ଚଳିତ ଶିକ୍ଷାବର୍ଷ ସହ ଆସନ୍ତା ଶିକ୍ଷାବର୍ଷରେ ମଧ୍ୟ ପୋଷାକ ଯୋଗାଇବେ। ପୋଷାକ ବାବଦ ଅର୍ଥ ବିଦ୍ୟାଳୟକୁ ପ୍ରଦାନ କରାଯିବ। ସେମାନେ ପୋଷାକ ଯୋଗାଉଥିବା ସଂସ୍ଥାକୁ ତାହା ପ୍ରଦାନ କରିବେ। କ୍ୟାସ୍ କାରବାର ନ କରି ଆକାଉଣ୍ଟ ଟ୍ରାନ୍ସଫର୍ କରିବାକୁ ବିଦ୍ୟାଳୟଗୁଡ଼ିକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ପୋଷାକ ମାନ ଓ ରଙ୍ଗ ଉପରେ ଗୁରୁତ୍ୱ ଦେବା ସହ ଯାଞ୍ଚ କରିବାକୁ ଅଧିକାରୀମାନଙ୍କୁ କୁହାଯାଇଛି।


**AFFIDAVIT**

By virtue of an Affidavit No. 596 Dt: 12.06.2025 sworn before the Executive Magistrate, Lephripara, I Manash Ranjan Sahoo, S/o- Nityananda Sahoo R/o At/P.O./P.S.- Lephripara, Dist-Sundargarh - 770012 declare that my minor daughter SRUSTI KUMARI SAHOO changed her name to SONAKSHI SAHOO. Henceforth, she will be known as SONAKSHI SAHOO for all purposes.


## ପିକ୍‌ଅପ୍‌କୁ ଧକ୍କା ଦେଇ ଜଳିଗଲା ଟିପ୍ପର



**ରାୟଗଡ଼ା,୨୨।୬(ସମିସ):** ରବିବାର ଅପରାହ୍ଣରେ ରାୟଗଡ଼ା -କେରଡା ମୁଖ୍ୟ ରାସ୍ତାର ମା' ମଝିଘରିଆଣୀ ମନ୍ଦିର ନିକଟ ରେଳବାଇ ବ୍ରିଜର ବୁଲାଣୀ ରାସ୍ତାଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ପିକ୍‌ଅପ୍‌କୁ ପଛରୁ ଧକ୍କା ଦେଇ ଲୁହାପଥର ବୋଝେଇ ଏକ ଟିପ୍ପର୍ ଜଳିଯାଇଛି। ତେବେ ଉଭୟ ଗାଡ଼ିର ଚାଳକ ଅଳ୍ପକେ ବର୍ତିଯାଇଛନ୍ତି। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସ୍ଥାନୀୟ ପୁଲିସ ପହଞ୍ଚି ଟ୍ରାଫିକ୍ ନିୟନ୍ତ୍ରଣ କରିଥିଲେ। ଦୀର୍ଘ ଘଣ୍ଟାଏ ପରେ ନିଆଁଟି ଆୟତ୍ତ ହୋଇଥିବା ଅଗ୍ନିକ କର୍ମଚାରୀ ପ୍ରକାଶ କରିଛନ୍ତି। ଅପରପକ୍ଷେ, ଏହି ଦୁର୍ଘଟଣା ଯୋଗୁଁ ରାୟଗଡ଼ା-କେରଡ଼ା ରାସ୍ତାରେ ଯାତାୟାତ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା।

## ଲାଠିକଟା ଏସ୍‌ବିଆଇରେ ଭୟାବହ ଅଗ୍ନିକାଣ୍ଡ

**ରାଉରକେଲା,୨୨।୬(ସମିସ):** ସ୍ଥାନୀୟ ଲାଠିକଟାସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଶାଖା କାର୍ଯ୍ୟାଳୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ବ୍ୟାଙ୍କର କ୍ୟାସ୍ କାଉଣ୍ଟର୍, କମ୍ପ୍ୟୁଟର୍, ଆସବାବପତ୍ର ଆଦି ଜଳି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିବା ବେଳେ ସର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଖବର ପାଇ ଲାଠିକଟା ଥାନା ପୁଲିସ, ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ସୂଚନା ମିଳିଛି।


**NOTICE**
**(above 18 years of age)**

By virtue of an affidavit sworn before Notary Public, Udala, Mayurbhanj, dated 21st June, 2025 I, Narayan Tudu, Address At- Badaolia, PO- Bholagadia, PS- Khunta, Dist- Mayurbhanj, PIN- 757104 declare that I have changed my name from Narayan Majhi to Narayan Tudu. Henceforth, I shall be known as Narayan Tudu for all purposes.

Narayan Tudu


### ରଥଯାତ୍ରା ପ୍ରସ୍ତୁତିର ସ୍ୱତନ୍ତ୍ର ସମୀକ୍ଷା

## ଅଘଟଣଶୂନ୍ୟ ରଥଯାତ୍ରା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

**ପୁରୀ,୨୨।୬(ସମିସ):** ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆମ ସଂସ୍କୃତିର ସବୁଠାରୁ ଗୌରବମୟ ପରିଚୟ। କୋଟି କୋଟି ଲୋକଙ୍କ ଭାବାବେଗ ଏଥିରେ ଜଡ଼ିତ ଅଛି। ତେଣୁ ଏହାର ସୁପରିଚାଳନା କେବଳ ଏକ ସରକାରୀ ଦାୟିତ୍ୱ ନୁହେଁ ବରଂ ଏକ ପବିତ୍ର କର୍ତ୍ତବ୍ୟ। ତେଣୁ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ବେସରକାରୀ ସଂସ୍ଥା ସମସ୍ତେ ସମନ୍ୱୟ ରଖି ଏହାର ସଫଳ ପରିଚାଳନା ପାଇଁ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ରବିବାର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଥିଲା ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ। ଏଥିରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ସମସ୍ତଙ୍କ ସହଯୋଗ ଓ ସକ୍ରିୟ ସମ୍ପୃକ୍ତି ହିଁ ଏହି ମହାନ ସାଂସ୍କୃତିକ ଉତ୍ସବକୁ ସଫଳ କରିବ। ରଥଯାତ୍ରାର ସୁପରିଚାଳନା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି। ତେବେ ରଥଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ଅଘଟଣମୁକ୍ତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ପୁଲିସ ନିୟୋଜନ, ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା, ଅଗ୍ନିଶମ ସୁରକ୍ଷା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟଗୁଡ଼ିକୁ ସଠିକ୍ ଭାବେ ପରିଚାଳନା କରି ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ରଥଯାତ୍ରାରେ ଭାଗନେଇ ପାରିବେ ସେଥିପ୍ରତି ଧ୍ୟାନଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ବିଭିନ୍ନ ଜିଲ୍ଲାରେ ଡାଇରିଆ ପରିସ୍ଥିତି ଥିବା ଯୋଗୁଁ ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟ ସମସ୍ତ ସମ୍ପୃକ୍ତ ବିଭାଗ ରଥଯାତ୍ରା ପୂର୍ବରୁ ସୁନାବେଶ ପର୍ଯ୍ୟନ୍ତ ଏହା ଉପରେ ସମ୍ପୂର୍ଣ୍ଣ ନଜର ରଖିବା ଆବଶ୍ୟକ। କୌଣସି ସ୍ଥାନରେ ଯେପରି ଅସ୍ୱାସ୍ଥ୍ୟକର ଖାଦ୍ୟ କିମ୍ବା ପାଣି ବିକ୍ରି ନ ହୁଏ ତାହା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ।

### ସୁପରିଚାଳନା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ

ଏଥିସହିତ ସବୁ ସ୍ଥାନରେ ବିଶୁଦ୍ଧ ପାନୀୟଜଳ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଉପଲବ୍ଧ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ସାଂସଦ ସମ୍ବିତ୍ ପାତ୍ର, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ବିଧାୟକଗଣ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଗଣ, ଜିଲ୍ଲା ପ୍ରଶାସନର ଅଧିକାରୀଗଣ, ସେବାୟତ ଓ ମଠାଧୀଶଗଣ ଯୋଗଦେଇଥିଲେ।

## ଜଳିଗଲା ତେଲ ଟ୍ୟାଙ୍କର୍

**ସୁନ୍ଦରଗଡ଼, ୨୨।୬(ସମିସ):** କରମଡିହି-ସବଡେଗା ରାସ୍ତାର ବଡ଼ମାଳ ନିକଟରେ ରବିବାର ସନ୍ଧ୍ୟାରେ ଏକ ତେଲ ଟ୍ୟାଙ୍କର ରାସ୍ତା ଉପରେ ଜଳିଯାଇଛି। ପେଟ୍ରୋଲ ଭର୍ତ୍ତି ଟ୍ୟାଙ୍କର୍‌ଟି ଯାଉଥିବା ବେଳେ କୌଣସି କାରଣରୁ ସେଥିରେ ନିଆଁ ଲାଗି ଯାଇଥିଲା। ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅନ୍ୟପକ୍ଷରେ ଅଗ୍ନିକାଣ୍ଡ ପାଇଁ ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିବା ଦେଖିବାକୁ ମିଳିଛି। ଏଥିରେ କେହି ମୃତାହତ ହୋଇନାହାନ୍ତି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**କଣିହାଁ, ୨୨।୬(ସମିସ):** ରବିବାର ଅପରାହ୍ନରେ ବିଦ୍ୟୁତ ଆଘାତରେ ଅନୁଗୋଳ ଜିଲ୍ଲା କଣିହାଁ ଥାନା ଡେରଙ୍ଗ ପଞ୍ଚାୟତ ମହନିପାଳ ଗାଁର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲମ୍ବୋଦର ପ୍ରଧାନ (୩୮)। ଏ ନେଇ ଲମ୍ବୋଦରଙ୍କ ସ୍ତ୍ରୀ ଲିପି ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ।


**NOTICE**

ମୁଁ ଶ୍ରୀ ଢକତା ଟୁଡୁ ବୟସ ବ୪୮ ବର୍ଷ, ପିତା- ସ୍ୱର୍ଗତ ସବନ ଟୁଡୁ, ସା- ଉଦଳା ୱାର୍ଡ ନଂ.-୧୨, ଜ୍ୟୋତି ନଗର, ପୋ.ଅ./ଥା- ଉଦଳା, ଜି- ମୟୂରଭଞ୍ଜ। ଏତଦ୍ୱାରା ଘୋଷଣା କରୁଅଛୁ କି, ମୋର ଝିଅ କୁମାରୀ ଟି. କୌଶଲ୍ୟା କୁମାରୀଙ୍କ ପ୍ରକୃତ ଜନ୍ମ ତାରିଖ ୦୨.୦୮.୨୦୦୮ ଅଟେ। ଯାହାକି ତା'ର ବୋର୍ଡ ସାର୍ଟିଫିକେଟ୍ (BSE) ରେଜିଷ୍ଟ୍ରେସନ ନଂ. B123/17249/ 0031 ଲେଖାଅଛି। ମାତ୍ର ତା'ର ଆଧାର ନ.- 680347351865 ରେ ଭୁଲ କ୍ରମେ ତା. ୦୮.୦୨.୨୦୦୮ ଲେଖା ଅଛି। ଏଥିପାଇଁ ଆମେ ଶ୍ରୀଯୁକ୍ତ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ କପ୍ତିପଦା, ଉଦଳାଙ୍କ ଠାରେ ନଂ. 3833/ 21.6.25ମ୍ବର ମୂଳେ ସତ୍ୟପାଠ କରିଅଛୁ।

ଢକତା ଟୁଡୁ

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant andother purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

# ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ


ଟାଙ୍ଗୀ


ଫୁଲନଖରା


ମାହାଙ୍ଗା

**ଟାଙ୍ଗୀ,୨୨।୬(ସମିସ):** ଓଡ଼ିଶାବାସୀଙ୍କ ପ୍ରିୟ ନେତା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଟାଙ୍ଗୀ-ଚୌଦ୍ୱାର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ସାମୂହିକ ଦୀପଦାନ କାର୍ଯ୍ୟକ୍ରମ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। କୋଟସାହି ପଞ୍ଚାୟତ ଟାଙ୍ଗୀସ୍ଥିତ ଶ୍ରୀ ଶ୍ରୀ କୋଟେଶ୍ୱରଙ୍କ ପ୍ରାଙ୍ଗଣରେ ତଥା ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ଆଗଧାଡ଼ିର କର୍ମୀ, ସମର୍ଥକ ଓ ପଞ୍ଚାୟତ ପ୍ରତିନିଧି ଯୋଗଦେଇଥିଲେ। ପଞ୍ଚାୟତସମିତି ଅଧ୍ୟକ୍ଷା ନିନାକ୍ଷୀ ଦାସ, ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ, ଅନୁରାଧା ନାୟକ, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ସଫା ସରପଞ୍ଚ ନିବାସ ଚନ୍ଦ୍ର ପ୍ରଧାନ, କଇଞ୍ଚ ସରପଞ୍ଚ ମହେଶ୍ୱର ମହାନ୍ତ, ଜଳେଜ୍ୟ ଖୁଲାର, ହରିଅନ୍ତା ଭାରପ୍ରାପ୍ତ ସରପଞ୍ଚ ସୋଫିଆ ବିବି, ଭଜିମୁଣ୍ଡା ସରପଞ୍ଚ ତାପସ ସାହୁ ଓ ନାରାନେତ୍ରୀ ଦେବକାନାଥ ପ୍ରମୁଖ ଶତାଧିକ ଶୁଭାକାଂକ୍ଷୀ ଦୀପଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବରିଷ୍ଠ ନାଗରିକ ଲକ୍ଷ୍ମୀନାରାୟଣ ଦାଶ, ଶ୍ରୀକାନ୍ତ ସାହୁ, ଆଶିଷ ରଞ୍ଜନ ଷଡ଼ଙ୍ଗୀ, ଧ୍ରୁବଚରଣ ସାହୁ ଓ ଉମେଶ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

**ଫୁଲନଖରା:** କଟକ ମହାନଗର ନିଗମର ୫୬, ୫୭, ୫୮ ଓ ୫୯ ୱାର୍ଡ ପକ୍ଷରୁ ପ୍ରତାପନଗରୀସ୍ଥିତ ମା' ଧାକୁଲେଇଙ୍କ ପୀଠରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶରୀରର ଆଶୁ ଆରୋଗ୍ୟ କାମନା କରି ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡି କର୍ମୀ ଓ ବିଜୁପ୍ରେମୀ ଆରାଧ୍ୟା ଦେବୀ ମା' ପୀଠରେ ଦୀପଦାନ କରିବା ସହିତ ଶୀଘ୍ର ଆରୋଗ୍ୟ କାମନା କରିଥିଲେ। କଟକ ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡର ଆଗଧାଡ଼ିର ବିଜେଡି କର୍ମୀ ନଗର ବିଜେଡି ସଂପାଦକ ସୁଶାନ୍ତ ମହାନ୍ତି, ପୂର୍ବତନ କର୍ପୋରେଟର ରାଜକୁମାରୀ ସ୍ୱାଇଁ, ୫୭ନଂ ୱାର୍ଡ କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ପୂର୍ବତନ କର୍ପୋରେଟର କୌଶିକ ଜେନା, ସଂଜୟ ବରାଳ, ୫୮ନଂ ୱାର୍ଡ ବିଜେଡି ସଭାପତି ବିକ୍ରମ ଶତପଥୀ, ପ୍ରହଲ୍ଲାଦ କର, ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦ କୁମାର ସ୍ୱାଇଁ, ରଘୁପ୍ରସାଦ ଶତପଥୀ, ଅଜିତ ରାଉତ, ରଞ୍ଜନ ପାଳ, ପ୍ରଭାତ ସ୍ୱାଇଁ, ପ୍ରହଲ୍ଲାଦ ପଣ୍ଡା, ପ୍ରଦ୍ୟୁମ୍ନ ମିଶ୍ର, ଶିବପ୍ରସାଦ ପଟ୍ଟନାୟକ, ରାକେଶ ଜେନା, ତୋଫାନ ସ୍ୱାଇଁ, ଜଗନ୍ନାଥ ବେହେରା, ତ୍ରୈଲୋକ୍ୟ ପ୍ରଧାନ, ରିତୁ ବେହେରା, ସ୍ମିତାରାଣୀ ନାୟକ ଓ ଲକ୍ଷ୍ମୀପ୍ରିୟା ପରିଡ଼ା ପ୍ରମୁଖ ମା'ଙ୍କୁ ଦୀପଦାନ ପୂର୍ବକ ଜନପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

**ମାହାଙ୍ଗା:** ଓଡ଼ିଶାର ପ୍ରାକ୍ତନ ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଆଜି ମାହାଙ୍ଗା ବ୍ଲକ ଅଞ୍ଚଳର ବହୁ ଦେବାଦେବୀ ମନ୍ଦିରରେ ସମୂହ ଦୀପଦାନ କରାଯାଇଛି। କୁଆଁପାଳସ୍ଥିତ ବଣ୍ଡଆ ମହାପୁରୁଷଙ୍କ ପୀଠରେ ମାହାଙ୍ଗା ବିଜୁ ଜନତା ଦଳ ପକ୍ଷରୁ ସମୂହ ଦୀପଦାନ କରାଯାଇଛି। ଏହି କାର୍ଯ୍ୟକ୍ରମର ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଦୀପା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ହୃଷୀକେଶ ସ୍ୱାଇଁ, ସରପଞ୍ଚ ରାଜକିଶୋର ବଳ, ସୁବାଷ ଜେନା, ପ୍ରଶାନ୍ତ କର, ତ୍ରିନାଥ ଜେନା, ହିତେଶ ରାଉତ, ଅମ୍ବିକା ପରିଡ଼ା, ସସ୍ମିତା ନାୟକ, ଇତିଶ୍ରୀ ମହାନ୍ତି, ଚିନ୍ମୟୀ ସିଂ, ବନିତା ପଣ୍ଡା, ସୌଦାମିନୀ ସାମଲ, ଚିନ୍ମୟୀ ବରାଳ, ସୁଚିତ୍ରା ରାଉତ, ଅନିତା ନାୟକ, ଲିପିକା ନାୟକ, ସୁକାନ୍ତୀ ରାଉତ, କବିତା ବରାଳଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ଶ୍ରୀ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ ଓ ପୂଜାର୍ଚ୍ଚନା କରିଥିଲେ। ସେହିପରି ଭାବେ ତ୍ରିବେଣୀଶ୍ୱର, ଭେଡା, ନୌପୋ, ଆନନ୍ଦପୁର, ଭଦ୍ରେଶ୍ୱର ପ୍ରଭୃତି ସ୍ଥାନରେ ଶହ ଶହ ସଂଖ୍ୟାରେ ନବୀନପ୍ରେମୀ ଓ ମହିଳା ଦୀପଦାନ କରିଥିଲେ।

**ନିଶ୍ଚିନ୍ତକୋଇଲି:** ଓଡିଶାର ୪ କୋଟି ଲୋକଙ୍କ ଜନମାନସର ନେତା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ ପାଇଁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପରାମର୍ଶରେ ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଅସୁରେଶ୍ୱର କେଞ୍ଚାଳ ସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହ ମନ୍ଦିର ପରିସରରେ ସମୂହ ଦୀପଦାନ କରାଯାଇଛି। ବିଜେଡି ନେତା ଜ୍ୟୋତି ପ୍ରକାଶ ସ୍ୱାଇଁ ଓ ବ୍ଲକ ବିଜୁ ଜନତା ଦଳ ସଭାପତି ରମାକାନ୍ତ ମହାନ୍ତିଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ମନୋଜ ସେଠୀ, ଅନୀଲ ଭୂୟାଁ, ପ୍ରମୋଦ ସ୍ୱାଇଁ, ବିନୋଦ ସାମଲ, ଜିଲ୍ଲା ପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ, ସଭ୍ୟା ଜସ୍ମିତା ସେଠୀ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ଜୟଦେବ ରାଉତ, ରାକେଶ ସାମଲ, ରାଜୀବଲୋଚନ ବେହେରା, ଅଲେଖ ସାମଲ, ଶାରଦା ପ୍ରସାଦ ମହାନ୍ତି, ପ୍ରଦୋଷ ସାହୁଙ୍କ ସମେତ ବହୁ ବିଜେଡି ନେତୃବୃନ୍ଦ, ଶତାଧିକ ମହିଳା ଓ ନବୀନପ୍ରେମୀ ଉପସ୍ଥିତ ରହି ରଘୁନାଥଜୀଉଙ୍କୁ ପ୍ରାର୍ଥନା କରିବା ସହ ନବୀନ ବାବୁଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

**ସାଲେପୁର:** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଆଜି ସାଲେପୁର ଅଞ୍ଚଳର ବିଭିନ୍ନ ମନ୍ଦିର ପରିସରରେ ସାମୂହିକ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ପୁରୁଷ ଓ ମହିଳା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ମା'ସାମନ୍ତେଶ୍ୱରୀ ଓ ବାବା ଚାଟେଶ୍ୱର ମହାଦେବଙ୍କ ନିକଟରେ ସାମୂହିକ ଦୀପଦାନ କରିଥିଲେ। ସାଲେପୁର ବ୍ଲକ୍ ୪ନଂ ଜୋନ୍ ବିଜୁ ଜନତା ଦଳ ପକ୍ଷରୁ କିଶିନାପୁରସ୍ଥିତ ଚାଟେଶ୍ୱର ମହାଦେବଙ୍କ ମନ୍ଦିରରେ ୧୦୮ ଦୀପ ପ୍ରଜ୍ୱଳନ କରାଯିବା ସହିତ ପୂଜାର୍ଚ୍ଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଦିଲ୍ଲୀପ ଦାଶ, ଗୋପିନାଥପୁର ସରପଞ୍ଚ ଦମୟନ୍ତୀ ମହାନ୍ତି, ସତ୍ୟଭାମାପୁର ସରପଞ୍ଚ ସୁଧାଂଶୁବାଳା ଜେନା, ଶିଶୁଆ ସରପଞ୍ଚ ପ୍ରତିନିଧି ସଂଜିବ ସାହୁ, ପ୍ରଶାନ୍ତ ମିଶ୍ର, ସମିତିସଭ୍ୟ ମାନସ ଦାଶ, ସରୋଜ ମହାନ୍ତି, ବିକ୍ରମ ସାମଲ, ଚିତ୍ତରଞ୍ଜନ ସାହୁ, ଲକ୍ଷ୍ମୀଧର ପରିଡ଼ା, ପ୍ରଦୀପ ସାମଲଙ୍କ ସମେତ ବହୁ ଶୁଭେଚ୍ଛୁ ଓ ଦଳୀୟ ସମର୍ଥକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ସୁସ୍ଥ ଜୀବନ ପାଇଁ ପ୍ରାର୍ଥନା କରିଥିଲେ। ସେହିପରି ସାଲେପୁର ୪୦ନଂ ଜୋନ୍ ବିଜୁ ଜନତା ଦଳ ପକ୍ଷରୁ ସାଲେପୁର ସାହେଶ୍ୱରୀ ମନ୍ଦିର ପରିସରରେ ଥିବା ଚନ୍ଦ୍ରଶେଖରଙ୍କ ମନ୍ଦିରରେ ସାମୂହିକ ଦୀପଦାନ କରାଯାଇଥିଲା। ଏଥିରେ ବାଲିସାହି ସରପଞ୍ଚ ପବିତ୍ର ସାମଲ, ଗୁଲରେଇ ଅଲା, ପୂର୍ବତନ ସରପଞ୍ଚ ସରସ୍ୱତୀ ବେହେରା, ଅଶ୍ୱିନୀ କୁମାର ଦାସ, ଡମ୍ବୁରୁଧର ମଲ୍ଲିକ, ମିହିର ଜେନା, ଜୟରାମ ବେହେରା, ରାଜେଶ ମହାନ୍ତି, ଗୁଲା ପାତ୍ରଙ୍କ ସମେତ ବହୁ ବିଜେଡି କର୍ମୀମାନେ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁଆରୋଗ୍ୟ କାମନା କରି ଦୀପଦାନ କରିଥିଲେ।


ଆଠଗଡ଼/ତିଗିରିଆ


ନରସିଂହପୁର

**ଆଠଗଡ଼/ତିଗିରିଆ :** ବିଜେଡି ସୁପ୍ରିମୋ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡିଶା ବିଧାନସଭାର ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ସୁସ୍ଥ ଓ ଆରୋଗ୍ୟ କାମନା କରି ଆଠଗଡ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ବ୍ଲକ ଓ ଏନ୍‌ଏସିର ବିଭିନ୍ନ ମନ୍ଦିରରେ ସାମୁହିକ ଦୀପଦାନ ପ୍ରଦାନ କରାଯାଇଛି। ଏହି ଅବସରରେ ଆଠଗଡ ଏନ୍‌ଏସି ଛାତ୍ର ବିଜେଡି ସଭାପତି ଖଲ୍ଲିଦ ମହମ୍ମଦଙ୍କ ସଂଯୋଜନାରେ ଆଠଗଡ ସହର ଅଧିଷ୍ଠାତ୍ରୀ ଦେବୀ ବାଉତୀ ମନ୍ଦିର, ଅଟ୍ଟାଳୀ ଜଗନ୍ନାଥ ମନ୍ଦିର, ଦକ୍ଷିଣ ଚଣ୍ଡୀ ମନ୍ଦିର ଓ ସେହିପରି ଆଠଗଡ ବ୍ଲକ ୧ନଂ ଜିଲ୍ଲା ପରିଷଦ ଜୋନ ଓ ୩ନଂ ଜୋନରେ ବାବା ଉତ୍ତରେଶ୍ୱର, ସର୍ପେଶ୍ୱର ଓ ଧବଳେଶ୍ୱର ମନ୍ଦିରରେ ସାମୂହିକ ଦୀପଦାନ କରାଯାଇଥିଲା। ଆଠଗଡ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି.ଶୁଭ୍ର ଶଙ୍କର ଜ୍ୟୋତି, ଜିଲ୍ଲାପରିଷଦ ସଭ୍ୟ ବଳଭଦ୍ର ବାଘ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ଲଳିତେନ୍ଦୁ ସେନାପତି, ଏନ୍‌ଏସି ସଭାପତି ଶିଶିର ପ୍ରସାଦ ମାନସିଂହ, ପ୍ରକାଶ ରାଉତ, କାଉନସିଲର ମମତା ଦାସ, ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ତିଗିରିଆ ବ୍ଲକ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ରବିବାର ତିଗିରିଆ ବ୍ଲକର ଆରାଧ୍ୟ ପ୍ରଭୁ ଶ୍ରୀ ପ୍ରସନ୍ନମଣୀ ଓ ଗୋହିରିମୁଣ୍ଡା ଛକସ୍ଥିତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି। ବ୍ଲକ ଅଧ୍ୟକ୍ଷା ସତ୍ୟଭାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ସସ୍ମିତା ରାଉତଙ୍କ ସମେତ ସମସ୍ତ ବ୍ଲକ ବିଜୁ ଯୁବ-ଛାତ୍ର ଜନତା ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**ବଡ଼ମ୍ବା:** ବଡ଼ମ୍ବା ବିଜେଡି ଦଳର ଆଗଧାଡ଼ିର ନେତା ଓ କର୍ମୀମାନଙ୍କୁ ନେଇ ବାବା ସିଂହନାଥ ପୀଠରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ ନିମନ୍ତେ ଶୈବପୀଠରେ ମନ୍ଦିର ସେବାୟତଙ୍କ ଦ୍ୱାରା ବାବାଙ୍କ ଉପରେ ସୁବାସିତ ପୁଷ୍ପ, ବେଲ ପତ୍ର ଦେଇ ପୂଜାର୍ଚ୍ଚନା କରାଯାଇ ପ୍ରଭୁଙ୍କ ପାଖରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ କର୍ମୀଙ୍କ ଦ୍ୱାରା ୧୦୮ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଆଶୁ ଆରୋଗ୍ୟ କାର୍ଯ୍ୟକ୍ରମରେ ବିଜେଡି ଦଳର ଆଗଧାଡ଼ିର ନେତା ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ସ୍ୱର୍ଣ୍ଣଲତା ବେହେରା, ସାନବାବସିଂହ ସରପଞ୍ଚ ସଦାନନ୍ଦ ସ୍ୱାଇଁ, ବୁଢ଼ା ସ୍ୱାଇଁ, ବାପୁ ପୁହାଣ, ଗୋପୀନାଥପୁର ସରପଞ୍ଚ ଯଯାତି କେଶରୀ ନାୟକ, ଦିବ୍ୟଲୋଚନ ସ୍ୱାଇଁ, ଗୋବିନ୍ଦ ସାହୁ, ସନ୍ତୋଷ ମହାନ୍ତି ପ୍ରମୁଖ ବ୍ୟକ୍ତି ଯୋଗଦାନ କରିଥିଲେ।

**ନରସିଂହପୁର:** ନରସିଂହପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ମନ୍ଦିର ପରିସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପ ପ୍ରଜ୍ୱଳନ କରାଯାଇଛି। ଏହି ଅବସରରେ ଜିଲ୍ଲା ପରିଷଦ ସଭାପତି କିଶୋରଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ପାଇକପଡ଼ାପଟଣାସ୍ଥିତ ରଘୁନାଥଜୀଉଙ୍କ ପୀଠରେ ସମୂହ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ଗୟାଧର ସାହୁ, ପ୍ରଫୁଲ୍ଲ ସାହୁ, ମେଘନାଦ ପାତ୍ର, ସରୋଜ ସାହୁ, କୃଷ୍ଣଚନ୍ଦ୍ର ବେହେରା, ସିନି ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ ମାରାୟନା ନାୟକ, ଶୁଭ୍ରାଂଶୁ ଭୂଷଣ ମହାପାତ୍ର, ସରୋଜ ବେହେରା, ଅନୀଲ ସାହୁ, ରମେଶ ବେହେରା, ବୀଣାପାଣି ବେହେରା, ଅରୁଣ କୁମାର ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଓ ସାଧାରଣ ଲୋକ ପୂଜାର୍ଚ୍ଚନା କରିଥିଲେ।


ସାଲେପୁର


ବଡମ୍ବା


ନିଶ୍ଚିନ୍ତକୋଇଲି

## ଟାଙ୍ଗୀରେ ଗୃହରକ୍ଷୀ ନିଯୁକ୍ତି ପରୀକ୍ଷା

### ୨୧୨ ପଦ ନିମନ୍ତେ ୪ହଜାର ପରୀକ୍ଷାର୍ଥୀ

**ଟାଙ୍ଗୀ,୨୨।୬(ସମିସ):** ଗୃହରକ୍ଷୀ ନିଯୁକ୍ତି ନିମନ୍ତେ କଟକ ଜିଲ୍ଲା ଗ୍ରାମାଞ୍ଚଳ ପୁଲିସ ପକ୍ଷରୁ ଲିଖିତ ପରୀକ୍ଷା ରବିବାର ଟାଙ୍ଗୀଠାରେ ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସରରେ ୧୭ ଶହ ଓ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ପରିସରରେ ୨୩ ଶହ ମିଶାଇ ମୋଟ ୪ ହଜାର ପରୀକ୍ଷାର୍ଥୀ ସାମିଲ ହୋଇଥିବାବେଳେ ପଦ ସଂଖ୍ୟା ୨୧୨ ବୋଲି ଜାଣିବାକୁ ମିଳିଛି। ତେବେ ଉକ୍ତ ପରୀକ୍ଷା ପରିଚାଳନା ନିମନ୍ତେ ୬ ସେକ୍ସନ ଫୋର୍ସ ଓ ୩୦ ଅଧିକାରୀ ନିଯୁକ୍ତ ଥିବାବେଳେ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ଉପସ୍ଥିତ ରହି ଶୃଙ୍ଖଳିତ ପରୀକ୍ଷା ପରିଚାଳନା କରିଥିବା ସୂଚନା ମିଳିଛି।

## ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ ହେଲା ଦୀକ୍ଷିତପଡ଼ା

**ନିଶ୍ଚିନ୍ତକୋଇଲି,୨୨।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଅସୁରେଶ୍ୱର ପଞ୍ଚାୟତର ଦୀକ୍ଷିତପଡା ଗ୍ରାମକୁ ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଶୁକ୍ରବାର ଭୁବନେଶ୍ୱରରେ ବିଜେପି ସରକାର ଦ୍ୱାରା ଆୟୋଜିତ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷର ସୁଶାସନ ପୂର୍ତ୍ତି ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ ଏହି ଯୋଜନାକୁ ଘୋଷଣା କରିଛନ୍ତି। ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିôବା ସହିତ ସ୍ୱାଧୀନତା ସଂଗ୍ରାମରେ ପ୍ରଥମ ସମ୍ବାଦପତ୍ର 'ଉତ୍କଳ ଦୀପିକା'ର ପ୍ରତିଷ୍ଠାତା ସଂପାଦକ କର୍ମବୀର ଗୌରୀଶଙ୍କର ରାୟଙ୍କ ଜନ୍ମସ୍ଥାନ ଦୀକ୍ଷିତପଡା ଗ୍ରାମ ହୋଇଥିବାରୁ ତାଙ୍କୁ ସମ୍ମାନ ଜଣାଇବା ପାଇଁ ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟ ପରିସରରେ ମୋଦୀଙ୍କର ଉକ୍ତ ଯୋଜନା ଘୋଷଣା ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସିଧାସଳଖ ଭାବେ ଆଭାସୀ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ପଣ୍ଡାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶିବଚରଣ ଟପୋ, ଦିବ୍ୟଲୋଚନ ମହନ୍ତ, ବିଡିଓ ଦ୍ୱିବେନ୍ଦୁ କୁମାର ଦାସ, ତହସିଲଦାର ଅନୀତା ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ସହକାରୀ ଯନ୍ତ୍ରୀ ପ୍ରଦୀପ ସେନାପତି, ସରପଞ୍ଚଙ୍କ ପ୍ରତିନିଧି ଅନନ୍ତ ଚରଣ ଦାସ ଏଥିରେ ଯୋଗଦେଇଥିଲେ। ଏହି ଆଭାସୀ କାର୍ଯ୍ୟକ୍ରମକୁ ଅସୁରେଶ୍ୱର ପଞ୍ଚାୟତର ଜନସାଧାରଣ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, କଲେଜର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପଭୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଅହମ୍ମଦିଆ ମୁସଲିମ୍ ମହିଳା ବାର୍ଷିକ୍ ଇଜ୍‌ତେମା ଉଦ୍‌ଯାପିତ

**ସାଲେପୁର,୨୨।୬(ସମିସ):** ସାଲେପୁର ବ୍ଲକ୍ ଅନ୍ତର୍ଗତ କୁସମ୍ବୀ ଗ୍ରାମରେ ୨ଦିନ ଧରି ଚାଲୁରହିଥିବା କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ପଞ୍ଚମ ଜିଲ୍ଲାସ୍ତରୀୟ ଅହମ୍ମଦିଆ ମୁସ୍‌ଲିମ୍ ମହିଳା ସଂଗଠନ ଲଜନା ଇମାଉଲ୍ଲାଃ ଓ ନାସିରାତୁଲ ଅହମ୍ମଦିଆର ବାର୍ଷିକ ଇଜ୍‌ତେମା ଅନୁଷ୍ଠିତ ହୋଇଯାଇଛି। ଏହି ଇଜ୍‌ତେମାର ଉଦ୍‌ଘାଟନୀ ଉତ୍ସବରେ କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲା ସଭାନେତ୍ରୀ ବୁସ୍‌ରା ନୁସରତ୍ ପୌରହିତ୍ୟ କରିଥିଲେ। ପବିତ୍ର କୋରାନ୍ ପାଠ, ସୁମ୍ବଲ ଅଜିଜ୍ କରିଥିଲେ। ସଂଗଠନର ସଂକଳ୍ପ ପାଠ ସଭାନେତ୍ରୀ କରାଇଥିବାବେଳେ ନାସିରାତୁଲ୍ ଅହମ୍ମଦିଆ ତରଫରୁ ସାମୁହିକ ଭାବେ ତରାନା ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥିଭାବେ ପୂର୍ବତନ ଜିଲ୍ଲା ସଭାନେତ୍ରୀ ନଇମା ବେଗମ୍, ଲଜ୍‌ନା ଇମାଉଲ୍ଲା ଓ ନାସିରାତୁଲ ଅହମ୍ମଦିଆ ମହିଳାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ମତାମତ ରଖିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ଧାର୍ମିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଇଜ୍‌ତେମାରେ ପବିତ୍ର କୋରାନ୍ ପାଠ, ଉର୍ଦ୍ଦୁ ନଜମ୍, ବକ୍ତୃତା, କୁଇଜ୍, କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ସଭାନେତ୍ରୀ ବୁସ୍‌ରା ନୁସରତ୍ ସଭାପତିତ୍ୱ କରିଥିଲେ। ମୁସ୍‌କାନ୍ ବେଗମ୍ କୋରାନ୍ ପାଠ କରିଥିବାବେଳେ ସଭାନେତ୍ରୀଙ୍କ ଦ୍ୱାରା ସଂଗଠନର ସଂକଳ୍ପ ପାଠ କରାଯାଇଥିଲା। ନଜମ ତରାନା ସାମୁହିକ ଭାବେ ନାସିରାତ୍ ପରିବେଷଣ କରିଥିଲେ। ବାର୍ଷିକ ବିବରଣୀ ଅଫସାନାର ଆରା ପାଠ କରିଥିବାବେଳେ ଅମତୁସ ସଲାମ ଉପସଭାନେତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଏସ୍‌ବିଆଇରେ ରକ୍ତଦାନ ଶିବିର



**ସାଲେପୁର,୨୨।୬(ସମିସ):** ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍ ପକ୍ଷରୁ ଷ୍ଟେଟ୍ ବ୍ୟାଙ୍କ୍ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍‌ର ଚିଫ୍ ମ୍ୟାନେଜର ବିକ୍ରମ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦୁପାଟଣା ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପରିଚାଳକ ପ୍ରୀତିଶ ରଞ୍ଜନ ପଟ୍ଟନାୟକ, ମାହାଙ୍ଗା ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପରିଚାଳକ ରଶ୍ମିରଞ୍ଜନ ସାହୁ, ଗୋପିନାଥପୁର ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପରିଚାଳକ ସୁଶାନ୍ତ ପାଳ, କ୍ଷେତ୍ର ଅଧିକାରୀ ପ୍ରଦୀପ ମଲ୍ଲିକ, ଦୀପକ ବନିକ ଓ ସାମ୍ବାଦିକ ଅକ୍ଷୟ ଦାଶ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍‌ର ମୁକୁନ୍ଦ ମଲ୍ଲିକ, ସୁବୋଧ ମହାନ୍ତି, ଅଶ୍ୱିନୀ ଶତପଥି, ଜୟପ୍ରକାଶ କାଣ୍ଡିଙ୍କ ସମେତ ସମସ୍ତ ଅଧିକାରୀ ଯୋଗଦେଇ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍‌ର ଗ୍ରାହକ ସେବା କେନ୍ଦ୍ରର ଅନୁପ ମଲ୍ଲଙ୍କ ସମେତ ବହୁ ସଭ୍ୟ ଯୋଗଦେଇ ଏହାକୁ ପରିଚାଳନା କରିଥିଲେ। ଏଠାରେ କଟକ ରେଡ୍‌କ୍ରସ୍ ବ୍ଲଡ୍ ବ୍ୟାଙ୍କ୍‌ର ଡା. ବିନାୟକ ପୃଷ୍ଟିଙ୍କ ନେତୃତ୍ୱରେ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସମୁଦାୟ ୬୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ବାତ୍ୟା ଆଶ୍ରୟସ୍ଥଳସ୍ତରୀୟ ସାମୂହିକ କାର୍ଯ୍ୟକ୍ରମ

**ତିଗିରିଆ,୨୨।୬(ସମିସ):** ଆଗାମୀ ଦିନରେ ମୌସୁମୀ ଆଗମନରେ ହେବାକୁ ଥିବା ବର୍ଷା ଯୋଗୁଁ ବନ୍ୟା ଓ ବାତ୍ୟା ଭଳି ପରିସ୍ଥିତି ଉପୁଜିଲେ ଏହାର ମୁକାବିଲା ନିମନ୍ତେ ଏକ ପ୍ରାକ ପ୍ରସ୍ତୁତି ସ୍ୱରୂପ ତିଗିରିଆ ବ୍ଲକରେ ଥିବା ଚାରୋଟି ବାତ୍ୟା ଆଶ୍ରୟସ୍ଥଳରେ ବାତ୍ୟା ଆଶ୍ରୟ ସ୍ଥଳସ୍ତରୀୟ ସାମୁହିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବରିଷ୍ଠ କିରାଣୀ ସୂର୍ଯ୍ୟମଣୀ ସାହୁଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତିଗିରିଆ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରତାପ ଚନ୍ଦ୍ର ବେହେରାଙ୍କ ସମେତ ଚାରୋଟି ପଞ୍ଚାୟତର ଜନପ୍ରତିନିଧି ଓ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକମାନେ ଉପସ୍ଥିତ ଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆଗ୍ନିକ ଶ୍ରୀ ବେହେରାଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆଗାମୀ ଦିନରେ ବନ୍ୟାବାତ୍ୟା ଭଳି ସ୍ଥିତି ସୃଷ୍ଟି ହେଲେ କିଭଳି ଭାବେ ନିଜକୁ ରକ୍ଷା କରିବା ସହ ନିଜର ପଡ଼ୋଶୀ ଓ ଗ୍ରାମବାସୀଙ୍କୁ ଉଦ୍ଧାର କରିବେ ସେ ସମ୍ପର୍କରେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଗ୍ନିଶମ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଉନ୍ନୟନ କାର୍ଯ୍ୟ ପାଇଁ ବିଭିନ୍ନ ପ୍ରକଳ୍ପସ୍ଥଳର ତଦାରଖ

**ନିଆଳି,୨୨।୬(ସମିସ):** ନିଆଳି ବ୍ଲକ ଅନ୍ତର୍ଗତ ଜଲ୍ଲାରପୁର ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଖୋଦ୍ ନିଆଳି ବିଧାୟକ ଛବି ମଲ୍ଲିକ, ତହସିଲଦାର ତାରେଣୀ ରଞ୍ଜନ ରାୟ, ବିଜେପିର ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପ୍ରସାଦ ପଣ୍ଡା, ସରପଞ୍ଚ ମଞ୍ଜୁବାଳା ପଣ୍ଡା, ପୂର୍ବତନ ସରପଞ୍ଚ ସର୍ବେଶ୍ୱର ରାଉତ, ସମାଜସେବୀ କୈଳାସ ସୁର ପ୍ରମୁଖ ଗୁରୁବାର ଏହି ପଞ୍ଚାୟତର ବିଭିନ୍ନ ସ୍ଥାନ ବୁଲି ପ୍ରକଳ୍ପ ନିର୍ମାଣ ସଂପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଜଲ୍ଲାରପୁର ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ କିପରି ପଞ୍ଚାୟତର ନିଜସ୍ୱ ଗୃହ, ପନିମାଳଠାରେ ବ୍ୟବସାୟୀଙ୍କ ଥଇଥାନ ପାଇଁ ଭେଣ୍ଡିଂ ଜୋନ୍, ପଞ୍ଚାୟତରେ ଷ୍ଟାଡିୟମ୍ ଓ କଲ୍ୟାଣୀ ମଣ୍ଡପ ନିର୍ମାଣ କରାଯିବ ସେନେଇ ଜମି ଯୋଗାଇ ଦେବା ପାଇଁ ତହସିଲଦାର ଘଟଣାସ୍ଥଳରେ ବୁଲିଥିବା ବେଳେ ତୁରନ୍ତ ଜମି



ଯୋଗାଇଦେବାକୁ ବିଧାୟକ ଶ୍ରୀ ମଲ୍ଲିକ ଦାବି କରିବା ସହ ଖୁବ୍ ଶୀଘ୍ର ଜଲ୍ଲାରପୁର ପଞ୍ଚାୟତରେ ଏହି ଉନ୍ନୟନମୂଳକ ପ୍ରକଳ୍ପ ଗୁଡିକର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

# ଡାଇରିଆକୁ ନିମନ୍ତ୍ରଣ କରୁଛି ପ୍ରଦୂଷିତ ପରିବେଶ

## ଚାରିଆଡ଼େ କୁଢ କୁଢ ଅଳିଆ ଆବର୍ଜନା; ନିରବଦ୍ରଷ୍ଟା ପ୍ରଶାସନ





ନିଆଳି, ୨୨।୬(ସମିସ)

ରାଜ୍ୟର ୬ଟି ଜିଲ୍ଲାରେ ଡାଇରିଆ ବ୍ୟାପିଥିବା ବେଳେ କଟକ ଜିଲ୍ଲା ନିଆଳିରେ ଅସ୍ୱାସ୍ଥ୍ୟକର ପରିବେଶ ଡାଇରିଆକୁ ନିମନ୍ତ୍ରଣ କରୁଥିବା ଭଳି ଅବସ୍ଥା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ନିଆଳି ନିର୍ବାଚନ ମଣ୍ଡଳୀର ପ୍ରାଣକେନ୍ଦ୍ର କୁହାଯାଉଥିବା ନିଆଳି ବଜାର ବିଭିନ୍ନ ସ୍ଥାନରେ କୁଢ କୁଢ ଅଳିଆ ଆବର୍ଜନା ରହିଥିବା ବେଳେ ବର୍ଷା ପରେ ଏହା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ବିଶେଷ କରି ନିଆଳି ମୁଖ୍ୟ ରହଣୀ ସ୍ଥଳ ୬୦ନଂ ରାଜ୍ୟ ରାଜପଥ ଉପରେ କୁଢ କୁଢ ଅଳିଆ ଆବର୍ଜନା ଜମିବା ଫଳରେ ବର୍ଷା ହୋଇ ଉକ୍ତ ସ୍ଥାନ ଅତ୍ୟନ୍ତ କର୍ଦମାକ୍ତ ହେବା ସହ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏହି ସ୍ଥାନ ଦେଇ ପ୍ରତ୍ୟେହ ଶହ ଶହ ଯାତ୍ରୀ, ନିଆଳି ଜନସାଧାରଣ ନିର୍ଭର କରୁଥିବା ବେଳେ ଏହା ସଂକ୍ରମଣକୁ ନିମନ୍ତ୍ରଣ କରୁଛି। ସେହିପରି ନିଆଳି ସାପ୍ତାହିକ ହାଟର ବିଭିନ୍ନ ସ୍ଥାନରେ ଦୀର୍ଘଦିନ ହେବ କୁଢ କୁଢ ଅଳିଆ ଆବର୍ଜନା ଗଦା ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ସେଠାରେ ପ୍ରତ୍ୟେହ ଅସାମାଜିକ ବ୍ୟକ୍ତିମାନେ ମଦ୍ୟପାନ କରିବା ସହ ବିଭିନ୍ନ ପଲିଥିନ୍, ଗ୍ଲାସ ଓ ଅନ୍ୟାନ୍ୟ ସାମଗ୍ରୀ ଗଦା କରିବାକୁ ସେଥିରେ ବର୍ଷାପାଣି ଜମି ରହି ଦୁର୍ଗନ୍ଧ ସୃଷ୍ଟି ହୋଇଛି। ଫଳରେ ନିଆଳି ସାପ୍ତାହିକ ହାଟ ଉପରେ ନିର୍ଭର କରୁଥିବା ହଜାର ହାଜର ଖାଉଟିଙ୍କ ସମେତ ଶହ ଶହ ବ୍ୟବସାୟୀ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଯାତାୟତ କରୁଛନ୍ତି। ସେହିପରି ନିଆଳି ଡାକଘର ସମ୍ମୁଖ ଗଳି ରାସ୍ତାର ଉଭୟ ପାର୍ଶ୍ୱରେ କୁଢ କୁଢ ଆବର୍ଜନା ଓ ଅଳିଆ ଗଦା ହେଉଛି। ଯାହାଫଳରେ ସେହି ବାଟଦେଇ ଯା ଆସ କରିବା ସମ୍ଭବପର ହେଉ ନାହିଁ। ଏହିସବୁ ସ୍ଥାନରେ ଏପରି ଅବସ୍ଥା ସୃଷ୍ଟି ହେବା ଫଳରେ ମାଛି ଓ ଅନ୍ୟାନ୍ୟ କୀଟ ଆଦି ସେଠାରେ ବସି ନିଆଳି ବଜାରରେ ଥିବା ଶହ ଶହ ପାଷ୍ଟଫୁଡ ଉଠା ଦୋକାନୀଙ୍କ ଖାଦ୍ୟ ଉପରେ ବସିବା ଫଳରେ ସଂକ୍ରମଣ ଭୟାବହ ହେବାର ସମ୍ଭାବନା ଦେଖାଦେଇଛି। ସେହିପରି ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକଠାରେ ମାତ୍ର ୧୦୦ ମିଟର ଦୂରରେ ନିଆଳି ହାଟ ପୋଖରୀ ଅଳିଆ ଆବର୍ଜନାର ପେଣ୍ଠ ସ୍ଥଳ ପାଲଟିବା ଫଳରେ ଏହା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ସହ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବା ସମ୍ଭାବନା ଦେଖାଦେଇଛି। ପରିସ୍ଥିତ ଗମ୍ଭୀର ହୋଇଥିଲେ ମଧ୍ୟ ପ୍ରଶାସନର ଏଥି ପ୍ରତି ନିଘା ନାହିଁ। ନିଆଳି ମୁଖ୍ୟବଜାରର ଚାରିଆଡେ କୁଢ କୁଢ ଅଳିଆ ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିବାରୁ ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗକୁ ପରିସ୍ଥିତି ଅଣାୟତ ହେବାର ସମ୍ଭାବନା ଦେଖାଦେଇଛି। ଏହି ସମସ୍ୟାର ସମାଧାନ ପାଇଁ ବିଧାୟକ ଧ୍ୟାନ ଦେବା ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଡାଇରିଆ ନିୟନ୍ତ୍ରଣରେ ପ୍ରଶାସନ ବିଫଳ

● ସଠିକ ଢଙ୍ଗରେ ହେଉନି ସଚେତନତା

ଭଦ୍ରେଶ୍ୱର, ୨୨।୬(ସମିସ): ସମଗ୍ର ମାହାଙ୍ଗା ବ୍ଲକ ଅଞ୍ଚଳରେ ହୁ ହୁ ହୋଇ ବଢ଼ି ଚାଲିଛି ଡାଇରିଆ। ଡାଇରିଆକୁ ନିୟନ୍ତ୍ରଣ କରିବାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସଠିକ ଢଙ୍ଗରେ ପ୍ରଶାସନ ତରଫରୁ ଡାଇରିଆର ସଚେତନତା ଓ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାର ଅଭିଯୋଗ ହୋଇଛି। ଫଳରେ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ଉପରୁ ଦିନକୁ ଦିନ ଲୋକଙ୍କ ଆସ୍ଥା ବିଶ୍ୱାସ ତୁଟିଯିବାକୁ ବସିଲାଣି। ଲୋକେ ଅନ୍ଧବିଶ୍ୱାସକୁ ପୁଣି ଆପଣେଇଲେଣି। ଏପରିକି ଡାଇରିଆର ପ୍ରତିକାର ଓ ଉପଚାର ନିମନ୍ତେ ବିଭିନ୍ନ ସ୍ଥାନରେ ଦେବା ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଉଥିବାର ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଥିଲା ବେଳେ ଡାଇରିଆ ସ୍ଥିତି ଅଣାୟତ ହୋଇପଡ଼ିଛି। ଦିନକୁ ଦିନ ଡାଇରିଆ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା କାରଣରୁ ଏହାକୁ ନେଇ ସାଧାରଣରେ କୋକୁଆ ଭୟ ସୃଷ୍ଟି ହେଲାଣି। ଆଜି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁଣି ୧୯ ଜଣ ନୂଆ ଡାଇରିଆ ରୋଗୀ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିବାର ଜଣାଯାଇଛି। ବହୁ ଗୁରୁତର ରୋଗୀଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। କ୍ଷେତ୍ରପାଳ ଗ୍ରାମକୁ ଏକ କେନ୍ଦ୍ରୀୟ ଟିମ ଯାଇ ବିଭିନ୍ନ ନମୁନା ସଂଗ୍ରହ କରି ଫେରିଯାଇଥିଲେ ମଧ୍ୟ ଡାଇରିଆର କାରଣ ଓ ନିରାକରଣ ସମ୍ପର୍କରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ।

## ହୋମଗାର୍ଡ ନିଯୁକ୍ତି ପରୀକ୍ଷା

ସାଲେପୁର, ୨୨।୬(ସମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ହୋମଗାର୍ଡ ନିଯୁକ୍ତି ନିମନ୍ତେ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଶୃଙ୍ଖଳାର ସହ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଆଇଆଇସି ଅନୀତା ସାହୁ, ନିଶ୍ଚିନ୍ତକୋଇଲି ଆଇଆଇସି ଯୁଗଳ କିଶୋର ଦାସ, ମାହାଙ୍ଗା ଓ ନେମାଳ ଆଇଆଇସିଙ୍କ ଉପସ୍ଥିତିରେ ଏହି ଲିଖିତ ପରୀକ୍ଷାରେ ସାଲେପୁର ବ୍ଲକର ୭୨୨ପରୀକ୍ଷାର୍ଥୀଙ୍କ ସମେତ ୧୩ଶହରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଥିଲା।

## ନିରଞ୍ଜନ ରଥଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ଆଠଗଡ଼, ୨୨।୬(ସମିସ): ଆଠଗଡ଼ ମାଟିର ଗୌରବ, ପଣ୍ଡିତ, ସମାଜର ପୂର୍ବତନ ସମ୍ପାଦକ, ପ୍ରକାଶକ, ମୁଦ୍ରାକାର, ଲୋକସେବକ ମଣ୍ଡଳର ସମ୍ପାଦକ ନିରଞ୍ଜନ ରଥଙ୍କ ପରଲୋକରେ ଗଡ଼ଜାତ ପରିକ୍ରମା, ଆଠଗଡ଼ ସାହିତ୍ୟ ସମାଜ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶ୍ରୀ ରଥ ଥିଲେ ଆଠଗଡ଼ର ବିନ୍ଧାଣୀ। ତାଙ୍କ ପରଲୋକରେ ଆଠଗଡ଼ ଜଣେ ସୁଯୋଗ୍ୟ ସନ୍ତାନଙ୍କୁ ହରାଇଲା ବୋଲି ସମସ୍ତ ସଭ୍ୟ ମତ ପ୍ରକାଶ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କୁ ଭେଟିଲେ ବିଧାୟକ

ନିଶ୍ଚିନ୍ତକୋଇଲି, ୨୨।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଓରତି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ବାରାସାହି ଗ୍ରାମର ନାରାୟଣ ଜେନାଙ୍କୁ ତାଙ୍କ ଭଙ୍ଗା କୁଡିଆ ଘରେ ସାକ୍ଷାତ୍ କରିଛନ୍ତି ମାହାଙ୍ଗାର ବିଧାୟକ ଶାରଦା ପ୍ରସାଦ ପ୍ରଧାନ।



ପୂର୍ବତନ ସରପଞ୍ଚ ଶ୍ରୀ ଜେନା ୧୯୭୫ ମସିହାଠାରୁ ୧୯୮୩ ମସିହା ପର୍ଯ୍ୟନ୍ତ ଦୁଇ ଦୁଇ ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇ ନିସ୍ୱାର୍ଥପର ଭାବେ ଜନସେବା କରିଥିଲେ। ସରପଞ୍ଚ ପଦରୁ ହଟିବା ପରେ ସେଭଳି ରୋଜଗାର ନ ଥିବାରୁ ଦରିଦ୍ରତା ଭିତରେ କାଳାତିପାତ କରୁଥିଲେ। ବିଗତ ସରକାରଙ୍କ ଅମଳରେ ତାଙ୍କୁ ପକ୍କାଘର ଯୋଜନାରେ ସାମିଲ କରାଯାଇ ନ ଥିବା ଫଳରେ ଦୀର୍ଘ ବର୍ଷ ହେବ ସେ ଏକ ମାଟି କାନ୍ଥ ଚାଳ ଛପର ଭଙ୍ଗା ଘରେ ଜରିପାଲ ପକାଇ ଅତ୍ୟନ୍ତ ଦୟନୀୟ ଭାବେ ବାସ କରୁଛନ୍ତି। ପୂର୍ବତନ ସରପଞ୍ଚଙ୍କ ଏଭଳି ଅବସ୍ଥା ଖବର ପାଇ ବିଧାୟକ ଶ୍ରୀ ପ୍ରଧାନ ତାଙ୍କ ବାସଭବନରେ ପହଞ୍ଚି ତାଙ୍କର ଦୂରାବସ୍ଥା ନିଜ ଆଖିରେ ଦେଖିବା ସହିତ ତାଙ୍କର ଚଳଣୀ ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କୁ କିଭଳି ଯଥାଶୀଘ୍ର ଗୋଟିଏ ପକ୍କା ଘର ଯୋଗାଇ ଦିଆଯିବ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ସହିତ ରବୀନ୍ଦ୍ର ତ୍ରିପାଠୀ, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ଅଶୋକ ସାହୁ, ଦେବେନ୍ଦ୍ର ସାହୁ, ସମୀରକେତନ ରାଉତ, ପିତାମ୍ବର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## କଳାବତୀ କଳା ନିକେତନରେ ବିଶ୍ୱ ସଙ୍ଗୀତ ଦିବସ

କଟକ, ୨୨।୬(ସମିସ): ଶନିବାର ସନ୍ଧ୍ୟା ୭ଟାରେ କଳାବତୀ କଳା ନିକେତନ, ତାରିଣୀ ବିହାର, ବିଡାନାସୀ ସ୍ଥିତ କାର୍ଯ୍ୟାଳୟରେ ଆକାଶବାଣୀ କଟକର ଅବସରପ୍ରାପ୍ତ କାର୍ଯ୍ୟକ୍ରମ ନିଷ୍ପାଦକ



ସୁମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଶ୍ୱ ସଙ୍ଗୀତ ଦିବସ ପାଳନ କରାଯାଇଥିଲା। ଅତିଥି ଭାବରେ ପଣ୍ଡିତ ଏ. ମହେଶ୍ୱର ରାଓ, ଚୌଧୁରୀ ଭାରତୀକୃଷ୍ଣ ଦାଶ, ଏସିପି କୃଷ୍ଣଚନ୍ଦ୍ର ସେଠୀ, ପରମାନନ୍ଦ ସାହୁ, ଶରତ ନାୟକ, ଡ. ଦୀପକ୍ କୁମାର କର, ଚିନ୍ମୟୀ ମହାନ୍ତି ପ୍ରମୁଖ ଯୋଗଦେଇ ସମସ୍ତ ପ୍ରକାର ସଙ୍ଗୀତର ପ୍ରଚାର ପ୍ରସାର କରିବାରେ କଳାବତୀ କଳା ନିକେତନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଗୁରୁ ବିଶ୍ୱନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ସରସ୍ୱତୀ ବନ୍ଦନା ଗାନ କରିଥିଲେ। ପରେ ପରେ ଶିଳ୍ପୀ ଦେବସ୍ମିତା ମିଶ୍ର ଶାସ୍ତ୍ରୀୟ ସଙ୍ଗୀତରେ ରାଗ ଗୋରଖ କଲ୍ୟାଣ ବିଳମ୍ବିତ ଓ ମଧ୍ୟ ଲୟରେ ଗାନ କରିଥିଲେ। ଏହାପରେ ଅନୁଷ୍ଠାନର କୁନି ଶିଳ୍ପୀ ସ୍ନେହାଶିଷ ହୋତା ୟୁଟ୍ୟୁବ ଚ୍ୟାନେଲ ପାଇଁ ଗାଇଥିବା ଦୁଇଟି ଜଗନ୍ନାଥ ଭଜନ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବରିଷ୍ଠ ଉଦଘୋଷକ ବିଚିତ୍ରାନନ୍ଦ ପଣ୍ଡା। ଅଜୟ ବାରିକ, ଯୋଗେନ୍ଦ୍ର ସ୍ୱାଇଁ, ତ୍ରିନାଥ ଜେନା, ଆଶୁତୋଷ ବେହେରା, ରିନା ମିଶ୍ର, ବିଭୁପ୍ରସାଦ ମିଶ୍ର, ବିଭୁପ୍ରସାଦ ନନ୍ଦ, ରମାକାନ୍ତ ପଣ୍ଡା ତଥା କଳାବତୀ କଳା ନିକେତନର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ସହଯୋଗ କରିଥିଲେ। ପୂର୍ବତନ ସଭାପତି କୁଳମଣୀ ଦାଶ ଧନ୍ୟବାଦ ଦେଇଥିଲେ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମର ଶୁଭାରମ୍ଭ

କଟକ, ୨୨।୬(ସମିସ): ଆଜି କଟକ ବେଲଭିଉ ଛକଠାରେ ଥିବା ଗାନ୍ଧୀ ପାର୍କରେ କଟକ ମେୟର ସୁବାସ ସିଂହଙ୍କ ନେତୃତ୍ୱରେ କଟକ ମହାନଗର ନିଗମ ଦ୍ୱାରା ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହାନଗର ନିଗମ ଅଞ୍ଚଳରେ



ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା, ସହରକୁ ସ୍ୱଚ୍ଛ ଓ ସବୁଜମୟ କରିବା ଉଦ୍ଦେଶ୍ୟ ନେଇ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଜରିଆରେ କଟକ ମହାନଗର ନିଗମ ପକ୍ଷରୁ ଚାରାରୋପଣର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ପରିବାର ଦ୍ୱାରା ନିଶ୍ଚିତ ରୂପେ ନିଜ ନିଜ ମା'ଙ୍କ ନାମରେ ଗୋଟେ ଚାରାରୋପଣ କରିବା ପାଇଁ ମେୟର ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ସ୍ଥାନୀୟ କର୍ପୋରେଟର ଆରତି ସାହୁ, ଯୁଗ୍ମ ଆୟୁକ୍ତ ବରନେନ୍ଦୁ ମହାନ୍ତି, ଉପଆୟୁକ୍ତ ତ୍ରିନାଥ ବେହେରା, ସୁବ୍ରତ ଭାରତୀ, ଲୋକନାଥ ଶୁକ୍ଲା, ଦେବେନ୍ଦ୍ର ସାହୁ, ସୁବୋଧ ସେଠୀ, ପିକେ ଶଙ୍କର, ତନ୍ମୟ କର୍ମଚାରୀ ସ୍ଥାନୀୟ ଅଞ୍ଚଳର ବହୁ ଯୁବବର୍ଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ୨ ଟ୍ରାକ୍ଟର ସହ ଜେସିବି ମେସିନ୍ ଜବତ



ଆଠଗଡ଼, ୨୨।୬(ସମିସ): ଆଠଗଡ଼ ବନାଞ୍ଚଳ ଅଧୀନ ଫୁଲବାଡ଼ି ଜଙ୍ଗଲରୁ ବେଆଇନ ମାଟି ଚାଲାଣକୁ କେନ୍ଦ୍ର କରି ରବିବାର ଆଠଗଡ଼ ବନବିଭାଗ ପକ୍ଷରୁ ଚଢଉ କରାଯାଇ ୨ଟି ଟ୍ରାକ୍ଟର ଏବଂ ଗୋଟିଏ ଜେସିବି ମେସିନ ଜବତ କରାଯାଇଛି। ତେବେ ବନବିଭାଗ କର୍ମଚାରୀମାନଙ୍କୁ ଦେଖି ମାଫିଆମାନେ ଫେରାର ହୋଇଯାଇଥିଲେ। ବିଭାଗ ପକ୍ଷରୁ ୨ଟି ଟ୍ରାକ୍ଟର ଏବଂ ଗୋଟିଏ ଜେସିବି ମେସିନ ଜବତ କରାଯାଇଛି। ବନ ବିଭାଗ ପକ୍ଷରୁ ଆଶିଷ ନାୟକ୍, ସୁଶୀଲ ଜେନା, ପ୍ରଶାନ୍ତ ବେହେରା, ପ୍ରିୟମ୍ବଦା ମହାନ୍ତି ପ୍ରମୁଖ ସାମିଲ ଥିଲେ।

## ସୁରେନ୍ଦ୍ର ମହାନ୍ତି ଥିଲେ ସ୍ୱାଭିମାନୀ ଓ ବିସ୍ମୟ ପୁରୁଷ

● ବନ୍ଦେ ଉତ୍କଳ ପକ୍ଷରୁ ୧୦୪ତମ ଜୟନ୍ତୀ



କଟକ, ୨୨।୬(ସମିସ): ସାହିତ୍ୟିକ, ସାମ୍ବାଦିକ, ରାଜନେତା, ପୂର୍ବତନ ସାଂସଦ ସୁରେନ୍ଦ୍ର ମହାନ୍ତି ଜଣେ ସ୍ୱାଭିମାନୀ ଓ ବିସ୍ମୟ ପୁରୁଷ ଥିଲେ ବୋଲି ବନ୍ଦେ ଉତ୍କଳ ପକ୍ଷରୁ ବଙ୍ଗାଳି ସାହି ସ୍ଥିତ ମା' ଶାରଳା ସଦନ ଠାରେ ଅନୁଷ୍ଠିତ ୧୦୪ ତମ ଜୟନ୍ତୀ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମତ ପ୍ରକାଶ କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ନାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ କିଟ୍ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଆକ୍ଟିଙ୍ଗ ଡିନ୍ ଡ. ବିଦୂ ଭୂଷଣ ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରଫେସର ଡା. ସୁଦର୍ଶନ ପଟ୍ଟନାୟକ ସୁରେନ୍ଦ୍ର ମହାନ୍ତିଙ୍କ କୃତି ଓ କୀର୍ତ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ଶ୍ରୀ ଦାସ ସୁରେନ୍ଦ୍ର ମହାନ୍ତିଙ୍କୁ ସ୍ୱାଭିମାନୀ ଓ ବିସ୍ମୟ ପୁରୁଷ ବୋଲି କହିଥିଲେ। ଏହି ଉତ୍ସବରେ ବିଶିଷ୍ଟ ସମାଜସେବୀ ବରଦା ପ୍ରସନ୍ନ ରାଉତ, ପୂର୍ଣ୍ଣଚନ୍ଦ୍ର ଛାଟୋଇ, ଡ. ବିଜୟଶ୍ରୀ ଶତପଥୀ, ବୈକୁଣ୍ଠ ରାଉତରାୟ, ରଶ୍ମିରଞ୍ଜନ ମହାରଣା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ପ୍ରାଧ୍ୟାପକ ଡ. ଜୟନ୍ତ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କଟକ ବାର ଆସୋସିଏସନର ପ୍ରାକ୍ତନ ସମ୍ପାଦକ ଜ୍ୟୋତିନ୍ଦ୍ରୀୟ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ସୁରେନ୍ଦ୍ର ମହାନ୍ତିଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

● ବରିଷ୍ଠଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ଆଇନ ସମ୍ବନ୍ଧରେ ଆଲୋଚନା

ତିଗିରିଆ, ୨୨।୬(ସମିସ): ତିଗିରିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ଦ୍ୱିତୀୟ ବାର୍ଷିକ ଉତ୍ସବ ଅବସରରେ ରବିବାର ବରିଷ୍ଠ ନାଗରିକ ଆଇନ, ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ପର୍କିତ ସଚେତନତା କର୍ମଶାଳା ବ୍ଲକର ନିଜିଗଡ଼ ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଜଗବନ୍ଧୁ ତୁଙ୍ଗ ସାମନ୍ତଙ୍କ ସଭାପତିତ୍ୱ ଓ ସମ୍ପାଦକ ସୁଶୀଳ କୁମାର ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ



ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ତଥା ଲକମିଶନର ସଭ୍ୟ ସୌରଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟର ସୁପ୍ରତିଷ୍ଠିତ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଭୁବନାନନ୍ଦ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପରାମର୍ଶଦାତା ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ଉପସଭାପତି ଶିକ୍ଷାବିତ ସୁବୋଧ କୁମାର ପଟ୍ଟନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନ ପକ୍ଷରୁ ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ପାଦକ ଶ୍ରୀ ନନ୍ଦ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠାନର ୫ଜଣ ଦିବଙ୍ଗତ ସଦସ୍ୟ, ଦୈନିକ ଖବରକାଗଜ ସମାଜର ପୂର୍ବତନ ସମ୍ପାଦକ ନିରଞ୍ଜନ ରଥ, ନିଜିଗଡ଼ର ପୂର୍ବତନ ସରପଞ୍ଚ ଭବାନୀ ପ୍ରସାଦ ପଟ୍ଟନାୟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଆକାଶବାଣୀ, କଟକ କେନ୍ଦ୍ରର ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଅତିଥି ନିଜ ଅଭିଭାଷଣରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ଆଇନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୋଟ ୭୦ ଜଣ ସଦସ୍ୟଙ୍କ ସହ ଅଞ୍ଚଳର ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ଯୋଗ ଦିବସ

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ 'ଯୋଗ ସଙ୍ଗମ'

କଟକ, ୨୨।୬(ସମିସ)



ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ 'ଯୋଗ ସଙ୍ଗମ'। ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଯୋଗ ମୁଦ୍ରାରେ ସମଗ୍ର ବିଶ୍ୱବିଦ୍ୟାଳୟ। ଯୋଗ ପାଇଁ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ' ଥିମକୁ ନେଇ ଚଳିତ ବର୍ଷର ଏହି ଯୋଗ ଦିବସ ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରରେ ଏକାଠି ହୋଇଥିଲେ ପ୍ରାୟ ୧୧୦୦ରୁ ଅଧିକ ଅଂଶଗ୍ରହଣକାରୀ। ଏହି ମେଗା ଇଭେଣ୍ଟରେ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉପସ୍ଥିତ ପ୍ରତିଭାଗୀମାନଙ୍କୁ ଉତ୍ସାହିତ କରି, ଜୀବନ ଧାରଣ ପାଇଁ ନିଃଶ୍ୱାସ ଯେପରି ଅପରିହାର୍ଯ୍ୟ, ଯୋଗ ମଧ୍ୟ ସେହିପରି ଅପରିହାର୍ଯ୍ୟ ବୋଲି କହିଥିଲେ। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଓ ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ସହଯୋଗରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଏହି ମେଗା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଅନେକେ ବେଦ ବିଦ୍ୟାଳୟରୁ ରହିଥିବା ବେଳେ ଏନଡିଆରଏଫ୍ ଓ ସିଆଇଏସଏଫରୁ ମଧ୍ୟ ବହୁସଂଖ୍ୟାରେ ଅଂଶଗ୍ରହଣକାରୀ ଭାଗ ନେଇଥିଲେ। ସେମାନଙ୍କ ସହ ଆଦର୍ଶ ବିଦ୍ୟାଳୟ, ଗୁରୁକୁଳ ଅରିହନ୍ତ ସ୍କୁଲ୍, କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଭୃତିରୁ ମଧ୍ୟ ବିଦ୍ୟାର୍ଥୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ସିଆଇଏସଏଫ ସବ୍ ଇନ୍ସପେକ୍ଟର ମୁଲତାନ ସିଂହଙ୍କ ନେତୃତ୍ୱରେ ୨୦୦ ଯବାନ୍, ଏନଡିଆରଏଫ୍ ଇନ୍ସପେକ୍ଟର ସନ୍ଦୀପ କୁମାରଙ୍କ ନେତୃତ୍ୱରେ ପ୍ରାୟ ୫୦ ଯବାନ ଓ କେନ୍ଦ୍ରୀୟ ବିଦ୍ୟାଳୟର ୫୦ ଜଣ ବିଦ୍ୟାର୍ଥୀ, ଆଦର୍ଶ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ କ୍ଷୀରୋଦକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ୧୦୦ ଜଣ ବିଦ୍ୟାର୍ଥୀ ଏବଂ ଗୁରୁକୁଳ ଅରିହନ୍ତର କାର୍ଯ୍ୟନିର୍ବାହୀ ଜ୍ଞାନରଞ୍ଜନ ନାୟକଙ୍କ ନେତୃତ୍ୱରେ ପ୍ରାୟ ୧୦୦ ଜଣ ବିଦ୍ୟାର୍ଥୀ ଭାଗ ନେଇଥିଲେ। ରାଜ୍ୟ ସଡ଼କ ଓ ପରିବହନ ବିଭାଗର ପ୍ରାୟ ୫୦ ଜଣ ପ୍ରଶିକ୍ଷଣ ନେଉଥିବା ଅଧିକାରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେମାନଙ୍କ ସହ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଡିନ୍, ପ୍ରାଧ୍ୟାପକ, ସହଯୋଗୀ ଓ ସହକାରୀ ପ୍ରାଧ୍ୟାପକଙ୍କ ସମେତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏହି 'ଯୋଗ ସଙ୍ଗମ'ର ଅଂଶବିଶେଷ ପାଲଟିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୩୦ଟି "ଯୋଗ ଥେରାପି ଫାକଲ୍ଟି ଡେଭେଲପମେଣ୍ଟ ପ୍ରୋଗ୍ରାମ" ମଧ୍ୟ ଆନୁଷ୍ଠାନିକ ଭାବରେ ଘୋଷଣା ହୋଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବ ଡ. ଅନୀଲ କୁମାର ଶର୍ମା, ଆଡମିନ୍ ଅଫିସର ତଥା ଯୋଗ ଇନଷ୍ଟ୍ରକ୍ଟର ସୌରଭ ବାୱେଜା, ନର୍ସିଂ କଲେଜ ଡିନ୍ ପ୍ରଫେସର ଡ. ଜୋଇତା ମଣ୍ଡଳ, ଆୟୁର୍ବେଦ କଲେଜ ଡେପୁଟି ଡିନ୍ ପ୍ରଫେସର ଡ. ଦୁର୍ଗାପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ରାଜଶ୍ରୀ ପ୍ରିୟଦର୍ଶିନୀଙ୍କ ନେତୃତ୍ୱରେ ବିଏସସି ନର୍ସିଂ ଛାତ୍ରୀ ଓ କ୍ରିତିକା ରାମଟେକେ ତଥା ପ୍ରାଗ୍ ଭରଦ୍ୱାଜଙ୍କ ନେତୃତ୍ୱରେ ବିଏନୱାଇଏସ୍ କାର୍ଯ୍ୟକ୍ରମର ବିଦ୍ୟାର୍ଥୀ ଏହି ମେଗା ଇଭେଣ୍ଟରେ ଶୃଙ୍ଖଳା ଦାୟିତ୍ୱ ସମ୍ଭାଳିଥିଲେ।

## ରାଷ୍ଟ୍ରୀୟ ଯୁବା ସଂଗଠନର ଚିନ୍ତନ ବୈଠକ

କଟକ, ୨୨।୬(ସମିସ): ଗାନ୍ଧୀ-ବିନୋବା-ଜୟପ୍ରକାଶଙ୍କ ସର୍ବୋଦୟ ବିଚାରର ସର୍ବଭାରତୀୟ ଯୁବ ସଂଗଠନ ରାଷ୍ଟ୍ରୀୟ ଯୁବା ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରାଷ୍ଟ୍ରୀୟ ସଂଯୋଜନ ସମିତି ସଦସ୍ୟ ସୂର୍ଯ୍ୟ ନାରାୟଣ ନାଥଙ୍କ ସଂଯୋଜନାରେ କଟକ ସ୍ୱରାଜ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ଜୁନ ୨୫ ରୁ ଜୁଲାଇ ୫ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ସଦସ୍ୟତା ଅଭିଯାନ, ୨୨ ଜୁଲାଇ ମା' ରମାଦେବୀଙ୍କ ଶ୍ରାଦ୍ଧ ଦିବସରୁ ୨୬ ଜୁଲାଇ ବିପ୍ଳବିଣୀ ମାଳତୀ ଚୌଧୁରୀଙ୍କ ଜୟନ୍ତୀ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଯୁବ ଶିବିର ଆୟୋଜନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ବେରୋଜଗାରୀ, ନିଶା ନିବାରଣ, ମହିଳା ହିଂସା, ସାମ୍ପ୍ରଦାୟିକ ବିଦ୍ୱେଷ ପ୍ରସଙ୍ଗକୁ ଆଧାର କରି ଆଗାମୀ ଦିନରେ ରାଜ୍ୟବ୍ୟାପୀ ଜନ ଜାଗରଣ ଅଭିଯାନ ଜରିଆରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ରାଜ୍ୟ କାର୍ଯ୍ୟକାରିଣୀରେ ବିଶିଷ୍ଟ ଗାନ୍ଧୀବାଦୀ ଯୁବନେତା ମାନସ ପଟ୍ଟନାୟକଙ୍କୁ ରାଜ୍ୟ ସଂଯୋଜକ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ରାଜ୍ୟ କୋର କମିଟି ସଦସ୍ୟ ଭାବରେ ଛୋଟରାୟ ମାଝୀ, ଅଲିଭା ଦାଶ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାଣ୍ଡିଲ, କର୍ମବୀର କଳ୍ପତରୁ ଦାସ ଓ କରନ ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, କସ୍ତୁରବା ଟ୍ରଷ୍ଟର ଜାତୀୟ ଉପସଭାନେତ୍ରୀ ଗାୟତ୍ରୀ ଦାସ, ବାଜିରାଉତ ଛାତ୍ରାବାସର ସଭାପତି ଅନ୍ତର୍ଯ୍ୟାମୀ ବରାଳ ଓ ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟଙ୍କୁ ସଂଗଠନର ମାର୍ଗଦର୍ଶକ ଭାବରେ ମନୋନୀତ କରାଯାଇଛି। ବିଭିନ୍ନ ଜିଲ୍ଲାରୁ ତ୍ରିଲୋଚନ ମଲ୍ଲ, ଚୈତନ୍ୟ ପ୍ରଧାନ, ଲଳିତ ବେହେରା, ସତ୍ୟରଞ୍ଜନ ମହାକୁଡ଼, କୀର୍ତ୍ତି ରଞ୍ଜନ



### ମାନସ ପଟ୍ଟନାୟକ ପ୍ରାଦେଶିକ ସଂଯୋଜକ ମନୋନୀତ

ବ୍ରହ୍ମା, ସୌମ୍ୟରଞ୍ଜନ ମଲ୍ଲିକ, ଅନିରୁଦ୍ଧ ନାଏକ, ଲଳିତ ନାୟକ, ଦମୟନ୍ତି ସୋରେନ, ଆଶା ସମଦ, ଶକ୍ତି ବେହେରା, ଲାଲକୃଷ୍ଣ ନାଏକ ପ୍ରମୁଖ ସଂଗଠନର ଉପସ୍ଥିତ ରହି ନିଜ ମତ ରଖିବା ସହ ଆଗାମୀ ଦିନରେ ସଂଗଠନକୁ ମଜବୁତ କରିବା ପାଇଁ ସଂକଳ୍ପ ନେଇଥିଲେ। ବରିଷ୍ଠ ସାଥି ଜ୍ଞାନରଞ୍ଜନ ନାୟକ, ଜୟନ୍ତ ଦାସ, ଅନିମା ରାୟ, କବିର ଜେନା, ରାବେୟା ବେଗମ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ପ୍ରାକ୍ତନ ରାଷ୍ଟ୍ରୀୟ ସଂଯୋଜକ ଡ଼ା ବିଶ୍ୱଜିତ ବୈଠକରେ ପ୍ରାରମ୍ଭିକ ବକ୍ତବ୍ୟ ରଖିବା ସହ ସଂଗଠନର ୩୧ ବର୍ଷର ସଂଗ୍ରାମ ଓ ସାମ୍ପ୍ରତିକ ସମୟରେ ସଂଗଠନର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ • ପାଉଣ୍ଡ ୧୧୬.୦୮
- ୟୁରୋ ୯୯.୩୭ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୩୫୦ (ନୂଆଦିଲ୍ଲୀ)
- ରୁପା : ୧,୨୦,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୪୦୮.୦୦
- ନିଫ୍ଟି ୨୫,୧୧୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଇରାନ୍ ଉପରେ ଆମେରିକାର ପ୍ରହାର

# ଅଶୋଧିତ ତୈଳ ୧୦୦ ଡଲାର ଟପିବ

ନୂଆଦିଲ୍ଲୀ,୨୨।୬(ଏଜେନ୍ସି)

ଇରାନ-ଇସ୍ରାଏଲ ଯୁଦ୍ଧରେ ଆମେରିକା ପ୍ରବଶେ କରିଛି। ଇରାନର ପରମାଣୁ କେନ୍ଦ୍ର ଉପରେ

- **ହର୍ମୁଜ୍ ପ୍ରଣାଳୀ ବନ୍ଦ ହେଲେ ୧୩୦ ଡଲାର ଛୁଇଁବ**
- **ଜୁନ୍‌ରେ ୨୪ ପ୍ରତିଶତ ବଢ଼ିଛି ତେଲ ଦର**

ଆମେରିକା ବିମାନ ଆକ୍ରମଣ କରିଛି। ଏହି ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ପୁଣି ଥରେ ଭୂ-ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଛି। ଏହାର ପ୍ରଭାବରେ ସୋମବାର ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ମୂଲ୍ୟ ବୃଦ୍ଧି ପାଇପାରେ। ଏମିତିକି ସୋମବାର ବିଶ୍ୱର ସେୟାର ବଜାରରେ ବଡ଼ ହ୍ରାସ ହୋଇପାରେ। ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ସୋମବାର ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୮୦ ଡଲାରରୁ ଆରମ୍ଭ ହୋଇ ୯୦ ଡଲାର ବ୍ୟାରେଲ ପର୍ଯ୍ୟନ୍ତ ପହଞ୍ଚିପାରେ। ଯଦି ହର୍ମୁଜ୍ ପ୍ରଣାଳୀ ବନ୍ଦ ହୁଏ, ତେବେ ଅଶୋଧିତ ତେଲର ମୂଲ୍ୟ ମଧ୍ୟ ୧୩୦ ଡଲାର ପ୍ରତି ବ୍ୟାରେଲ ପର୍ଯ୍ୟନ୍ତ ପହଞ୍ଚିପାରେ। ଏହାର ଅର୍ଥ ହେଉଛି ବିଶ୍ୱର ଅଶୋଧିତ ତେଲ ଆମଦାନୀ କରୁଥିବା ଦେଶଗୁଡିକ ଏଥିଯୋଗୁ ବଡ଼ କ୍ଷତି ସହିବେ। ଏଥିରେ ଭାରତ ଅନ୍ୟତମ ଦେଶ। ଭାରତ ଏହାର ଅଶୋଧିତ ତେଲ ଆବଶ୍ୟକତାର




୮୫ ରୁ ୯୦ ପ୍ରତିଶତ ଆମଦାନୀ କରେ।

ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେକ, ସୋମବାର ବଜାର କାରବାର ଆରମ୍ଭରୁ ଅଶୋଧିତ ତେଲ ଦର ପ୍ରତି ବ୍ୟାରେଲ ପ୍ରାୟ ୮୦ ଡଲାରରେ ଖୋଲି ଏହା ୧୦୦ ଡଲାର ଉପରେ ଯାଇପାରେ। ସବୁଠାରୁ ଖରାପ ପରିସ୍ଥିତିରେ ଯଦି ହରମୁଜ୍ ପ୍ରଣାଳୀ ବନ୍ଦ ହୁଏ ତେବେ ମୂଲ୍ୟ ୧୩୦ ଡଲାର ଉପରେ ପହଞ୍ଚିବ ବୋଲି ଆଶଙ୍କା କରାଯାଉଛି। ଜୁନ୍ ମାସରେ ଏ ପର୍ଯ୍ୟନ୍ତ ଅଶୋଧିତ ତେଲର ମୂଲ୍ୟ ୨୪ ପ୍ରତିଶତ ବୃଦ୍ଧି ପାଇ ପ୍ରତି ବ୍ୟାରେଲ ୭୭ ଡଲାର ହୋଇଛି। ଯେତେବେଳେ କି ମେ' ମାସରେ, ଅ ଶୋଧିତ ତେଲର ମୂଲ୍ୟ ୪ ପ୍ରତିଶତ ବୃଦ୍ଧି ପାଇଛି। ହରମୁଜ୍ ପ୍ରଣାଳୀ ଏକ ରଣନୈତିକ ଚକପଏଣ୍ଟ ଯାହା ବିଶ୍ୱ ତୈଳ ଯୋଗାଣର ପ୍ରାୟ ୨୦ପ୍ରତିଶତ ପରିଚାଳନା କରିଥାଏ। ଏହାକୁ ନେଇ ଏବେ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ, କେଡିଆ ଆଡଭାଇଜରିର ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି ଯେ ଉତ୍ତେଜନା ବହୁତ ବୃଦ୍ଧି ପାଇଛି ଏବଂ ଆମେରିକା ଯୁଦ୍ଧରେ ଡେଇଁବା ପରେ, ଇରାନ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇପାରେ। ଏଥିଯୋଗୁଁ ତୈଳ ଦର ପ୍ରତି ବ୍ୟାରେଲ ୯୫ ରୁ ୧୦୦ ଡଲାର ମଧ୍ୟରେ ପହଞ୍ଚିପାରେ। ଏହାସହିତ, ସୋମବାର ଅଶୋଧିତ ତୈଳ ମୂଲ୍ୟରେ ୧୦ ରୁ ୧୫ ପ୍ରତିଶତ ବୃଦ୍ଧି ଦେଖାଯାଇପାରେ। ଅନ୍ୟପକ୍ଷରେ, ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଆମେରିକା ମଧ୍ୟ ତୈଳ ଯୋଗାଣ ବୃଦ୍ଧି କରିବାକୁ ଯାଉଛି।

ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଭାରତକୁ ମଧ୍ୟ ପ୍ରଭାବିତ କରିବ। ଭାରତ ଏହାର ଆବଶ୍ୟକତାର ୮୫ରୁ ୯୦ ପ୍ରତିଶତ ତୈଳ ଆମଦାନି କରେ। ଯଦି ମୂଲ୍ୟ ବୃଦ୍ଧି ପାଏ, ତେବେ ଦେଶ ଅନେକ ଆର୍ଥିକ ଆହ୍ୱାନର ସମ୍ମୁଖୀନ ହୋଇପାରେ। ଅଶୋଧିତ ତୈଳରେ ପ୍ରତି ବ୍ୟାରେଲରେ ୧୦ ଡଲାର ବୃଦ୍ଧି ଭାରତର ଚଳନ୍ତି ଖାତା ନିଅଣ୍ଟକୁ ଜିଡିପିର ୦.୩ ପ୍ରତିଶତ ବୃଦ୍ଧି କରିପାରେ ଏବଂ ମୁଦ୍ରାସ୍ଫୀତି ଚାପ ମଧ୍ୟ ବଢ଼ାଇପାରେ। ଜଣେ ମୁଦ୍ରା ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ସୋମବାର ଭାରତୀୟ ଟଙ୍କା ଡଲାର ତୁଳନାରେ ୫୦ ରୁ ୭୫ପଇସା ମଧ୍ୟରେ ହ୍ରାସ ପାଇପାରେ। ଯାହାର ପ୍ରଭାବ ଜିଡିପି ଉପରେ ମଧ୍ୟ ଦେଖାଯାଇପାରେ। ଏହା ବ୍ୟତୀତ, ସୋମବାର ଭାରତର ଷ୍ଟକ ବଜାରରେ ଭାରି ଚାପ ଦେଖିବାକୁ ମିଳିପାରେ। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଇରାନ ହର୍ମୁଜ ପ୍ରଣାଳୀରେ ଯାତାୟାତ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରେ, ତେବେ ଅଶୋଧିତ ତୈଳର ମୂଲ୍ୟ ପ୍ରତି ବ୍ୟାରେଲ ୧୨୦-୧୩୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ, ଯାହା ବିଶ୍ୱ ଷ୍ଟକ ବଜାର ଉପରେ ଗଭୀର ପ୍ରଭାବ ପକାଇବ। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୭୭ ଡଲାରରେ ରହିଛି। ଏଥିରେ ବିଶେଷ କଥା ହେଉଛି ଯେ ଗତ ଗୋଟିଏ ମାସରେ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୨୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ, ଶୁକ୍ରବାର ଆମେରିକୀୟ ଅଶୋଧିତ ତୈଳର ମୂଲ୍ୟ ସାମାନ୍ୟ ବୃଦ୍ଧି ସହିତ ବ୍ୟାରେଲ ପିଛଣ ୭୫ ଡଲାରକୁ ଖସିଆସିଛି। ତଥାପି, ଗୋଟିଏ ମାସରେ ଆମେରିକୀୟ ଅଶୋଧିତ ତୈଳର ମୂଲ୍ୟ ପ୍ରାୟ୨୨ ପ୍ରତିଶତ ବୃଦ୍ଧି ପାଇଛି।

## ଯୁଦ୍ଧ ବଢିଲେ ଭାରତ ସହିବ ବଡ଼ କ୍ଷତି | ମହଙ୍ଗା ହେବ ବଜାର

ନୂଆଦିଲ୍ଲୀ,୨୨।୬(ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନା ଏବେ ଏକ ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଏହି ଯୁଦ୍ଧ ଆହୁରି ବଢ଼େ ତେବେ ଏହାର ସବୁଠାରୁ ବଡ଼ ପ୍ରଭାବ ପଶ୍ଚିମ ଏସିଆର ଦେଶଗୁଡ଼ିକ ସହିତ ଭାରତର ବାଣିଜ୍ୟ ଉପରେ ପଡ଼ିବ। ଏଥିରେ ଇରାନ, ଇରାକ, ଜୋର୍ଡାନ, ଲେବାନନ, ସିରିଆ ଏବଂ ୟେମେନ ଭଳି ଦେଶ ଅନ୍ତର୍ଭୁକ୍ତ, ଯେଉଁଠିକି ଭାରତର ମୋଟ ରପ୍ତାନି ୮.୬ ବିଲିୟନ ଡଲାର ଏବଂ ଆମଦାନି ୩୩.୧ ବିଲିୟନ ଡଲାର ରହିଛି।

ମୁମ୍ବାଇର ରପ୍ତାନିକାରୀ ଏବଂ ଟେକ୍ନୋକ୍ରାଫ୍ଟ ଇଣ୍ଡଷ୍ଟ୍ରିଜ୍ ଇଣ୍ଡିଆର ପ୍ରତିଷ୍ଠାତା ଶରଦ କୁମାର ସରାଫ ଚେତାବନୀ ଦେଇଛନ୍ତି ଯେ ଏହି ଯୁଦ୍ଧ ଭାରତର ବାଣିଜ୍ୟ ଉପରେ ଏକ ବଡ଼ ପ୍ରଭାବ ପକାଇବ। ଭାରତ ଆର୍ଥିକ ବର୍ଷ ୨୦୨୪-୨୫ରେ ଇରାନକୁ ମୋଟ ୧.୨୪ ବିଲିୟନ ଡଲାରର ରପ୍ତାନି କରିଥିଲା, ଯେଉଁଥିରେ ବାସମତୀ ଚାଉଳ ୭୫୩.୨ ନିୟୁତ ଡଲାର), କଦଳୀ, ସୋୟାବିନ୍ ମିଲ୍, ଚଣା ଏବଂ ଚା' ଭଳି କୃଷି ଉତ୍ପାଦ ପ୍ରମୁଖ ଥିଲା। ଏହି ସମୟ ମଧ୍ୟରେ ଭାରତ ଇରାନରୁ ୪୪୧.୮ ନିୟୁତ ଡଲାରର ଆମଦାନୀ ମଧ୍ୟ କରିଥିଲା। ଇସ୍ରାଏଲ ସହିତ ଭାରତର ବାଣିଜ୍ୟ ୨.୧ ବିଲିୟନ ଡଲାର (ରପ୍ତାନି) ଏବଂ ୧.୬ ବିଲିୟନ ଡଲାର (ଆମଦାନୀ) ଥିଲା। ଜିଟିଆର୍‌ଆଇ ଅନୁଯାୟୀ, ଆମେରିକାର ପ୍ରତିବନ୍ଧକ ଯୋଗୁଁ ଏହି ଉଭୟ ଦେଶ ପୂର୍ବରୁ ଆର୍ଥିକ ଚାପରେ ଅଛନ୍ତି। ବର୍ତ୍ତମାନ ଯୁଦ୍ଧ ଯୋଗୁଁ, ବର୍ଦ୍ଧିତ ପେମେଣ୍ଟ ବ୍ୟବସ୍ଥା ଏବଂ ପରିବହନ ବିପଦ ଯୋଗୁଁ ଭାରତର ବାଣିଜ୍ୟ ଆହୁରି ପ୍ରଭାବିତ ହୋଇପାରେ। ଏଥିରେ ସବୁଠାରୁ ବଡ଼ ଚିନ୍ତା ହେଉଛି ହର୍ମୁଜ୍ ପ୍ରଣାଳୀ, ଯେଉଁଠାରୁ ଭାରତର ୬୦-୬୫% ଅଶୋଧିତ ତୈଳ ଯୋଗାଣ ହୁଏ। ଇରାନ ଏହି ଜଳପଥକୁ ବନ୍ଦ କରିବାକୁ ଧମକ ଦେଇଛି। ଏହି ମାର୍ଗ ଏତେ ଗୁରୁତ୍ୱପୂର୍ଣ୍ଣ ଯେ ଏହା କେବଳ ବିଶ୍ୱ ତୈଳ ବାଣିଜ୍ୟର ପ୍ରାୟ ୨୦ ପ୍ରତିଶତ ପରିଚାଳନା କରେ। ଏହି ପ୍ରଣାଳୀ ଇରାନ ଏବଂ ଓମାନ / ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଅବସ୍ଥିତ। ଏହା ମାଧ୍ୟମରେ ସାଉଦି ଆରବ, ଇରାନ, ଇରାକ, କୁୱେତ ଏବଂ କତାରରୁ ତେଲ ଏବଂ ଏଲଏନଜି ରପ୍ତାନି କରାଯାଏ। ଯଦି ଏଠାରେ ଯୋଗାଣ ବାଧାପ୍ରାପ୍ତ ହୁଏ, ତେବେ ଭାରତରେ ଇନ୍ଧନ ମହଙ୍ଗା ହୋଇଯିବ, ମୁଦ୍ରାସ୍ଫୀତି



ବୃଦ୍ଧି ପାଇବ, ଟଙ୍କା ଉପରେ ଚାପ ପଡ଼ିବ ଏବଂ ଆର୍ଥିକ ସନ୍ତୁଳନ ଖରାପ ହୋଇପାରେ।

ହୁଥି ବିଦ୍ରୋହୀଙ୍କ ଆକ୍ରମଣ ଯୋଗୁଁ ଲାଲ ସାଗର ମାର୍ଗ ପୂର୍ବରୁ ପ୍ରଭାବିତ ହୋଇଛି, ଯାହା ଭାରତ-ୟୁରୋପ ଏବଂ ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟକୁ ପ୍ରଭାବିତ କରିଛି। ଭାରତର ୮୦% ୟୁରୋପୀୟ ବାଣିଜ୍ୟ ଏବଂ ମୋଟ ରପ୍ତାନିର ୩୪% ଏହି ସମୁଦ୍ର ପଥ ଦେଇ ହୋଇଥାଏ। ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ମଧ୍ୟ ଚେତାବନୀ ଦେଇଛି ଯେ ଯଦି ପରିସ୍ଥିତି ସମାନ ରହେ, ତେବେ ୨୦୨୫ରେ ବିଶ୍ୱ ବାଣିଜ୍ୟ ୦.୨% ହ୍ରାସ ପାଇପାରେ, ଯେତେବେଳେ କି ପୂର୍ବରୁ କାରବାରରେ ୨.୭% ଅଭିବୃଦ୍ଧି ଆକଳନ କରାଯାଇଥିଲା। ଭାରତ ଇରାନ ସହିତ ଐତିହାସିକ ଏବଂ ରଣନୈତିକ ସମ୍ପର୍କ ରହିଛି। ଛାବାହାର ବନ୍ଦର, ଯାହା ଭାରତକୁ ଆଫଗାନିସ୍ତାନ ଏବଂ ମଧ୍ୟ ଏସିଆକୁ ସିଧାସଳଖ ପ୍ରବେଶ ପ୍ରଦାନ କରେ।

## ଲାଲ୍‌ଚନ୍ଦ୍‌ର ମନ୍‌ସୁନ୍ ସେଲ୍




ଭୁବନେଶ୍ୱର,୨୨।୬(ସମିସ): ଲାଲ୍‌ଚନ୍ଦ ଜୁଏଲର୍ସ ଏହାର ଗ୍ରାହକମାନଙ୍କ ଲାଗି 'ମନ୍‌ସୂନ୍ ସେଲ୍' ଅଫର ଆଣିଛି। ଏଥିରେ ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ମେସିନ୍-ନିର୍ମିତ ସୁନା ଚେନ୍‌ରେ ଗଢ଼ା ମଜୁରୀ ଫ୍ଲାଟ୍ ୭୯୯ ଟଙ୍କା/ଗ୍ରାମ୍ ରହିଛି। ସେହିପରି ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ଡିଜାଇନର୍ ସୁନା ଅଳଙ୍କାରରେ ଗଢ଼ା ମଜୁରୀ ଫ୍ଲାଟ୍ ୧୧୯୯ ଟଙ୍କା/ଗ୍ରାମ୍, ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ଆଣ୍ଟିକ୍ ଏବଂ ଇଟାଲିଆନ୍ ଡିଜାଇନ୍‌ର ସୁନା ଅଳଙ୍କାରରେ ଗଢ଼ା ମଜୁରୀ ଫ୍ଲାଟ୍ ୧୩୯୯ ଟଙ୍କା/ଗ୍ରାମ୍ ଏବଂ ରୁପା ଗହଣାର ଗଢ଼ା ମଜୁରୀରେ ଫ୍ଲାଟ୍ ୫୦% ରିଆତି ରହିଛି। ଏହାଛଡା ଲାଲ୍‌ଚନ୍ଦ୍‌ର ମନ୍‌ସୂନ୍ ସେଲ୍‌ରେ ଗ୍ରାହକ ହୀରା ଅଳଙ୍କାର ଉପରେ ଫ୍ଲାଟ୍ ୨୦,୦୦୦ ଟଙ୍କା/କ୍ୟାରେଟ୍ ରିହାତି, ନିର୍ଦ୍ଦିଷ୍ଟ ହାତଘଣ୍ଟାର ଏମ୍‌ଆର୍‌ପି ଉପରେ ଫ୍ଲାଟ୍ ୨୦% ରିଆତି,ବ୍ରାଣ୍ଡେଡ୍ ସାମଗ୍ରୀ ଉପରେ ଫ୍ଲାଟ୍ ୧୫% ରିଆତି ରହିଛି। ଏତଦ୍‌ବ୍ୟତୀତ ପୁରୁଣା ଏଚ୍‌ୟୁଆଇଡି ସୁନା ଏକ୍ସଚେଞ୍ଜ୍‌ରେ ଗ୍ରାହକ ୧୦୦% ସୁନା ମୂଲ୍ୟ ପାଇପାରିବେ। ଆଗାମୀ ଲକ୍ଷପତି ଲକି ଡ୍ର' ଜୁଲାଇ ମାସରେ ଅନୁଷ୍ଠିତ ହେବ ବୋଲି ଲାଲ୍‌ଚନ୍ଦ ଜୁଏଲର୍ସପକ୍ଷରୁ କୁହାଯାଇଛି।

## ଲ୍ୟାରି ଏଲିସନ୍ ବିଶ୍ୱର ଦ୍ୱିତୀୟ ଧନୀ

ନୂଆଦିଲ୍ଲୀ,୨୨।୬(ଏଜେନ୍ସି)

- **ଜେଫ୍ ବେଜୋସ, ମାର୍କ ଜୁକରବର୍ଗଙ୍କୁ ପଛରେ ପକାଇଲେ**
- **ସମ୍ପତ୍ତି ୨୫୦.୯ ବିଲିୟନ୍ ଡଲାର**

୮୦ ବର୍ଷ ବୟସରେ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ହେଲେ ଟେକ୍ନୋଲୋଜି କମ୍ପାନୀ ଓରାକଲ ପ୍ରତିଷ୍ଠାତା ଲ୍ୟାରି ଏଲିସନ୍। ସେ ଆମଜାନର ଜେଫ୍ ବେଜୋସ୍ ଏବଂ ମେଟାର ମାର୍କ ଜୁକରବର୍ଗଙ୍କୁ ପଛରେ ପକାଇ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ହୋଇଛନ୍ତି। ଫର୍ଚ୍ୟୁନ ରିପୋର୍ଟ ଅନୁସାରେ ତାଙ୍କର ବିଜନେସ୍ ଷ୍ଟକ୍‌ରେ ୪୦ ମିଲିଅନ ଡଲାର ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ତାଙ୍କ ସମ୍ପତ୍ତି ମୂଲ୍ୟ ୨୫୦.୯ ବିଲିୟନ ଡଲାର ହୋଇଯାଇଛି। ଧନୀ ତାଲିକାରେ ଏଲିସନ୍ ବର୍ତ୍ତମାନ କେବଳ ଟେସଲା ସିଇଓ ଏଲନ ମସ୍କଙ୍କ ପଛରେ ରହିଛନ୍ତି। ମସ୍କ ୪୦୫.୮ ବିଲିୟନ ଡଲାର ସମ୍ପତ୍ତି ସହ ବିଶ୍ୱର ଏକ ନମ୍ବର ଧନୀ ବ୍ୟକ୍ତି ହୋଇଛନ୍ତି। ଏଲିସନଙ୍କ ପାଖରେ କମ୍ପାନୀର ପ୍ରାୟ ୪୧ ପ୍ରତିଶତ ସେୟାର ଅଛି ଏବଂ ଓରାକେଲର ସେୟାର ବୃଦ୍ଧି ପାଇବା ପରେ, ତାଙ୍କ ସମ୍ପତ୍ତି ଗୋଟିଏ ଦିନରେ ୨୫ ବିଲିୟନ ଡଲାର ବୃଦ୍ଧି ପାଇଥିଲା। ତା'ପରେ ପୁଣିଥରେ ଆଉ ୧୬ ବିଲିୟନ ଡଲାର ବୃଦ୍ଧି ପାଇଥିଲା। ଗତ ମଙ୍ଗଳବାର କମ୍ପାନୀ ଏହାର ଆୟ ରିପୋର୍ଟ ପ୍ରକାଶ କରିବାର ଗୋଟିଏ ଦିନ ପୂର୍ବରୁ, ଏଲିସନଙ୍କ ନେଟ୍ ସମ୍ପତ୍ତି ୨୧୩ ବିଲିୟନ ଡଲାର ଥିଲା। ଓରାକେଲର ଅଧ୍ୟକ୍ଷ ଏବଂ ଚିଫ୍ ଟେକ୍ନୋଲୋଜି ଅଫିସର ଲ୍ୟାରି ଏଲିସନ୍ ଅନ୍ୟମାନଙ୍କ ସହ ୧୯୭୭ ମସିହାରେ ଏକ ଡାଟାବେସ୍ ସଫ୍ଟୱେର୍ କମ୍ପାନୀ ଭାବରେ ଓରାକେଲ୍ ପ୍ରତିଷ୍ଠା କରିଥିଲେ। ସମୟ ଅନୁସାରେ



ଏହି କମ୍ପାନୀ ବିଶ୍ୱସ୍ତରୀୟ କ୍ଲାଉଡ୍ କମ୍ପ୍ୟୁଟିଂର ପାୱାର ହାଉସରେ ପରିଣତ ହୋଇଥିଲା। ଯାହା ଏଲିସନ୍‌ଙ୍କୁ ବିଶ୍ୱର ୧୦ ଧନୀ ବ୍ୟକ୍ତି ତାଲିକାରେ ସାମିଲ୍ କରାଇଥିଲା। ହେଲେ ଏବେ ୮୦ ବର୍ଷ ବୟସରେ ସେ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ହୋଇଛନ୍ତି। ଏଲିସନ ନିଜର ରୋକ୍‌ଠୋକ୍ ବ୍ୟକ୍ତିତ୍ୱ ଓ ଅସାଧାରଣ ଜୀବନଶୈଳୀ ପାଇଁ ଜଣାଶୁଣା। ଜୀବନକୁ ବିଳାସପୂର୍ଣ୍ଣ କରିବାରେ ତାଙ୍କର ଅଧିକ ଖର୍ଚ୍ଚ ହୋଇଥାଏ। ଏଲିସନ ୨୦୧୨ରେ ହାୱାଇର ଷଷ୍ଠ ବୃହତମ ଦ୍ୱୀପ ଲାନାଇର ୯୮% ଏରିଆକୁ ପ୍ରାୟ ୩୦୦ ନିୟୁତ ଡଲାରରେ କିଣିଥିଲେ।

କେବଳ ସେତିକି ନୁହେଁ, ତାଙ୍କ ପାଖରେ ନିଜର ସ୍ୱତନ୍ତ୍ର ବିମାନ ରହିଥିବା ବେଳେ ପାଇଲଟ ଭାବରେ ଲାଇସେନ୍ସ ବି ଅଛି। ଏଲନ ମସଙ୍କର ସେ ଜଣେ ଭଲ ବନ୍ଧୁ ହୋଇଥିବା ବେଳେ ଟେସ୍‌ଲାରେ ସେ ବଡ଼ ନିବେଶ କରିଛନ୍ତି। ଏକଥା ସେ ନିଜେ କହିଥିଲେ। ତେବେ ସବୁଠାରୁ ବଡ଼ କଥା ହେଲା ଆଇଏମ୍‌ଏଫ୍ ଆକଳନ ଅନୁଯାୟୀ, ଏଲିସନଙ୍କ ମୋଟ ସମ୍ପତ୍ତି କେବଳ ଆରବପତିଙ୍କ ସମ୍ପତ୍ତିଙ୍କୁ ଟପି ନାହିଁ ବରଂ ଏହା କେତେକ ଦେଶର ମୋଟ ଜିଡିପିକୁ ମଧ୍ୟ ଅତିକ୍ରମ କରିଯାଇଛି।

## ଡିଜିସିଏର ସତର୍କବାଣୀ; ବଢୁଛି ଏୟାର୍ ଇଣ୍ଡିଆର ସମସ୍ୟା

ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପରେ ଏୟାର ଇଣ୍ଡିଆର ସମସ୍ୟା ଥମିବାର ନାଁ ନେଉନି। ଗୋଟିଏ ପଟେ ଏୟାର ଇଣ୍ଡିଆର ଉଡାଣ ବାତିଲ୍ ହେଉଛି ତ ଅନ୍ୟପଟେ ବୈଷୟିକ ତ୍ରୁଟି ଯୋଗୁ ଉଡାଣ ପୁନଃ କାର୍ଯ୍ୟସୂଚୀ ପ୍ରସ୍ତୁତ ହେଉଛି। ଏଣୁ ଏୟାର ଇଣ୍ଡିଆ ଏବେ ପରିଚାଳନାଗତ ସମସ୍ୟା ମଧ୍ୟରେ ଛନ୍ଦି ହୋଇଯାଇଛି। ଏଥିରେ ଏବେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆକୁ ସବୁଠୁ ବଡ଼ ଚେତାବନୀ ଜାରି କରିଛନ୍ତି। ଡିଜିସିଏ ଏୟାର ଇଣ୍ଡିଆକୁ ଚେତାବନୀ ଜାରି କରି କହିଛନ୍ତି ଯେ ଯଦି ବିମାନ ପରିଚାଳନାରେ ଏପରି ସମସ୍ୟା ଜାରି ରୁହେ ବେ ଆଗକୁ ଏୟାର ଲାଇନ୍ସର



ଲାଇସେନ୍ସ ବାତିଲ୍ କରାଯାଇ ପରେ। ନିୟାମକଙ୍କଠୁ ମିଳିଥିବା ଏହି ଚେତାବନୀ ଏୟାରଲାଇନ୍ସର ଭବିଷ୍ୟତକୁ ନେଇ ପ୍ରଶ୍ନ ଚିହ୍ନ ଲଗାଇଛି। ନିକଟରେ ଏୟାର ଇଣ୍ଡିଆ ୩ ବରିଷ୍ଠ ଅଧିକାରୀଙ୍କୁ ସେମାନଙ୍କ ପଦରୁ ହଟାଇଛି। ଏଥିରେ ଏୟାର ଇଣ୍ଡିଆର ଡିଭିଜନାଲ ଭାଇସ୍ ପ୍ରେସିଡେଣ୍ଟ କ୍ରୁ ସିଡ୍ୟୁଲିଂ ମ୍ୟାନେଜର ଓ କ୍ରୁ ସିଡ୍ୟୁଲିଂ ପ୍ଲାନିଂ ଅଫିସରଙ୍କୁ ସେମାନଙ୍କ ପଦରୁ ହଟାଇଯାଇଛି। ରିପୋର୍ଟ ଅନୁସାରେ ଏୟାର ଇଣ୍ଡିଆ ପାଇଲଟ ଡ୍ୟୁଟି ସିଡ୍ୟୁଲିଂ, ପରିଚଳନା ଏବଂ ଗମ୍ଭୀର ଉଲ୍ଲଂଘନ ଜଣାପଡିବା ପରେ ଡିଜିସିଏ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିମାନ ନିୟାମକ ସ୍ପଷ୍ଟ କରିଛନ୍ତି ଯେ ଫ୍ଲାଇଟ୍ ସିଡ୍ୟୁଲିଂ ଅଥବା ଉଡ଼ାଣ ସମୟ ସମ୍ପର୍କିତ କୌଣସି ନିୟମ ଉଲ୍ଲଂଘନ ମାମଲାରେ ଏବେ ଏୟାର ଇଣ୍ଡିଆ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହି କାର୍ଯ୍ୟାନୁଷ୍ଠାନରେ ଅପରେଟର ପରମିସନ ବାତିଲ୍ ବି ହୋଇପାରେ। କେବଳ ଏତିକି ନୁହେଁ ଡିଜିସିଏ ଏୟାର ଇଣ୍ଡିଆକୁ ୨୦୨୪ ବର୍ଷରେ କରାଯାଇଥିବା ସବୁ ଇନସ୍ପେକ୍ସନ ଓ ଅଡିଟ ବିବରଣୀ ତୁରନ୍ତ ପ୍ରଦାନ କରିବାକୁ କହିଛନ୍ତି। ସେହିପରି ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ଡିଜିସିଏ ଦେଶର ପୁରା ବିମାନ ଚଳାଚଳ ପ୍ରଣାଳୀର ୩୬୦ ଡିଗ୍ରି ସ୍କାନିଂ ଆଦେଶ ଦେଇଛନ୍ତି। ଏଥିରେ ବିମାନ ଉଡ଼ାଣ ସଞ୍ଚାଳନ, ରକ୍ଷଣାବେକ୍ଷଣ, ଲାଇସେନ୍ସିଂ, ସୁରକ୍ଷା ପ୍ରବନ୍ଧନ, ପ୍ରଶିକ୍ଷଣ ସଂସ୍ଥାନ, ଏମଆରଓରୁ ଆରମ୍ଭ କରି ଏଟିସି ପର୍ଯ୍ୟନ୍ତ ପୁରା ଯାଞ୍ଚ ହେବ।

## ଡକ୍ଟର ଶିବ ପ୍ରସାଦ ମହାନ୍ତି ଭାରତୀୟ ସାର ସଂଘର ସହାଧ୍ୟକ୍ଷ ନିର୍ବାଚିତ

ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ହିନ୍ଦୁସ୍ତାନ ଉର୍ବାରକ ଏବଂ ରସାୟନ ଲିମିଟେଡ୍ (ଏଚ୍‌ୟୁଆର୍‌ଏଲ୍)ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ସିବା ପ୍ରସାଦ ମହାନ୍ତି ଭାରତୀୟ ସାର ସଂଘ(ଏଫ୍‌ଏଆଇ)ର ସହାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଏ ନେଇ ଏଚ୍‌ୟୁଆର୍‌ଏଲ୍ ପକ୍ଷରୁ ଘୋଷଣା କରାଯାଇଛି। ଏହି ସମ୍ମାନଜନକ ନିଯୁକ୍ତି ସାର କ୍ଷେତ୍ରରେ ସ୍ଥାୟୀ କୃଷି ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବାରେ ଡକ୍ଟର ମହାନ୍ତିଙ୍କ ନିରନ୍ତର ନେତୃତ୍ୱକୁ ପ୍ରତିଫଳିତ କରୁଛି। ଏହି ପ୍ରମୁଖ ଭୂମିକାରେ ତାଙ୍କର ନିର୍ବାଚିତ ହେବା ଶିଳ୍ପ ମଧ୍ୟରେ ଗଭୀର ସହଯୋଗ ଏବଂ ରଣନୈତିକ ଅଭିବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସହାଧ୍ୟକ୍ଷ ଭାବରେ ଡକ୍ଟର ମହାନ୍ତି ରାଷ୍ଟ୍ର ପାଇଁ ସନ୍ତୁଳିତ ସାର ବ୍ୟବହାର, ନୀତିଗତ ସମର୍ଥନ ଏବଂ ଖାଦ୍ୟ ସୁରକ୍ଷାର ମିଶନକୁ ଆଗକୁ ବଢ଼ାଇବା ପାଇଁ ଏଫ୍‌ଏଆଇ ସଦସ୍ୟ କମ୍ପାନୀଗୁଡ଼ିକ ସହିତ କାମ କରିବେ।



## ୨୦୨୪-୨୫ରେ ୨.୨୩ ଲକ୍ଷ କୋଟିର ଜିଏସ୍‌ଟି ଚୋରି

ନୂଆଦିଲ୍ଲୀ,୨୨।୬(ଏଜେନ୍ସି)

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ୨୦୨୪-୨୫ରେ୨.୨୩

### ତଦନ୍ତ ନିର୍ଦ୍ଦେଶ ଦେଲେ ଅର୍ଥମନ୍ତ୍ରୀ

ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଠକେଇ ଚିହ୍ନଟ କରିଛି। ଗୁରୁବାର ଏଠାରେ ଅନୁଷ୍ଠିତ ସିବିଆଇସି ସମ୍ମିଳନୀରେ ଦିଆଯାଇଥିବା ସରକାରୀ ତଥ୍ୟରେ ଏହା ପ୍ରକାଶ ପାଇଛି। ଏହାପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସମ୍ମିଳନୀରେ ଅଧ୍ୟକ୍ଷତା କରି ଅର୍ଥମନ୍ତ୍ରୀ ସୀମା ଶୁଳ୍କ ଏବଂ ସିଜିଏସ୍‌ଟି ମାମଲାର ତଦନ୍ତ ଶୀଘ୍ର ସମାପ୍ତ କରିବାକୁ, ଟିକସ ଠକେଇ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଜିଏସ୍‌ଟି ପଞ୍ଜିକରଣ ଏବଂ ଅଭିଯୋଗ ସମାଧାନରେ ସମୟୋଚିତ ଉନ୍ନତି ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ ଆର୍ଥିକବର୍ଷରେ ପ୍ରାୟ ୬୨.୨୧ ପ୍ରତିଶତ ଜିଏସ୍‌ଟି ଦାତାଙ୍କ ଅଡିଟ୍ କରାଯାଇଥିଲା ଏବଂ ୨୦୨୫ ଆର୍ଥିକ ବର୍ଷରେ ଏହି ସଂଖ୍ୟା ୮୮.୭୪ ପ୍ରତିଶତକୁ ବୃଦ୍ଧି ପାଇଛି। ଅଧିକାରୀମାନେ କହିଛନ୍ତି ଯେ ତିନି ବର୍ଷରେ କୌଣସି କରଦାତାଙ୍କର ଏକାଧିକ ଥର ଅଡିଟ୍ କରାଯାଇନାହିଁ। ରିଫଣ୍ଡରେ ଉନ୍ନତି




ବିଷୟରେ ସୂଚନା ଦେଇ କୁହାଯାଇଥିଲା ଯେ ୬୦ ଦିନର ନିର୍ଦ୍ଧାରିତ ଅବଧି ମଧ୍ୟରେ ୮୫ ପ୍ରତିଶତ ଦାବି ସମାଧାନ କରାଯାଇଛି। ୨୦୨୪-୨୫ ମଧ୍ୟରେ ଜିଏସ୍‌ଟିଆର୍-୩ବି ରିଟର୍ଣ୍ଣ ଦାଖଲ କରିବାର ଜାତୀୟ ହାର ୯୪.୩ ପ୍ରତିଶତ ଥିଲା। ଏହି ସମୟରେ, ଅଭିଯୋଗ ସମାଧାନରେ ମଧ୍ୟ ଉନ୍ନତି ଦେଖାଯାଇଛି ଏବଂ ହାରାହାରି ସମାଧାନ ସମୟ ନିର୍ଦ୍ଧାରିତ ୨୧ ଦିନରୁ ହ୍ରାସ ପାଇ ୯ ଦିନ ହୋଇଛି। ବିଜ୍ଞପ୍ତିରେ କୁହାଯାଇଛି, କେନ୍ଦ୍ରୀୟ ସାର୍ବଜନୀନ ଅଭିଯୋଗ ସମାଧାନ ଏବଂ ମନିଟରିଂ ସିଷ୍ଟମ ଉପରେ ୯୫ ରୁ ୯୭ ପ୍ରତିଶତ ଆବେଦନ ୩୦ ଦିନ ମଧ୍ୟରେ ସମାଧାନ କରାଯାଉଛି, ଯାହା ଏକ ଉତ୍କୃଷ୍ଟ ପ୍ରଦର୍ଶନ। ଏହି ପ୍ରଦର୍ଶନ ଗତ ବର୍ଷ ଫେବୃଆରୀଠାରୁ ଏହି ସିଷ୍ଟମରେ ରାଙ୍କିଂରେ ୯୦ ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ ମଧ୍ୟରେ ସିବିଆଇସିକୁ ଶୀର୍ଷ ପାଞ୍ଚଟି ସ୍ଥାନରେ ପହଞ୍ଚାଇଛି। ସୀତାରମଣ ବିଭାଗକୁ କରଦାତା ଏବଂ ବାଣିଜ୍ୟ ସଂଗଠନ ମଧ୍ୟରେ ସଚେତନତା ଅଭିଯାନ ବୃଦ୍ଧି କରିବାକୁ କହିଛନ୍ତି। ବିଶେଷକରି ଜିଏସ୍‌ଟି ପଞ୍ଜିକରଣ ପାଇଁ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଉପରେ ଅର୍ଥମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ଷମତା ଉପରେ ଭରସା ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ନିଜକୁ କମଜୋର ଭାବନ୍ତୁ ନାହିଁ । ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡିବେ । ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ । ରାଜନେତାଙ୍କ ପାଇଁ ଭଲ ସମୟ ।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ । ଧନପ୍ରାପ୍ତି ଯୋଗ ରହିଛି । ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ । କିଣା-ବିକାରେ ସମୟ ବିତିବ । ବୈବାହିକ ଜୀବନ ସୁଖମୟ ହେବ ।

**କନ୍ୟା:** ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିପାରେ । ଅକସ୍ମାତ ଖୁସି ଖବର ପାଇବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ ।

**ବିଛା:** କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ । ସାମାଜିକ କାର୍ଯ୍ୟରେ ସାମିଲ ହେବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି ।

## ଆଜିର ଐତିହ୍ୟ

- ୧୭୬୧- ମହାନ ମରାଠା ପେଶୱା ବାଲାଜୀ ବାଜିରାଓଙ୍କ ବିୟୋଗ ।
- ୧୯୫୩- ଭାରତୀୟ ଜନସଂଘର ସଂସ୍ଥାପକ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଦେହାନ୍ତ ।
- ୧୯୮୦- ଇନ୍ଦିରା ଗାନ୍ଧୀଙ୍କ ପୁତ୍ର ସଞ୍ଜୟ ଗାନ୍ଧୀଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ।
- ୧୯୯୪-ଉତ୍ତର କୋରିଆ ପରମାଣୁ କାର୍ଯ୍ୟକ୍ରମ ସ୍ଥଗିତ ରଖିବା ପାଇଁ ଘୋଷଣା କଲା ।
- ୨୦୧୬- ବ୍ରିଟେନବାସୀ ୟୁରୋପୀୟ ସଂଘରୁ ଅଲଗା ହେବା ସପକ୍ଷରେ ଭୋଟ୍ ଦେଲେ ।

## ପାଞ୍ଚ ମିନିଟ୍‌ରେ ଖାଇଲେ ୩୨ଟି ଆମ୍ବ



ସାମାଜିକ ଗଣମାଧ୍ୟମରେ ଅନେକ ସମୟରେ ଫୁଡ୍ ଚ୍ୟାଲେଞ୍ଜର ଭିଡିଓଗୁଡ଼ିକ ଭାଇରାଲ ହୋଇଥାଏ । ଏହି କ୍ରମରେ ବିହାରର ଇଶାନ କୁମାର ମାତ୍ର ପାଞ୍ଚ ମିନିଟ୍‌ରେ ୩୨ଟି ଆମ୍ବ ଖାଇ ଏବେ ଚର୍ଚ୍ଚାରେ ରହିଛନ୍ତି । ବିହାର, ମଧୁବନି ଜିଲ୍ଲାର ସରସୋପାହି ଗାଁ ସ୍ଥିତ ସାର୍ ଗଙ୍ଗାନାଥ ଝା ପାଠାଗାରରେ ପ୍ରତିବର୍ଷ 'ମିଥିଳା ଆମ୍ବ ଉତ୍ସବ' ଆୟୋଜିତ ହୋଇଥାଏ । ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏହି ଉତ୍ସବକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମନରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । 'ଆମ୍ବ ଖାଅ ପ୍ରତିଯୋଗିତା'ରେ ଛୋଟ ପିଲାଠୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଅଂଶଗ୍ରହଣ କରିଥିଲେ । ଚଳିତବର୍ଷ ଏହି ଆୟୋଜନରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଇଶାନ କୁମାର ମାତ୍ର ୫ମିନିଟ୍ ମଧ୍ୟରେ ୩୨ ଟି ଆମ୍ବ ଖାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିଭଳି ରାଜେଶ ମଣ୍ଡଳ ପାଞ୍ଚ ମିନିଟ୍‌ରେ ୨୬ଟି ଆମ୍ବ ଖାଇ ଦ୍ୱିତୀୟ ସ୍ଥାନରେ ଏବଂ ହର୍ଷ ନାଥ ଝା ୫ ମିନିଟ୍ ୨୨ଟି ଆମ୍ବ ଖାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଜେତାମାନଙ୍କୁ ପୁରସ୍କାର ଦିଆଯାଇ ସମ୍ମାନିତ କରାଯାଇଥିଲା । ତେବେ ମିଥିଳାରେ ଆୟୋଜିତ ହେଉଥିବା ଏହି ଉତ୍ସବ ପାଇଁ ବିଭିନ୍ନ ସ୍ଥାନରୁ ଆମ୍ବର ଭିନ୍ନ ଭିନ୍ନ କିସମ ଅଣାଯାଇଥାଏ । ଏହାବାଦ୍ ସ୍ଥାନୀୟ ଚାଷୀଙ୍କଠାରୁ ଆମ୍ବ କିଣାଯାଇ ଏହାକୁ ଉତ୍ସବରେ ପ୍ରଦର୍ଶନ କରାଯାଇଥାଏ । ଡିଜିଟାଲ ଦୁନିଆରୁ ଲୋକଙ୍କୁ କିଛି ସମୟ ବାହାର କରି ଆଣିବା ତଥା ପରମ୍ପରାଗତ ଖାଦ୍ୟକୁ ପ୍ରୋତ୍ସାହନ ଦେବା ନିମନ୍ତେ ଏହି ଉତ୍ସବର ଆୟୋଜନ କରାଯାଉଥିବା ଏହାର ଆୟୋଜକମାନେ କହିଛନ୍ତି ।

## କିଆରାଙ୍କ ପାଇଁ ଯଶ୍ ନେଲେ ଏହି ନିଷ୍ପତ୍ତି





ବଲିଉଡ୍ ଅଭିନେତ୍ରୀ କିଆରା ଆଡ଼ଭାନୀ ଏବେ ଗର୍ଭବତୀ ଥିବାରୁ କିଛି ଫିଲ୍ମରୁ ସେ ବାଦ୍ ପଡ଼ି ଯାଇଛନ୍ତି । 'ଡନ୍-୩'ରୁ ସେ ବାଦ୍ ପଡ଼ିବା ପରେ ଏବେ ତାଙ୍କ ବଦଳରେ ଏଥିରେ କ୍ରିତି ସାନନ୍ ନଜର ଆସିବେ । ଏହାବାଦ୍ କିଆରା ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ ସହ 'ଟକ୍ସିକ୍' ଫିଲ୍ମରେ ନଜର ଆସିବେ । ଏହି ଫିଲ୍ମର କିଛି ଅଂଶ ସୁଟ୍ କରାଯାଇଥିଲେ ବି ଅଧାରୁ ଅଧିକ ସୁଟିଂ ବାକି ଅଛି । ତେବେ ଯଶ୍, କିଆରା ଗର୍ଭବତୀ ଥିବା କଥା ଜାଣି ଫିଲ୍ମକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଫିଲ୍ମର ସୁଟିଂ ବେଙ୍ଗାଲୁରୁରେ ହେଉଥିଲା । ଯଶ୍ କିଆରାଙ୍କ ପାଇଁ ଏବେ ଏହାର ସେଟ୍ ମୁମ୍ବାଇରେ କରିବାକୁ ନିର୍ଦ୍ଦେଶକ ଗୀତୁ ମୋହନଦାସ ଓ ପ୍ରଯୋଜକ ଭେଙ୍କଟ କେ. ନାରାୟଣଙ୍କୁ ଅନୁରୋଧ କରିଛନ୍ତି । କିଆରାଙ୍କୁ ଯେମିତି ଯାତ୍ରା କରିବା ଯୋଗୁଁ କୌଣସି ଅସୁବିଧା ନ ହେବ ଯଶ୍ ଏପରି କରିଥିବା ଜଣାପଡ଼ିଛି । ଏହା ୧୯ ମାର୍ଚ୍ଚ, ୨୦୨୬ରେ ରିଲିଜ୍ ହେବ । ଏହି ଆକ୍ସନ-ଆଡଭେଞ୍ଚର ଫିଲ୍ମରେ ହୁମା କ୍ୟୁରେସି, ତାରା ସୂତାରିଆ, ଅକ୍ଷୟ ଓବରୟ ମଧ୍ୟ ନଜର ଆସିବେ । ଏହି ଫିଲ୍ମ ହିନ୍ଦୀ ବ୍ୟତୀତ କନ୍ନଡ଼, ଇଂରାଜୀ ସହ ଅନ୍ୟ ଛଅଟି ଭାଷାରେ ରିଲିଜ୍ ହେବ । ଫିଲ୍ମର ପୋଷ୍ଟର୍‌ରେ ଯଶ୍‌ଙ୍କ ଲୁକ୍ ଦେଖି ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ।

## ମରିବା ପୂର୍ବରୁ ମାଛ ଯନ୍ତ୍ରଣାରେ ଛଟପଟ ହୁଏ



ପ୍ରତିଦିନ ମଣିଷଙ୍କ ଖାଇବା ପାଇଁ ଲକ୍ଷ ଲକ୍ଷ ସଂଖ୍ୟକ ମାଛ ମରାଯାଏ । ମାଛ ମରିବା ପୂର୍ବରୁ ଭୀଷଣ ଯନ୍ତ୍ରଣାରେ ଛଟପଟ ହୋଇଥାଏ ବୋଲି ନିକଟରେ ଏକ ଗବେଷଣାରୁ ପ୍ରକାଶ ପାଇଛି । କେତେକ ମାଛ ମରିବା ପୂର୍ବରୁ ୨-୨୦ ମିନିଟ୍ ପର୍ଯ୍ୟନ୍ତ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇଥାନ୍ତି ବୋଲି ଏହି ଗବେଷଣାରେ କୁହାଯାଇଛି । ତେବେ ଏହି ଗବେଷଣା ରେନ୍‌ବୋ ଟ୍ରାଉଟ୍ ନାମକ ମାଛ ଉପରେ କରାଯାଇଥିଲା । ଏହି ମାଛକୁ ମାରିବା ପାଇଁ ଏୟାର ଆସ୍‌ଫିକ୍ସିଏସନ (ଶ୍ୱାସରୁଦ୍ଧ କରି ମାରିବା) ପଦ୍ଧତିର ସାହାଯ୍ୟ ନିଆଯାଇଥିଲା । ଉକ୍ତ ପ୍ରକ୍ରିୟାରେ ପ୍ରଥମେ ମାଛକୁ ପାଣିରୁ ବାହାର କରାଯାଏ । ଏହାପରେ ମାଛଗୁଡ଼ିକୁ ପବନରେ ଛାଡ଼ି ଦିଆଯାଏ । ଏହି ପ୍ରକ୍ରିୟାରେ ଧୀରେ ଧୀରେ ଅମ୍ଳଜାନ ଅଭାବରୁ ମାଛଟି ଶ୍ୱାସରୁଦ୍ଧ ହୋଇ ମରିଯାଏ । ସେହିପରି ପବନରେ ମାଛଟି କେବଳ ଗୋଟିଏ ମିନିଟ୍ ରହିବା ପରେ ହିଁ ତା'ର ଶରୀରରେ ପ୍ରତିକ୍ରିୟା ଆରମ୍ଭ ହୋଇଯାଏ । ଏହାଦ୍ୱାରା ମାଛର ଯନ୍ତ୍ରଣା ବୃଦ୍ଧି ପାଏ ଏବଂ ଏହା ୨-୨୦ ମିନିଟ୍ ପର୍ଯ୍ୟନ୍ତ ଚାଲେ । ଏହି କାରଣ ଯୋଗୁଁ ମାଛକୁ ଅସହନୀୟ ଯନ୍ତ୍ରଣା ସହିବାକୁ ପଡ଼ିଥାଏ । ସେହିପରି କିଛି ସ୍ଥାନରେ ମାଛକୁ ମାରିବା ପୂର୍ବରୁ ବରଫରେ ରଖାଯାଏ । ହେଲେ ଏହି ଉପାୟ ଅତ୍ୟନ୍ତ ଯନ୍ତ୍ରଣାଦାୟକ । ବରଫରେ ମାଛର ମେଟାବଲିଜିମ୍ ଧୀମା ହୋଇଯାଏ । ଏହାଦ୍ୱାରା ସେମାନେ ଚେତାଶୂନ୍ୟ ହେବା ଲାଗି ଅଧିକ ସମୟ ଲାଗେ । ଫଳରେ ସେମାନଙ୍କର ଯନ୍ତ୍ରଣା ସହିବା ସମୟ ଅଧିକ ହୋଇଯାଏ । ସେହିପରି ଏହି ଗବେଷଣାରେ ଏହାର ସମାଧାନ ସମ୍ପର୍କରେ ବି କୁହାଯାଇଛି । ଇଲେକଟ୍ରିକ୍ ଷ୍ଟନିଂ (ବିଦ୍ୟୁତ୍ ଅଚେତନ ବିଧି)କୁ ଆପଣାଇବା ଦ୍ୱାରା ମାଛର ଯନ୍ତ୍ରଣା କମ୍ ହୋଇଥାଏ ବୋଲି ଏଥିରେ କୁହାଯାଇଛି । ତେବେ ଏହି ଗବେଷଣା ସମୟରେ ଗବେଷକମାନେ ୱେଲଫେୟାର୍ ଫୁଟ୍‌ପ୍ରିଣ୍ଟ ଫ୍ରେମ୍‌ୱାର୍କ ନାମକ ଏକ ବୈଜ୍ଞାନିକ ପଦ୍ଧତିର ସାହାଯ୍ୟ ନେଇଥିଲେ । ଏହାଦ୍ୱାରା ପ୍ରତି ମିନିଟ୍‌ର ଯନ୍ତ୍ରଣାକୁ ଆକଳନ କରାଯାଏ । ତେବେ ଏହି ଗବେଷଣା ମାଛମାନଙ୍କ ପ୍ରତି ମାନବୀୟ ବ୍ୟବହାର ପ୍ରଦର୍ଶନ ପାଇଁ ଆହ୍ୱାନ ସୃଷ୍ଟି କରିଛି ।



## ଘୋଷ ଯାତ୍ରା

**ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳିତ ହୁଏ ରଥଯାତ୍ରା । ଏହାକୁ 'ଘୋଷ ଯାତ୍ରା', 'ଶ୍ରୀଗୁଣ୍ଡିଚା ଯାତ୍ରା', 'ପତିତପାବନ ଯାତ୍ରା', 'ଆଡ଼ପମଣ୍ଡପ ଯାତ୍ରା', 'ଦଶାବତାର ଯାତ୍ରା' ବୋଲି ମଧ୍ୟ କୁହାଯାଏ । ଓଡ଼ିଶାର ମୁଖ୍ୟ ଯାତ୍ରା ଭାବେ ପୁରୀ ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ । ସେହିପରି ଏହା ଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରେ ପ୍ରଧାନ । ଏହା ପୁରୀ ବ୍ୟତୀତ ବିଭିନ୍ନ ସ୍ଥାନରେ ପାଳିତ ହେଉଛି ।**

ମହାପ୍ରଭୁ ଶ୍ରୀଜଗନ୍ନାଥ ବର୍ଷକୁ ଥରେ ରତ୍ନସିଂହାସନ ଛାଡ଼ି ଭକ୍ତଗହଣକୁ ରଥଯାତ୍ରା ଦିନ ଆସନ୍ତି । ରତ୍ନବେଦୀ ଛାଡି ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରାରେ ଯାଇଥାନ୍ତି ଚତୁର୍ଦ୍ଧାମୂର୍ତ୍ତି । ଘଣ୍ଟଘଣ୍ଟା, ଭଜନ କୀର୍ତ୍ତନ କାହାଳିରେ ଝୁଲି ଝୁଲି ଆସି ରଥାରୂଢ଼ ହୋଇଥାନ୍ତି ଶ୍ରୀଜୀଉ । ଏହି ଦିନ ଘଣ୍ଟ, ଶଙ୍ଖ ବାଦରେ ବଡ଼ଦାଣ୍ଡ ପ୍ରକମ୍ପିତ ହୁଏ । ଶ୍ରୀମନ୍ଦିରରୁ ପହଣ୍ଡି ହୋଇ ତିନି ରଥରେ ଶ୍ରୀବିଗ୍ରହ ବିଜେ କରନ୍ତି । ସେହିପରି ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ ସହ ରଥ ଟାଣିବାକୁ ଉତ୍କଣ୍ଠାର ସହ ଭକ୍ତମାନେ ଚାହିଁଥାନ୍ତି ।

## ମେହେନ୍ଦି ଲଗାଇବାର ମହତ୍ତ୍ୱ

**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଆଷାଢ଼ ମାସରେ ମେହେନ୍ଦି ଲଗାଇବାର ବିଶେଷ ମହତ୍ତ୍ୱ ଅଛି । ମୁଖ୍ୟତଃ ଏହି ମାସରେ ପାଣିପାଗରେ ପରିବର୍ତ୍ତନ ଦେଖାଦିଏ । ଏଣୁ ଏହି ସମୟରେ ମେହେନ୍ଦି ଲଗାଇଲେ ଏହା ଶରୀରକୁ ଶୀତଳତା ପ୍ରଦାନ କରିବା ସହ ମନକୁ ଶାନ୍ତ ରଖେ ।**

ଆଷାଢ଼ ମାସରେ ମେହେନ୍ଦି ରଙ୍ଗ ଯେତେ ଗାଢ଼ ହେବ, ଏହା ସେତିକି ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ରଙ୍ଗ କେବଳ ହାତକୁ ସୁନ୍ଦର କରି ନ ଥାଏ, ଏହାର ସମ୍ବନ୍ଧ ଗ୍ରହ ସହ ବି ଜଡ଼ିତ ଥାଏ । ଜାତକରେ ମଙ୍ଗଳ ଓ ଶୁକ୍ର ଗ୍ରହକୁ ଶାନ୍ତ କରିବା ଲାଗି ମେହେନ୍ଦି ଲଗାଇବା ଶୁଭ । କାରଣ ମଙ୍ଗଳ ଗ୍ରହ ଶକ୍ତି ଓ କ୍ରୋଧ ସହ ସମ୍ବନ୍ଧିତ ଥିବା ବେଳେ ଶୁକ୍ର ଗ୍ରହ ପ୍ରେମ ଏବଂ ସମ୍ପର୍କ ସହ ଜଡ଼ିତ । ତେଣୁ ମେହେନ୍ଦି ଲଗାଇବା ଦ୍ୱାରା ଏହି ଦୁଇ ଗ୍ରହ ସନ୍ତୁଳନରେ ରହେ ।

କୁହାଯାଏ, ବିବାହିତା ମହିଳା ଆଷାଢ଼ରେ ମେହେନ୍ଦି ଲଗାଇଲେ ବୈବାହିକ ଜୀବନ ସୁଖମୟ ହୋଇଥାଏ । ଘରେ ଶାନ୍ତି ବଜାୟ ରହେ । ସେହିପରି ମାନ୍ୟତା ଅଛି, ସନ୍ତାନ ପ୍ରାପ୍ତି ଲାଗି ମେହେନ୍ଦି ଲଗାଇବା ଶୁଭ । ଆଷାଢ଼ ମାସରେ ଭଗବାନ ବିଷ୍ଣୁଙ୍କ ପୂଜାର ବିଶେଷ ମହତ୍ତ୍ୱ ଅଛି । ଏହି ମାସରେ ଦେବଶୟନ ଏକାଦଶୀ ବ୍ରତ ପାଳନ କରାଯାଏ । ଏହି ଅବସରରେ ମେହେନ୍ଦି ଲଗାଇବା ଭଲ । ଏହି ସମୟରେ ଭଗବାନ ବିଷ୍ଣୁ ଶୟନ ଅବସ୍ଥାରେ ଥାନ୍ତି । ଏହି ସମୟରେ ଭଗବାନ ବିଷ୍ଣୁଙ୍କୁ ମେହେନ୍ଦି ଅର୍ପଣ କରିବା ଶୁଭ । ଜାତକରେ ନକାରାତ୍ମକ ପ୍ରଭାବ ଅନୁଭୂତ ହେଉଥିଲେ ମେହେନ୍ଦି ଲଗାଇବା ଶୁଭ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ମେହେନ୍ଦି ଲଗାଇବାର ଉତ୍ତମ ଦିନ ହେଉଛି ବୁଧବାର ଓ ଶୁକ୍ରବାର ।

## ସ୍ୱସ୍ତି

## ଜନ୍ମବାରରୁ ବ୍ୟକ୍ତିତ୍ୱ



**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଜାତକ, ରାଶି, ଜନ୍ମତିଥିରୁ ଯେଭଳି ଜଣକ ବ୍ୟକ୍ତିତ୍ୱ ଓ ସ୍ୱଭାବ ସମ୍ପର୍କରେ ଜାଣି ହୁଏ । ଠିକ୍ ସେହିପରି ଜନ୍ମବାରରୁ ଜଣଙ୍କ ସ୍ୱଭାବ ଓ ବ୍ୟବହାର ବାବଦରେ ଜାଣିବା ସମ୍ଭବ । ଏହି କ୍ରମରେ କେଉଁ ବାରରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିଙ୍କ ସ୍ୱଭାବ କିଭଳି ହୋଇଥାଏ, ସେ ସମ୍ପର୍କରେ ଜାଣିବା ।**

**ରବିବାର:** ରବିବାର ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ଭାଗ୍ୟଶାଳୀ ହୋଇଥାନ୍ତି । ସେମାନଙ୍କଠାରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ପ୍ରାଣୀଙ୍କୁ ମଧ୍ୟ ନିଜ ପ୍ରତି ଆକର୍ଷିତ କରିବାର କଳା ଥାଏ । ସେହିପରି ଏଭଳି ଲୋକେ ସହଜରେ ସାଙ୍ଗସାଥୀ ଓ ପରିବାର ସଦସ୍ୟଙ୍କୁ ପ୍ରଭାବିତ କରିପାରନ୍ତି । ମୁକ୍ତ ଚିନ୍ତାଧାରାର ହୋଇଥିବା ବେଳେ ସ୍ୱାଧୀନତାକୁ ଭଲପାଆନ୍ତି । ସେହିପରି ଥରେ ଯାହା ନିର୍ଣ୍ଣୟ ନେଇଥାନ୍ତି, ସେମାନେ ସେହି କାମ କରନ୍ତି ।

**ସୋମବାର:** ଏହି ବାରରେ ଜନ୍ମିତ ବ୍ୟକ୍ତି ସ୍ୱଭାବରେ ଯତ୍ନବାନ ହୋଇଥାନ୍ତି । ଲୋକଙ୍କୁ ସୁରକ୍ଷିତ ଓ ସହଜ ଅନୁଭବ କରାଇବାକୁ ସେମାନେ ଭଲପାଆନ୍ତି । ଲୋକଙ୍କ ସହ ସହଜରେ ମିଶି ଯାଆନ୍ତି । ତେଣୁ ଲୋକଙ୍କଠାରୁ ଦୂରେଇବା କଷ୍ଟକର ହୁଏ । ଘରେ ରହିବାକୁ ଭଲପାଆନ୍ତି ଏବଂ ଘରେ ହିଁ ସେମାନେ ବାସ୍ତବିକ ଶାନ୍ତିକୁ ଅନୁଭବ କରନ୍ତି ।

**ମଙ୍ଗଳବାର:** ଯେଉଁ ବ୍ୟକ୍ତି ମଙ୍ଗଳବାର ଜନ୍ମଗ୍ରହଣ କରିଥାନ୍ତି, ସେମାନେ ଉର୍ଜାବାନ ହୋଇଥାନ୍ତି । ସବୁବେଳେ କିଛି ନୂଆ କରିବାକୁ ପ୍ରସ୍ତୁତ ଥାନ୍ତି । ଏଭଳି ଲୋକଙ୍କ ଗୋଡ଼ ହଲାଇବା ଅଭ୍ୟାସ ଥାଏ । ତେବେ ନୂଆ ଜିନିଷ ସନ୍ଧାନ କରିବାକୁ ପସନ୍ଦ କରନ୍ତି ଏବଂ ବୁଝି ବିଚାରି କଥା କୁହନ୍ତି ।

**ବୁଧବାର:** ଯେଉଁମାନେ ବୁଧବାରରେ ଜନ୍ମ ହୋଇଥାନ୍ତି, ସେମାନେ ଯୋଗାଯୋଗ ମାମଲାରେ କୁଶଳୀ ହୋଇଥାନ୍ତି । ଏଭଳି ବ୍ୟକ୍ତିଙ୍କଠାରେ କଥା ମାଧ୍ୟମରେ ଅନ୍ୟକୁ ସହଜରେ ପ୍ରଭାବିତ କରିବାର କ୍ଷମତା ଥାଏ । ବେବେଳେବେଳେ ବେପରୁଆ ମନୋଭାବ ଦେଖାନ୍ତି । ଭ୍ରମଣ ପ୍ରିୟ ହୋଇଥିବା ବେଳେ ଅନ୍ୟମାନଙ୍କଠାରୁ ବେଶି କିଛି ଆଶା ରଖନ୍ତି ନାହିଁ ।

**ଗୁରୁବାର:** ଗୁରୁବାର ଜନ୍ମିତ ବ୍ୟକ୍ତି ସୌଭାଗ୍ୟଶାଳୀ ଓ ଉତ୍ତମ ପରାମର୍ଶଦାତା ହୋଇଥାନ୍ତି । ଠିକ୍ ସମୟରେ ଉନ୍ନତି କରିବା ସହ ଖୁସି ଅନୁଭବ କରନ୍ତି । ସେମାନଙ୍କର ଅନ୍ୟତମ ବିଶେଷତ୍ୱ ହେଉଛି, ପରିବାର କଥା ବହୁତ ଚିନ୍ତା କରନ୍ତି । ଏଭଳି ଲୋକ ଶୀଘ୍ର ଏବଂ ସହଜରେ ବିରକ୍ତି ହୋଇଥାନ୍ତି । ତେଣୁ ଜୀବନକୁ ରୋମାଞ୍ଚକର କରିବା ପାଇଁ ନୂଆ ଉପାୟର ଖୋଜନ୍ତି ।

**ଶୁକ୍ରବାର:** ଉକ୍ତ ବାରରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ଆକର୍ଷଣୀୟ ଓ ସୃଜନାତ୍ମକ ହୋଇଥାନ୍ତି । ଆରାମ ଓ ବିଳାସପୂର୍ଣ୍ଣ ଜୀବନ ଜିଇଁବାକୁ ପସନ୍ଦ କରନ୍ତି । ସବୁ କାମରେ ପୂର୍ଣ୍ଣତା ଚାହିଁଥାନ୍ତି । ବିଶେଷକରି ପ୍ରେମ ବ୍ୟାପାରରେ ।

**ଶନିବାର:** ଶନିବାର ଜନ୍ମିତ ବ୍ୟକ୍ତି ସ୍ୱଭାବରେ କଠିନ ପରିଶ୍ରମୀ, ବିଶ୍ୱାସଯୋଗ୍ୟ ଏବଂ ଦାୟିତ୍ୱବାନ ହୋଇଥାନ୍ତି । ଯେଉଁ କାମ କରନ୍ତି, ସେଥିରେ ବୁଡ଼ି ରହିବାକୁ ପସନ୍ଦ କରନ୍ତି । ସେମାନଙ୍କରଠାରେ ଉତ୍ତମ ବ୍ୟାବସାୟିକ କଳା ଥାଏ । ସେହିପରି ସ୍ୱଭାବରେ ଲାଜକୁଳା ହୋଇଥିବାରୁ ଏକାକୀ ଓ ଅଲଗା ରହିବାକୁ ଭଲପାଆନ୍ତି । ଏପରିକି ବେଳେ ବେଳେ ପ୍ରେମ ମାମଲାରୁ ଦୂରେଇ ରହନ୍ତି ।

## ଉପହାରରେ ଧାର୍ମିକ ଗ୍ରନ୍ଥ

**ଜ୍ୟୋତିଷ ଶାସ୍ତ୍ର ତଥା ପୁରାଣରେ ଦାନର ବିଶେଷ ମହତ୍ତ୍ୱ ଥିବା କୁହାଯାଇଛି । ଉପହାରକୁ ବି ଦାନର ସ୍ୱରୂପ ଭାବେ ବିବେଚନା କରାଯାଏ । ଏହି କ୍ରମରେ ଉପହାରରେ ଭଗବଦ ଗୀତା, ରାମଚରିତ ମାନସ, ରାମାୟଣ, ଠାକୁରଙ୍କ ମୂର୍ତ୍ତି ଆଦି ପ୍ରଦାନ କରଯାଏ । ତେବେ ଏସବୁ ଦେବା ଠିକ୍ ନା ଭୁଲ୍, ସେ ସମ୍ପର୍କରେ ଜାଣିବା ।**



- ଧାର୍ମିକ ଗ୍ରନ୍ଥ ଉପହାରରେ ପ୍ରଦାନ କରିବା ଅତ୍ୟନ୍ତ ପବିତ୍ର । ଏହାକୁ ସାତ୍ୱିକ ଓ ଧାର୍ମିକ ବ୍ୟକ୍ତିଙ୍କୁ ଦିଅନ୍ତୁ ।
- ସତକର୍ମ କରୁଥିବା ବ୍ୟକ୍ତିଙ୍କୁ ଭଗବାନଙ୍କ ମୂର୍ତ୍ତି ବା ଭଗବଦ ଗୀତା ଦେବା ଶୁଭ ।
- ତେବେ ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ନ ଥିବା ବ୍ୟକ୍ତିବିଶେଷଙ୍କୁ ଏଭଳି ଜିନିଷ ଉପହାରରେ ଦିଅନ୍ତୁ ନାହିଁ ।
- ସ୍କନ୍ଦ ପୁରାଣ ଅନୁସାରେ ଭଗବଦ ଗୀତା, ରାମଚରିତ ମାନସ, ରାମାୟଣ ଭଳି ପବିତ୍ର ଗ୍ରନ୍ଥ ଅପାତ୍ରରେ ଦାନ କରନ୍ତୁ ନାହିଁ ।

## ଅଫିସ୍ ବ୍ୟାଗ୍‌ରେ କେଉଁ ଜିନିଷ ରଖିବେ ନାହିଁ

**ସାଧାରଣତଃ ଅଫିସ୍ ବ୍ୟାଗ୍‌ରେ ଅଫିସ୍ ଜିନିଷ ସମେତ କିଛି ନିତ୍ୟବ୍ୟବହାର୍ଯ୍ୟ ଜିନିଷ ରଖାଯାଏ । ଯାହାକି ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଠିକ୍ ନୁହେଁ । ତେବେ କେଉଁ ଜିନିଷ ଅଫିସ୍ ବ୍ୟାଗ୍‌ରେ ରଖିବେ ନାହିଁ, ତାହା ନିମ୍ନରେ ପ୍ରଦତ୍ତ କରାଗଲା ।**

- ଅଫିସ୍ ବ୍ୟାଗ୍‌ରେ ପାନିଆ, ଟୁଥ୍‌ବ୍ରଶ ଆଦି ରଖନ୍ତୁ ନାହିଁ । ଏଭଳି ଜିନିଷ ରଖିବା ଦ୍ୱାରା ନକାରାତ୍ମକ ଶକ୍ତ ସଞ୍ଚାର ହୁଏ । କ୍ୟାରିୟର ଉନ୍ନତିରେ ହୁଏ ନାହିଁ ।
- ଅନେକେ ଅଫିସ୍ ବ୍ୟାଗ୍‌ରେ ଛୋଟ ଛୁରୀ ନଚେତ୍ ନେଲ୍ କଟର ରଖନ୍ତି । ବାସ୍ତୁ ନିୟମ ଦୃଷ୍ଟିରୁ ଏଭଳି କରିବା ଅଶୁଭ । ଏସବୁ ଜିନିଷ ରଖିବା ଦ୍ୱାରା ସହକର୍ମୀଙ୍କ ସହ ବିବାଦ ଉପୁଜେ । ବ୍ୟକ୍ତିତ୍ୱ ପ୍ରଭାବିତ ହେବା ସହ କ୍ୟାରିୟର ବାଧାପ୍ରାପ୍ତ ହୁଏ ।
- ସେହିପରି ଅଫିସ୍ ବ୍ୟାଗ୍‌ରେ ଅପରିଷ୍କାର କପଡ଼ା ରଖନ୍ତୁ ନାହିଁ । ଏହା ଦ୍ୱାରା ସ୍ୱଭାବରେ ପରିବର୍ତ୍ତନ ଆସେ । ବିଶେଷକରି ଚିଡଚିଡାପଣ, କ୍ରୋଧ, ଥକ୍କାପଣ ଦେଖା ଦିଏ । ଫଳରେ ଅଫିସ୍ କାର୍ଯ୍ୟରେ ମନ ଲାଗେ ନାହିଁ ।

## ବୁମ୍‌ରାଙ୍କ ଘାତକ ବୋଲିଂ, ୯୯ ରନ୍‌ରେ ଆଉଟ ହେଲେ ବ୍ରୁକ୍

# ଇଂଲଣ୍ଡ ବିପକ୍ଷରେ ଭାରତ ପ୍ରଥମ ଇନିଂସ ଆଗୁଆ

ଲିଡ୍ସ, ୨୨।୬ (ଏଜେନ୍ସି)

ବିଶ୍ୱର ଶ୍ରେଷ୍ଠ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ଫ୍ଲାଟ୍ ପିଚ୍‌ରେ ଚମତ୍କାର ବୋଲିଂ ବଳରେ ଏଠାରେ ଇଂଲଣ୍ଡ ସହ ଚାଲିଥିବା ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଭାରତ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରଥମ ଇନିଂସରେ ୪୭୧ ରନ୍ କରିଥିଲା। ଜବାବରେ ହ୍ୟାରି ବ୍ରୁକ୍‌ର ୯୯ ଓ ଶେଷ ଭାଗ ବ୍ୟାଟରଙ୍କ ଉପଯୋଗୀ ଯୋଗଦାନ ଫଳରେ ତୃତୀୟ ଦିନ ଟି ସୁଦ୍ଧା ଇଂଲଣ୍ଡ ୪୬୫ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଇଂଲଣ୍ଡର ୫ଜଣ ଖେଳାଳିଙ୍କୁ ଆଉଟ କରି ବୁମ୍‌ରା ସର୍ବାଧିକ କ୍ଷତି ଘଟାଇଥିଲେ। କିନ୍ତୁ ତାଙ୍କ ବୋଲିଂରେ ଭାରତୀୟ ଫିଲ୍ଡରମାନେ ମଧ୍ୟ ୪ଟି କ୍ୟାଚ୍ ହାତଛଡ଼ା କରିଥିଲେ। ଅନ୍ୟ ଦୁଇ ପେସ ବୋଲର ପ୍ରସିଦ୍ଧ କ୍ରିଷ୍ଣା ୩ଟି ଓ ମହମ୍ମଦ୍ ସିରାଜ ୨ଟି ୱିକେଟ ପାଇଥିଲେ। ଏହା ଫଳରେ ଇଂଲଣ୍ଡ ଇନିଂସରେ ସମସ୍ତ ୧୦ଟି ଯାକ ୱିକେଟ ପେସ୍ ବୋଲରଙ୍କୁ ମିଳିଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭାରତ ରବିବାର ଷ୍ଟମ୍ପସ୍ ସୁଦ୍ଧା ୨ ୱିକେଟ୍‌ରେ ୯୦ ରନ୍ ସଂଗ୍ରହ କରିଛି। ଏହି ସମୟରେ ଲୋକେଶ ରାହୁଲ ୪୭ ଓ ଶୁବମନ୍ ଗିଲ୍ ୬ ରନ୍‌ରେ ବ୍ୟାଟିଂ କରୁଥିଲେ । ସାଇ ସୁଦର୍ଶନ ୩୦ ଓ ଯଶସ୍ୱୀ ଜୟସ୍ୱାଲ ୪ ରନ୍‌ରେ ଆଉଟ୍ ହୋଇଛନ୍ତି।



### ■ ଇଂଲଣ୍ଡକୁ ସମ୍ଭାଳିଲେ ହ୍ୟାରୀ ବ୍ରୁକ୍

ଏଠାରେ ଇଂଲଣ୍ଡ ମ୍ୟାଚ୍‌ର ତୃତୀୟ ଦିନ ୩ ୱିକେଟରେ ୨୦୯ ରନ୍‌ରୁ ସତର୍କତାର ସହ ଖେଳିଥିଲା। ପୂର୍ବଦିନ ଶତକ ହାସଲ କରିଥିବା ଓଲି ପୋପ ଆଉ ୬ ରନ୍ କରିବା ପରେ ୧୦୬ ରନ୍ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ। କିନ୍ତୁ ଶୂନ୍ ରନ୍‌ରେ ଅପରାଜିତ ଥିବା ଇଂଲଣ୍ଡ ସୀମିତ ଓଭର ଅଧିନାୟକ ହ୍ୟାରୀ ବ୍ରୁକ୍ ଚମତ୍କାର ଭଙ୍ଗୀରେ ଭାରତୀୟ ବୋଲରଙ୍କୁ ଆକ୍ରମଣ କରିବା ସହ ଶେଷ ଭାଗ ଖେଳାଳିଙ୍କ ସହାୟତାରେ ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ସେ ଖାତା ଖୋଲିବା ପୂର୍ବରୁ କଟ୍ ହୋଇଥିଲେ। କିନ୍ତୁ ତାହା ନୋ ବଲ ଥିଲା। ସେହିପରି ସେ ୮୩ ରନ୍ କରିଥିଲାବେଳେ ବୁମ୍‌ରାଙ୍କ ବୋଲିଂରେ ଯଶସ୍ୱୀ ଜୟସ୍ୱାଲ ଗଲି ଅଞ୍ଚଳରେ ତାଙ୍କ କ୍ୟାଚ୍ ହାତଛଡ଼ା କରିଥିଲେ। ବ୍ରୁକ୍ କିନ୍ତୁ ଶତକ ହାସଲ କରି ପାରି ନ ଥିଲେ। ସେ ୯୯ ରନ୍ କରିଥିଲାବେଳେ କ୍ରିଷ୍ଣାଙ୍କ ବୋଲିଂରେ ଦେଇଥିବା ସୁଯୋଗକୁ ଶାର୍ଦ୍ଦୁଳ ଠାକୁର କ୍ୟାଚ୍ ନେଇ ଆଉଟ କରିଥିଲେ। ତାଙ୍କୁ ସୁଯୋଗ ଦେବା କେତେ ମହଙ୍ଗା ହେବ ତାହା ପରେ ଜଣାପଡ଼ିବ। ଇଂଲଣ୍ଡର ଅନ୍ୟ ଖେଳାଳିମାନେ ମଧ୍ୟ ଉପଯୋଗୀ ସହାୟତା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୱିକେଟରକ୍ଷକ ଜେମି ସ୍ମିଥ ୫୨ ବଲ୍ ଖେଳି ୪୦, କ୍ରିସ୍ ଓକ୍ସ ୫୫ ବଲ୍ ଖେଳି ୩୮ ଓ ବ୍ରାଇଡନ କାର୍ସ ୨୩ ବଲ୍‌ରୁ ୨୨ ରନ୍ ସଂଗ୍ରହ କରିବା ଫଳରେ ଭାରତଠାରୁ ଇଂଲଣ୍ଡ ମାତ୍ର ୬ ରନ୍ ପଛରେ ରହିଥିଲା।

### ■ ବୁମ୍‌ରାଙ୍କ ବୋଲିଂରେ ୪ଟି କ୍ୟାଚ୍ ଡ୍ରପ୍

ଏହି ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସରେ ଭାରତର ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ବୋଲିଂରେ ଫିଲ୍ଡରମାନେ ୪ଟି କ୍ୟାଚ୍ ଡ୍ରପ୍ କରିଛନ୍ତି। ଏହାର ଫାଇଦା ନିଶ୍ଚିତଭାବେ ଇଂଲଣ୍ଡକୁ ମିଳିଛି। ଏହି ୪ଟି ମଧ୍ୟରୁ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ ୩ଟି ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଗୋଟିଏ କ୍ୟାଚ୍ ଡ୍ରପ୍ କରିଥିଲେ। ଖେଳର ଦ୍ୱିତୀୟ ଦିନ ୩ଟି ଓ ତୃତୀୟ ଦିନ ଗୋଟିଏ କ୍ୟାଚ୍ ଡ୍ରପ୍ ହୋଇଥିଲା। କ୍ୟାଚ୍ ଡ୍ରପ୍ ଖେଳର ଏକ ଅଂଶବିଶେଷ ହୋଇପାରେ, କିନ୍ତୁ ଘରୋଇ ମାଟିରେ ଖେଳୁଥିବା ଇଂଲଣ୍ଡ ଏଥିରୁ କେତେ ଫାଇଦା ଉଠାଇବ ତାହା ସମୟ କହିବ। କ୍ୟାଚ୍ ଡ୍ରପ୍ ସତ୍ତ୍ୱେ ବୁମ୍‌ରା ଏହି ସର୍ବାଧିକ ୫ଟି ୱିକେଟ ନେଇଥିଲେ। ଟେଷ୍ଟ କ୍ରିକେଟର ଗୋଟିଏ ଇନିଂସରେ ସେ ଏହାକୁ ମିଶାଇ ୧୪ଥର ସକାଶେ ଏହି ସଫଳତା ପାଇଛନ୍ତି। ତାହା ମଧ୍ୟରୁ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୩ଟି ଓ ମହମ୍ମଦ୍ ସିରାଜଙ୍କ ଖାତାରେ ୨ଟି ରହିଛି।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ**: ୪୭୧ (ଗିଲ-୧୪୭, ପନ୍ତ-୧୩୪, ଜୟସ୍ୱାଲ-୧୦୧, ଷ୍ଟୋକ୍ସ-୪/୬୬, ଟଙ୍ଗ୍-୪/୮୬)।
**ଇଂଲଣ୍ଡ ପ୍ରଥମ ଇନିଂସ** : ୪୬୫ (ପୋପ୍-୧୦୬, ବ୍ରୁକ୍-୯୯, ଡକେଟ-୬୨, ବୁମ୍‌ରା-୫/୮୩, କ୍ରିଷ୍ଣା-୩/୧୨୮, ସିରାଜ- ୨/୧୨୨)।
**ଭାରତ ଦ୍ୱିତୀୟ ଇନିଂସ**: ୯୦/୨ (ରାହୁଲ-୪୭*, ଗିଲ୍-୬*, ସୁଦର୍ଶନ-୩୦, ଜୟସ୍ୱାଲ-୪ ,କାର୍ସ-୧/୨୭)।

## ଗୋଟିଏ ଟେଷ୍ଟରେ ଦୁଇଥର କଳାପଟି ପିନ୍ଧିଲେ ଖେଳାଳି

ଲିଡ୍ସ, ୨୨।୬ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟର ତୃତୀୟ ଦିନରେ ଖେଳାଳିମାନେ କଳାପଟି ପିନ୍ଧି ଖେଳିଥିଲେ। ଆଜି ଇଂଲଣ୍ଡର ପୂର୍ବତନ ଫାଷ୍ଟ ବୋଲର ତଥା ବ୍ରିଟେନରେ ଜନ୍ମିତ ପ୍ରଥମ କୃଷ୍ଣକାୟ କ୍ରିକେଟର ଡେଭିଡ ଲରେନ୍ସଙ୍କ ୬୧ ବର୍ଷରେ ବିୟୋଗ ହୋଇଥିଲା। ତାଙ୍କ ଅମର ଆତ୍ମାକୁ ସମ୍ମାନ ଜଣାଇ ଆଜି ଉଭୟ ଦଳର ଖେଳାଳିମାନେ ହାତରେ କଳାପଟି ପିନ୍ଧି ଖେଳିଥିଲେ। ଏହା ପୂର୍ବରୁ ଭାରତର ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ବିମାନ ଦୁର୍ଘଟଣାରେ ମୃତାହତଙ୍କୁ ସମ୍ମାନ ଜଣାଇ ଉଭୟ ଦଳର ଖେଳାଳିମାନେ ମଧ୍ୟ କଳାପଟି ପିନ୍ଧି ଖେଳିଥିଲେ।

## କୁଇନ୍ସ କ୍ଲବ୍‌ରେ ଆଲ୍‌କାରାଜ୍ ଚାମ୍ପିଅନ

ଲଣ୍ଡନ,୨୨।୬ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ ଜୁନ ୩୦ରୁ ଏଠାରେ ଆରମ୍ଭ ହେବ। ତେବେ ଏହା ପୂର୍ବରୁ ଅନୁଷ୍ଠିତ କୁଇନ୍ସ କ୍ଲବ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇ ଟପ୍ ସିଡ୍ ସ୍ପେନର କାର୍ଲୋସ ଆଲ୍‌କାରାଜ ମନୋବଳ ଦୃଢ଼ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ଆଲ୍‌କାରାଜ ୭-୫, ୬-୭ (୫), ୬-୨ ସେଟ୍‌ରେ ଚେକ୍ ଗଣରାଜ୍ୟର ଜିରି ଲିହେକଙ୍କୁ ପରାସ୍ତ କରି କୁଇନ୍ସ କ୍ଲବରେ ଚାମ୍ପିଅନ ହୋଇଥିଲେ। ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଆଲ୍‌କାରାଜ ୨୦୨୩ ପରେ ପ୍ରଥମ ଏଟିପି-୫୦୦ ଟାଇଟଲ୍ ଜିତିଛନ୍ତି। ସେହିଭଳି ଆଲ୍‌କାରାଜଙ୍କ ଏହା ଗ୍ରାସକୋର୍ଟରେ ୪ର୍ଥ ଟ୍ରଫି।

**୭୮ତମ ଜାତୀୟ ସିନିଅର ଜଳକ୍ରୀଡ଼ା ଉଦ୍‌ଘାଟିତ**

## ଓଡ଼ିଶା ପାଇଁ ସ୍ୱର୍ଣ୍ଣ ଜିତିଲେ ସ୍ରିଷ୍ଟି

ଭୁବନେଶ୍ୱର,୨୨।୬ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଇଣ୍ଡୋର ଆକ୍ୱାଟିକ ସେଣ୍ଟରରେ ରବିବାର ଜାତୀୟ ସିନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍‌ର ୭୮ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଏହି ସମ୍ମାନଜନକ ସନ୍ତରଣ



ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ପ୍ରଥମ ଦିନରେ ସ୍ୱର୍ଣ୍ଣିମ ସଫଳତା ପାଇଛି। ସ୍ରିଷ୍ଟି ଉପାଧ୍ୟାୟ ଘରୋଇ ଦର୍ଶକଙ୍କ ସାମ୍ନାରେ ଏହି ସ୍ୱର୍ଣ୍ଣପଦକ ସଫଳତା ଆଣିଛନ୍ତି। ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ମହିଳା ୧୦୦ ମିଟର ବଟରଫ୍ଲାଏ ଇଭେଣ୍ଟର ଫାଇନାଲରେ ସ୍ରିଷ୍ଟି ୧ ମିନିଟ୍ ୦୩.୫୦ ସେକେଣ୍ଡରେ ଫିନିଶ୍ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ରେଲୱେ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡ (ଆର୍‌ଏସ୍‌ପିବି)ର ଆସ୍ଥା ଚୌଧୁରୀ ମଧ୍ୟ ସମାନ ଟାଇମିଂ ନେଇ ପ୍ରଥମ ସ୍ଥାନରେ ରହିଥିଲେ। ଫଳରେ ସ୍ରିଷ୍ଟିଙ୍କ ସହ ଆସ୍ଥା ଯୁଗ୍ମ ଭାବେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। କର୍ଣ୍ଣାଟକର ଧିନିଧି ଦେଶିଂହୁଙ୍କୁ କାଂସ୍ୟ ପଦକ ମିଳିଥିଲା। ଦୁଇଜଣ ଖେଳାଳି ପ୍ରଥମ ସ୍ଥାନରେ ରହିଥିବାରୁ ଏଥିରେ ରୌପ୍ୟ ପଦକ କାହାରିକୁ ଦିଆଯାଇ ନ ଥିଲା। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ଅଲିମ୍ପିଆନ ଧିନିଧିଙ୍କୁ ପଛରେ ପକାଇ ସ୍ରିଷ୍ଟି ଏହି ସଫଳତା ପାଇଛନ୍ତି। ୧୫ ବର୍ଷୀୟା ଧିନିଧି ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ସେହିଭଳି ଓଡ଼ିଶାର ଅନ୍ୟତମ ଜଣାଶୁଣା ସନ୍ତରଣକାରୀ ମନ୍ନତା ମିଶ୍ର ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଥିଲେ। ସେ ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଫାଇନାଲକୁ ୨ ମିନିଟ୍ ୪୧.୪୩ ସେକେଣ୍ଡରେ ଫିନିଶ କରି ୪ର୍ଥ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ଅନ୍ୟତମ ଓଡ଼ିଆ ସନ୍ତରଣକାରୀ ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ (୨:୪୨.୯୮) ୬ଷ୍ଠ ସ୍ଥାନରେ ରହିଥିଲେ।

ସେହିଭଳି ପ୍ରଥମ ଦିବସରେ ଗୋଟିଏ ନୂଆ ଜାତୀୟରେକର୍ଡ ପ୍ରତିଷ୍ଠା ହୋଇଛି। ପୁରୁଷ ୧୦୦ ମିଟର ବଟରଫ୍ଲାଏରେ ତାମିଲନାଡୁର ବି. ବେନେଡେକସନ ରୋହିତ୍ ୫୨.୫୭ ସେକେଣ୍ଡ ସମୟ ନେଇ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ରବିବାର ଅପରାହ୍ଣରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭାରତୀୟ ସନ୍ତରଣ ମହାସଂଘର ସଭାପତି ଆର୍.ଏନ୍. ଜୟପ୍ରକାଶ, ସମ୍ପାଦକ ମୋନାଲ ଚୋକ୍ସି, ରାଜ୍ୟ ସଂଘର ସମ୍ପାଦକ ଗୋଲାପମଣୀ ମହାନ୍ତ, କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ ପଣ୍ଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜୁନ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ସାରା ଦେଶର ୪୦୦ରୁ ଊର୍ଦ୍ଧ୍ୱ ସନ୍ତରଣକାରୀ ଭାଗନେଇଛନ୍ତି।

## ଟି-୨୦ ବିଶ୍ୱକପ୍‌କୁ କାନାଡାର ଯୋଗ୍ୟତା

ଓଣ୍ଟାରିଓ, ୨୨।୬ (ଏଜେନ୍ସି): ପୁରୁଷ ଟି-୨୦ ବିଶ୍ୱକପ୍‌ର ଆଗାମୀ ସଂସ୍କରଣକୁ ୧୩ତମ ଦଳ ଭାବେ କାନାଡା ଯୋଗ୍ୟତା ଅର୍ଜନ କରିଛି। ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ୨୦୨୬ରେ ଖେଳାଯିବ। କାନାଡା ପୂର୍ବରୁ ଦୁଇ ଆୟୋଜକ ଭାରତ ଓ ଶ୍ରୀଲଙ୍କା ସମେତ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଆମେରିକା, ୱେଷ୍ଟଇଣ୍ଡିଜ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ଯୋଗ୍ୟତା ଅର୍ଜନ କରିଥିଲେ। ଏଥିପୂର୍ବରୁ ୨୦୨୪ରେ ଆମେରିକାରେ ଅନୁଷ୍ଠିତ ସଂସ୍କରଣକୁ କାନାଡା ଯୋଗ୍ୟତା ଅର୍ଜନ କରିଥିଲା। ଏଥିରେ ଗ୍ରୁପ୍ ପର୍ଯ୍ୟାୟର ୪ଟି ମ୍ୟାଚରୁ କେବଳ ଆୟର୍ଲାଣ୍ଡ ବିପକ୍ଷରେ କାନାଡା ବିଜୟ ହାସଲ କରିଥିଲା।

**● ଜାତୀୟ ସିନିଅର ବଧିର କ୍ରୀଡ଼ା**

## ଓଡ଼ିଶା ଟାଏକ୍ୱୋଣ୍ଡୋ ଦଳକୁ ୩ ପଦକ



ଭୁବନେଶ୍ୱର, ୨୨।୬ (ସମିସ): ଉତ୍ତର ପ୍ରଦେଶର କାନପୁରଠାରେ ଅନୁଷ୍ଠିତ ୨୭ତମ ଜାତୀୟ ସିନିଅର ବଧିର କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ଟାଏକ୍ୱୋଣ୍ଡୋ ଦଳ ୩ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ରହିଛି। ଓଡ଼ିଶା ପାଇଁ ମଣ୍ଡଳ ନାୟକ ୮୦ କିଗ୍ରାରୁ କମ୍ ବର୍ଗ ଓ ଶୁଭମ ହେମ୍ବ୍ରମ ୬୯ କିଗ୍ରାରୁ କମ୍ ବର୍ଗରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ୫୮ କିଗ୍ରା ବର୍ଗରେ ମନୋଜ ଦାସ କାଂସ୍ୟପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

**ଚତୁଃରାଷ୍ଟ୍ରୀୟ କନିଷ୍ଠ ପୁରୁଷ ହକି**

## ଅଷ୍ଟ୍ରେଲିଆକୁ ହରାଇଲା ଭାରତ

ବର୍ଲିନ, ୨୨।୬ (ଏଜେନ୍ସି): ଜର୍ମାନୀର ରାଜଧାନୀ ବର୍ଲିନରେ ଚାଲିଥିବା ଚତୁଃରାଷ୍ଟ୍ରୀୟ କନିଷ୍ଠ ପୁରୁଷ ହକିରେ ଭାରତୀୟ ଦଳ ଦ୍ୱିତୀୟ ମୁକାବିଲାରେ ଦମ୍‌ଦାର ବିଜୟ ହାସଲ କରିଛି। ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୩-୧ ଗୋଲ୍‌ରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ମାତ୍ ଦେଇଛି। ପ୍ରତିଯୋଗିତାରେ ଭାରତର ଏହା ପ୍ରଥମ ବିଜୟ। ପୂର୍ବରୁ ପ୍ରଥମ ମ୍ୟାଚରେ ଘରୋଇ ଜର୍ମାନୀ ନିକଟରୁ ୭-୧ ଗୋଲ୍‌ରେ ଭାରତ ପରାସ୍ତ ହୋଇଥିଲା। ଭାରତ ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ସ୍ପେନକୁ ଭେଟିବ। ରବିବାର ଖେଳାଯାଇଥିବା ଏହି ମ୍ୟାଚର ୧୫ତମ ମିନିଟ୍‌ରେ ଶ୍ରଦ୍ଧାନନ୍ଦ ତିୱାରୀଙ୍କ ଗୋଲ୍ ବଳରେ ଭାରତ ପ୍ରଥମାର୍ଦ୍ଧରେ ୧-୦ରେ ଅଗ୍ରଣୀ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ଭାରତ ଆଉ ଦୁଇଟି ଗୋଲ୍ ଦେଇଥିଲା। ୩୬ତମ ମିନିଟ୍‌ରେ ସୌରଭ ଆନନ୍ଦ ଖୁସୱାହ ଓ ୪୩ତମ ମିନିଟ୍‌ରେ ଅମିର ଅଲି ଏହି ଦୁଇଟି ଗୋଲ୍ ଦେଇଥିଲେ। ଫଳରେ ତୃତୀୟାର୍ଦ୍ଧ ସୁଦ୍ଧା ୩-୦ରେ ଭାରତ ଏକପାଖିଆ ଅଗ୍ରଣୀ ରହି ପ୍ରଭାବ ବିସ୍ତାର କରିଥିଲା। ତେବେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଅଷ୍ଟ୍ରେଲିଆ ପାଇଁ ଓଲିଭର ୱିଲ୍ ଗୋଟିଏ ଗୋଲ୍ ଶୁଝାଇଦେଇଥିଲେ ମଧ୍ୟ ଦଳକୁ ୩-୧ରେ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଆୟୋଜକ ଜର୍ମାନୀ ବ୍ୟତୀତ ଭାରତ, ଅଷ୍ଟ୍ରେଲିଆ ଓ ସ୍ପେନ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ରାଉଣ୍ଡ-ରବିନ୍ ଫର୍ମାଟ୍‌ରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ସର୍ବାଧିକ ପଏଣ୍ଟ ରଖିଥିବା ଦୁଇ ଦଳ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ।

## କ୍ରମାଗତ ୭ ପରାଜୟ ପରେ ଶେଷରେ ବିଜୟ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ଅନ୍ତୱେର୍ପ,୨୨।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ୟୁରୋପ୍ ଲେଗ୍ (ଚରଣ)ରେ କ୍ରମାଗତ ୭ ମ୍ୟାଚ୍ ହାରିବା ପରେ ଶେଷରେ ବିଜୟ ସ୍ୱାଦ ଚାଖିଛି। ରବିବାର ଏଠାରେ ଭାରତ ୪-୩ ଗୋଲ୍‌ରେ ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ରହିଥିବା ଘରୋଇ ବେଲ୍‌ଜିୟମକୁ ପରାସ୍ତ କରିଥିଲା। ପୂର୍ବରୁ ଗତକାଲି ବେଲ୍‌ଜିୟମଠାରୁ ୬-୩ ଗୋଲ୍‌ରେ ହାରିଥିବା ଭାରତୀୟ ପୁରୁଷ ଦଳ ଏଥିସହ ମଧୁର ପ୍ରତିଶୋଧ ମଧ୍ୟ ନେଇଛି। ଏଥିସହ ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବିଜୟ ସହ ଚଳିତ ପ୍ରୋ ଲିଗ୍ ଅଭିଯାନ ଶେଷ କରିଛି। ଭାରତ ୧୬ ମ୍ୟାଚ୍ ଖେଳି ୬ ବିଜୟ ଓ ୧୦ ପରାଜୟ ସହ ମୋଟ୍ ୧୮ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ୭ମ ସ୍ଥାନରେ ରହିଛି। ନେଦରଲାଣ୍ଡସ (୩୭ ପଏଣ୍ଟ), ଅଷ୍ଟ୍ରେଲିଆ (୨୭) ଓ ବେଲ୍‌ଜିୟମ (୨୫) ପଏଣ୍ଟ ସହ ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ଭାରତୀୟ ମହିଳା ଦଳ ୟୁରୋପ୍ ଚରଣରେ କ୍ରମାଗତ ୬ଷ୍ଠ ପରାଜୟବରଣ କରିଛି। ରବିବାର ଘରୋଇ ବେଲ୍‌ଜିୟମ ମହିଳା ଦଳ ୨-୦ ଗୋଲ୍‌ରେ ଭାରତକୁ ପରାସ୍ତ କରିଛି। ପୂର୍ବରୁ ଶନିବାର ମଧ୍ୟ ଭାରତୀୟ ମହିଳା ଦଳ ୧-୫ ଗୋଲ୍‌ରେ ବେଲ୍‌ଜିୟମଠାରୁ ହାରିଥିଲା। ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ଦଳ ୧୪ ମ୍ୟାଚରୁ ୯ ପରାଜୟ ସହ ୧୦ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ସର୍ବନିମ୍ନ ସ୍ଥାନକୁ ଖସିଯାଇଛି। ଭାରତ ଏହାର ଶେଷ ଦୁଇ ମ୍ୟାଚରେ ଚାଇନା ବିପକ୍ଷରେ ଖେଳିବ। ଯଦି ଉଭୟ ମ୍ୟାଚ୍‌ରେ ଭାରତ ଯଦି ପରାଜୟବରଣ କରି ପଏଣ୍ଟ ଟେବଲ୍‌ର ସର୍ବନିମ୍ନ ସ୍ଥାନରେ ରୁହେ ତେବେ ଏଫ୍‌ଆଇଏଚ୍ ପ୍ରୋ ଲିଗର ୨୦୨୫-୨୬ ସଂସ୍କରଣରୁ ବାଦ୍ ପଡ଼ିବ।

**ରାଜ୍ୟ ଓପନ୍ ଚେସ୍**

## ଲବ୍ୟଜ୍ୟୋତିଙ୍କୁ ଟାଇଟଲ୍



ଭୁବନେଶ୍ୱର, ୨୨।୬ (ସମିସ): କେନ୍ଦ୍ରାପଡ଼ାର ଲବ୍ୟଜ୍ୟୋତି ରାଉତରାୟ ଏଠାରେ ରବିବାର ଅନୁଷ୍ଠିତ ଚତୁର୍ଥ ଅଲେଖ ଚନ୍ଦ୍ର ଦେବତା ସ୍ମାରକୀ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଦ୍ୱାରା କେଶୁରା ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଲବ୍ୟଜ୍ୟୋତି ଓ ବାଲେଶ୍ୱରର ଶୁଭେନ୍ଦୁ କୁମାର ପାତ୍ର ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଲବ୍ୟଜ୍ୟୋତି ପ୍ରଥମ ଓ ଶୁଭେନ୍ଦୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏମାନଙ୍କ ପଛକୁ ୪ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନେ ହେଲେ ଜଟଣୀର ସ୍ଥିତପ୍ରଜ୍ଞ ସାହୁ, କଟକର ପ୍ରତ୍ୟୁଷ ମହାପାତ୍ର, ଭୁବନେଶ୍ୱରର ବିନୀତ ନାୟକ ଓ ଜଟଣୀର ରଶ୍ମିରଞ୍ଜନ ପାତ୍ର ଯଥାକ୍ରମେ ଦ୍ୱିତୀୟରୁ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ଖେଳଶେଷରେ ସିଡ୍ରିମ୍‌ଜର ଏମ୍‌ଡି ଚିତ୍ତରଞ୍ଜନ ଦେବତା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

**ମାଷ୍ଟର୍ସ କପ୍ ହକି**

## ଓଡ଼ିଶା-ଆନ୍ଧ୍ର କ୍ୱାର୍ଟର ଫାଇନାଲ୍ ଆଜି

ଭୁବନେଶ୍ୱର, ୨୨।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଚାଲିଥିବା ପ୍ରଥମ ମାଷ୍ଟର୍ସ କପ୍‌ର ପୁରୁଷ ବିଭାଗ କ୍ୱାର୍ଟର ଫାଇନାଲ ସୋମବାର ଖେଳାଯିବ। ଓଡ଼ିଶା ହକି ଦଳ ଦ୍ୱିତୀୟ କ୍ୱାର୍ଟରରେ ଆନ୍ଧ୍ର ପ୍ରଦେଶକୁ ଭେଟିବ। ଲାଜରୁସ୍ ବାର୍ଲାଙ୍କ ନେତୃତ୍ୱରେ ଖେଳୁଥିବା ଓଡ଼ିଶା ଭେଟେରାନ ହକି ଦଳ ପୂର୍ବରୁ ପୁଲ୍ ପର୍ଯ୍ୟାୟରେ ପୁଡୁଚେରୀକୁ ୬-୩ ଗୋଲ୍‌ରେ ଓ ପଞ୍ଜାବକୁ ୫-୨ ଗୋଲ୍‌ରେ ହରାଇ କ୍ୱାର୍ଟର ଫାଇନାଲକୁ ଉଠିଛି। ଉଲ୍ଲେଖଯୋଗ୍ୟ, ୪୦ ବର୍ଷରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଭାରତୀୟ ହକି ଖେଳାଳିଙ୍କୁ ନେଇ ପ୍ରଥମଥର ଲାଗି ମାଷ୍ଟର୍ସ କପ୍ ଖେଳାଯାଉଛି। ଏଥିରେ ପୁରୁଷ ବିଭାଗରେ ୧୧ଟି ଓ ମହିଳାରେ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ମହିଳା ବିଭାଗରେ ଓଡ଼ିଶା ୨ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇଛି।

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍**

## କଟକ-ଏ ଚାମ୍ପିଅନ

କଟକ,୨୨।୬(ସମିସ)




ବାରବାଟୀ ଷ୍ଟାଡିୟମରେ ରବିବାର ଆୟୋଜିତ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲାରେ କଟକ-ଏ ୬୭ ରନରେ ଭୁବନେଶ୍ୱର-ଏ'କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପୁରସ୍କାର ସ୍ୱରୂପ ବିଜୟୀ କଟକ-ଏ ଦଳକୁ ଟ୍ରଫି ଏବଂ ୧ଲକ୍ଷ ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ରନର୍ସଅପ ଭୁବନେଶ୍ୱର-ଏ ଦଳକୁ ଟ୍ରଫି ଏବଂ ୫୦ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଇ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ।

ଫାଇନାଲରେ ଘରୋଇ କଟକ-ଏ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅନିଲ ସାହୁଙ୍କ ଶତକୀୟ ପାଳି ସହାୟତାରେ ଦଳ ୪୫ ଓଭରରେ ୮ ୱିକେଟ ହରାଇ ୨୩୭ ରନ ସଂଗ୍ରହ କରିଥିଲା। ଅନିଲ ୧୩୨ ବଲରୁ ୧୦୮ ରନର ଅପରାଜିତ ପାଳି ଖେଳିଥିଲେ। ସେହିଭଳି ପିୟୂଷ ମନ୍ତ୍ରୀ ୧୫ ବଲରୁ ଦ୍ରୁତ ୪୦ ରନ ସଂଗ୍ରହ କରିଥିଲେ। ଭୁବନେଶ୍ୱର-ଏ ପକ୍ଷରୁ ଚନ୍ଦ୍ରାଂଶୁ ବାଘେଲ ଏବଂ ପ୍ରଜ୍ଞା କୁମାର ପତ୍ରି ଯଥାକ୍ରମେ ୩ଟି ଓ ୨ଟି ୱିକେଟ ଦଖଲ କରିଥିଲେ। ଜବାବରେ ୨୩୮ ରନର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଭୁବନେଶ୍ୱର-ଏ'ର ପାଳି ୧୭୦ ରନରେ ସୀମିତ ରହିଥିଲା। ସ୍ୱାଗତ ମିଶ୍ର ୫୧ ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ। ବିଜୟୀ ଦଳ ତରଫରୁ ସମ୍ବିତ ବେଜା ଏବଂ ଜନ୍ମେଜୟ ଜେନା ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଅପରାଜିତ ଶତକୀୟ ପାଳି ଖେଳିଥିବା ଅନିଲଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଓସିଏ ସଦସ୍ୟ ଧୀରେନ ପଲାଇ, ସଂଗ୍ରାମ କେଶରୀ ଗୁମାନ ସିଂହ, ନୃସିଂହ ଚରଣ ଚୌଧୁରୀ, ସୁଶାନ୍ତ ମହାନ୍ତି, ନିର୍ବାଣ ରାୟ, ଶିବବ୍ରତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS